# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୬/୨୦୨୫ (୧୨ ପୃଷ୍ଠା) | Bhubaneswar, Wednesday, August 6/2025 | Page 12 | ₹ 7.00 | DHENKANAL

୫୧ଶ ଭାଗ ୨୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 252 | ମୂଲ୍ୟ ₹୭/-




## ସୁରେଖା ଶ୍ରେଷ୍ଠ ଖେଳାଳି

କାକିନାଡ଼ାଠାରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକିର ମଙ୍ଗଳବାର ଅନୁଷ୍ଠିତ ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚରେ ଓଡ଼ିଶାର ସୁରେଖା ଭୋଳ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

୧୨

୦୨

## ହଂସିକାଙ୍କ ଛାଡ଼ପତ୍ର ଚର୍ଚ୍ଚା

ଅଭିନେତ୍ରୀ ହଂସିକା ମୋଟ୍ୱାନୀ ଇନ୍‌ଷ୍ଟାଗ୍ରାମରେ ନିଜ ବିବାହର ଫଟୋକୁ ଡିଲିଟ୍ କରିଛନ୍ତି। ସ୍ୱାମୀ ସୋହେଲ ଖାତୁରିଆଙ୍କୁ ସେ ଛାଡ଼ପତ୍ର ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।





ବାଦଲଫଟା ବର୍ଷା ଯୋଗୁ ପ୍ରଳୟଙ୍କରୀ ବନ୍ୟାରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଧରାଲି ଗ୍ରାମ ଭାସିଯାଉଥିବା ବେଳର ଦୃଶ୍ୟ।

# ଗାଁ ଭାସିଗଲା: ଅନେକ ମୃତ, ଶତାଧିକ ନିଖୋଜ

**ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା**

**ଉଦ୍ଧାର କାର୍ଯ୍ୟରେ ସେନା, ଏନ୍‌ଡିଆର୍‌ଏଫ୍**

**ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ପୁଣି ତାଣ୍ଡବ ରଚିଛି ପ୍ରକୃତି ବାଦଲଫଟା ବର୍ଷା ଯୋଗୁ ଆସିଥିବା ହଠାତ୍ ପ୍ରଳୟଙ୍କରୀ ବନ୍ୟାରେ ଧରାଲି ଗ୍ରାମ ସମ୍ପୂର୍ଣ୍ଣ ଭାସିଯାଇଛି। ଭୂସ୍ଖଳନ ପରେ ଏହି ପାର୍ବତ୍ୟାଞ୍ଚଳ ଜଳମଗ୍ନ ହୋଇଯାଇଥିବାରୁ ପ୍ରକୃତ ମୃତ୍ୟୁସଂଖ୍ୟା ଜଣାପଡ଼ି ନ ଥିଲେ ମଧ୍ୟ ଅଦ୍ୟାବଧି ୧୦ ଜଣଙ୍କ ପ୍ରାଣହାନି ଘଟିଥିବା ସରକାରୀ ଭାବେ କୁହାଯାଇଛି। ଅନ୍ୟ ୧୦୦ରୁ ଅଧିକ ଗ୍ରାମବାସୀ ଓ ପର୍ଯ୍ୟଟକ ନିଖୋଜ ହୋଇଯାଇଥିବା ଆଶଙ୍କା କରାଯାଉଛି। ଏଥିସହ କୋଠାଗୁଡ଼ିକ ଦିଆସିଲି ଖୋଳ ଭଳି ଭାସିଯାଉଥିବା ଲକ୍ଷ୍ୟ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ସେନା ଓ ବିପର୍ଯ୍ୟୟ ପ୍ରଶମନ ବଳ ନିୟୋଜିତ ହୋଇଛନ୍ତି। ହିମାଳୟରେ ପ୍ରାୟ ୧୦,୦୦୦ ହିମବାହ ରହିଛି, ଯାହାକି ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ତରଳିବାରେ ଲାଗିଛି। ଅନିୟନ୍ତ୍ରିତ ମାନବୀୟ କାର୍ଯ୍ୟକଳାପ ଯୋଗୁ ଏହି ଧାରା ଜାରି ରହିଲେ ଆଗକୁ ପ୍ରାକୃତିକ ବିପର୍ଯ୍ୟୟ କରାଳ ରୂପ ଧାରଣ ବୋଲି ବିଭିନ୍ନ ରିପୋର୍ଟରୁ ଜଣାପଡୁଛି।**

ଉତ୍ତରକାଶୀ,୫।୮

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ମଙ୍ଗଳବାର ବାଦଲଫଟା ବର୍ଷା ଯୋଗୁ ହଠାତ୍ ପ୍ରଳୟଙ୍କରୀ ବନ୍ୟା ଆସିଛି। ଏହି ବନ୍ୟାରେ ବହୁସଂଖ୍ୟାରେ ଘର, ହୋଟେଲ ସମେତ କ୍ଷୀରଗଙ୍ଗା ଉପତ୍ୟକାରେ ଥିବା ଧରାଲି ଗ୍ରାମ ସମ୍ପୂର୍ଣ୍ଣ ଭାସିଯାଇଛି। ଉକ୍ତ ଗାଁ ହର୍ସିଲସ୍ଥିତ ସେନା କ୍ୟାମ୍ପଠାରୁ ମାତ୍ର ୪ କିଲୋମିଟର ଦୂରରେ ଅବସ୍ଥିତ। ବନ୍ୟାରେ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି। ପବିତ୍ର ଗଙ୍ଗୋତ୍ରୀ ଧାମକୁ ସମସ୍ତ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ହଠାତ୍ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁସଂଖ୍ୟାରେ ଘର ପାଣିରେ ବୁଡ଼ି ରହିଥିବାବେଳେ ଅନେକ ଭାସିଯାଇଛି। ଭୟରେ ଲୋକେ ଘରଦ୍ୱାର ଛାଡ଼ି ଦୌଡ଼ିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। କ୍ଷୀରଗଙ୍ଗା ନଦୀ ଅବବାହିକାରେ ଅତି ପ୍ରବଳ ବର୍ଷା ହେବା ଫଳରେ ଗାଁ ଉପରକୁ ହଠାତ୍ ପ୍ରବଳ ଉଚ୍ଚରେ ପାଣି ଓ ପଥର ଖଣ୍ଡ ମାଡ଼ିଆସିଥିଲା। ପର୍ବତାଞ୍ଚଳ ଦେଇ ପାଣିର ପ୍ରଖର ସ୍ରୋତ ମାଡ଼ିଆସୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ୨୫ଟି ହୋଟେଲ୍ ଓ ହୋମ୍‌ଷ୍ଟେ ଧ୍ୱଂସ ହୋଇଥିବାବେଳେ ମାଟି ଓ ପଥର ଖଣ୍ଡ ତଳେ ଅନେକେ ରହିଯାଇଥିବା ସ୍ଥାନୀୟ ଲୋକେ ଆଶଙ୍କା କରିଛନ୍ତି।

ପ୍ରଳୟଙ୍କରୀ ବନ୍ୟାରେ ବ୍ୟାପକ କ୍ଷୟକ୍ଷତିକୁ ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବାବେଳେ ଏଥିରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଜିଲା ପ୍ରଶାସନ ସମେତ ଅନ୍ୟାନ୍ୟ ଟିମ୍ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ନିୟମିତ ଯୋଗାଯୋଗରେ ଥିବାବେଳେ ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଭାରତୀୟ ସେନା ଇବେକ୍ସ ବ୍ରିଗେଡ୍ ସୈନ୍ୟମାନେ ବିପର୍ଯ୍ୟୟ ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛନ୍ତି। ଏହା ବ୍ୟତୀତ ଇଣ୍ଡୋ-ତିବେତାନ ବର୍ଡର ପୋଲିସର ଏକ ୧୬ ଜଣିଆ ଟିମ୍ ଧରାଲିରେ ପହଞ୍ଚି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅନ୍ୟ ୨ଟି ଟିମ୍ ଖୁବ୍‌ଶୀଘ୍ର ପହଞ୍ଚିବେ ବୋଲି ଜଣାପଡ଼ିଛି। ସନ୍ଧ୍ୟା ସୁଦ୍ଧା ଅନ୍ୟୂନ ୧୫ ଜଣଙ୍କୁ ଉଦ୍ଧାର କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମୁଖ୍ୟମନ୍ତ୍ରୀ ଧାମିଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦେଇଛନ୍ତି।

ଧରାଲି ବିପର୍ଯ୍ୟୟରେ ପ୍ରଭାବିତ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସବୁ ପ୍ରକାର ସହାୟତା କରିବାକୁ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ମୂଲ୍ୟବାନ ଜୀବନ ବଞ୍ଚାଇବା ଦିଗରେ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିଆଯାଉଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

## ସତ୍ୟପାଲ ମଲିକଙ୍କ ପରଲୋକ



ନୂଆଦିଲ୍ଲୀ,୫।୮

ଜମ୍ମୁ-କଶ୍ମୀର ସମେତ ବିଭିନ୍ନ ରାଜ୍ୟର ପୂର୍ବତନ ରାଜ୍ୟପାଳ ତଥା ବର୍ଷୀୟାନ ରାଜନେତା ସତ୍ୟପାଲ ମଲିକଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ସେ ଗତ କିଛି ମାସ ହେଲା କିଡ୍‌ନୀଜନିତ ରୋଗରେ ପୀଡ଼ିତ ହୋଇ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଉତ୍ତରପ୍ରଦେଶ ବାଗପତ୍ ଅଞ୍ଚଳର ଜାଟ୍ ନେତା ସତ୍ୟପାଲ ଜଣେ ଛାତ୍ରନେତା ଭାବେ ରାଜନୈତିକ ଜୀବନ ଆରମ୍ଭ କରି ୧୯୭୪ରେ ☞ପୃଷ୍ଠା-୪

## ଶୋଭନା ମହାନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା

**ନିଯୁକ୍ତ ହେଲେ ୪ ସଦସ୍ୟା**

ଭୁବନେଶ୍ୱର,୫।୮ (ରବିନାରାୟଣ ଜେନା)

ଦୀର୍ଘଦିନ ଧରି ରାଜ୍ୟରେ ମହିଳା କମିଶନ ଅଧ୍ୟକ୍ଷା ନିଯୁକ୍ତି ହେଉ ନ ଥିବା ନେଇ ଚାଲିଥିବା କଳ୍ପନାଜଳ୍ପନାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ମଙ୍ଗଳବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲା ରେମୁଣା ଅନ୍ତର୍ଗତ କରଞ୍ଜିଆ ଗ୍ରାମର ଶୋଭନା ମହାନ୍ତିଙ୍କୁ ରାଜ୍ୟ ସରକାର ମହିଳା କମିଶନ ଅଧ୍ୟକ୍ଷା ଭାବେ ନିଯୁକ୍ତ କରିଛନ୍ତି। ଏନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ମହିଳା କମିଶନ ଆଇନ-୧୯୯୩ ଅନୁସାରେ ରାଜ୍ୟ ସରକାର ବିଚାରପୂର୍ବକ ଶୋଭନା



ମହାନ୍ତିଙ୍କୁ ମହିଳା କମିଶନ ଅଧ୍ୟକ୍ଷା ଭାବେ ନିଯୁକ୍ତ କରିଛନ୍ତି। ମହିଳାଙ୍କ ସୁରକ୍ଷା ଲାଗି ଅଧ୍ୟକ୍ଷା ତାଙ୍କ କ୍ଷମତା ଉପଯୋଗ କରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏହାସହ ଅଧ୍ୟକ୍ଷା ଭାବେ କାର୍ଯ୍ୟରେ ☞ପୃଷ୍ଠା-୪

## ୩ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସନ୍ଧ୍ୟାରେ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଆସନ୍ତା ୭ ତାରିଖରେ ଓଡ଼ିଶା ଫେରିବା କାର୍ଯ୍ୟକ୍ରମ ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇଛି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ରର କେତେଜଣ ବରିଷ୍ଠ ନେତାମାନଙ୍କୁ ଭେଟିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଆସନ୍ତା ସେପ୍ଟେମ୍ବର ୧୭ରେ ପଡୁଛି। ଏହିଦିନ ରାଜ୍ୟ ସରକାର ରାଜ୍ୟରେ ୭୫ ଲକ୍ଷ ବୃକ୍ଷରୋପଣ କରିବେ ବୋଲି କହିଛନ୍ତି। ତେଣୁ ଏହିଦିନ ପ୍ରଧାନମନ୍ତ୍ରୀଙ୍କୁ ☞ପୃଷ୍ଠା-୪

## ୧ରୁ ବନ୍ଦ ହେବ ରେଜିଷ୍ଟର୍ଡ ପୋଷ୍ଟ

ନୂଆଦିଲ୍ଲୀ,୫।୮

ଇଣ୍ଡିଆ ପୋଷ୍ଟ ଦୀର୍ଘ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଦେଶବାସୀଙ୍କୁ ରେଜିଷ୍ଟର୍ଡ ଡାକସେବା ଯୋଗାଇ ଆସୁଥିବାବେଳେ ବିଶ୍ୱସନୀୟତା ଓ କମ୍ ଦର ପାଇଁ ଏହା ଜଣାଶୁଣା ଥିଲା। ତେବେ ଆସନ୍ତା ସେପ୍ଟେମ୍ବର ୧ ତାରିଖରୁ ଏହି ସେବା ବନ୍ଦ ହେବାକୁ ଯାଉଛି। ପରିଚାଳନାକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଆଧୁନିକୀକରଣ ପଦକ୍ଷେପର ଅଂଶସ୍ୱରୂପ ରେଜିଷ୍ଟର୍ଡ ଡାକସେବା ବନ୍ଦ ଲାଗି ନିଷ୍ପତ୍ତି ନିଆଯାଇଥିବା ଇଣ୍ଡିଆ ପୋଷ୍ଟ ଘୋଷଣା କରିଛି। ଏହି ପଦକ୍ଷେପ ସ୍ୱରୂପ ରେଜିଷ୍ଟର୍ଡ ପୋଷ୍ଟକୁ ସ୍ପିଡ୍ ପୋଷ୍ଟ ନେଟ୍‌ୱର୍କ ସହ ସାମିଲ କରାଯିବ।

ରେଜିଷ୍ଟର୍ଡ ପୋଷ୍ଟ ପାଇଁ ୨୫ ଟଙ୍କା ୯୬ ପଇସା ଲାଗୁଥିବାବେଳେ ପ୍ରତି ଅତିରିକ୍ତ ୨୦ ଗ୍ରାମ ପାଇଁ ଅଧିକ ୫ ଟଙ୍କା ଦେବାକୁ ପଡୁଥିଲା। ତେଣୁ ଗ୍ରାମାଞ୍ଚଳ ସମେତ ଅଧିକାଂଶଙ୍କର ଏହା ସାମର୍ଥ୍ୟ ଭିତରେ ରହିଥିଲା। ଅନ୍ୟପକ୍ଷରେ ସ୍ପିଡ୍ ପୋଷ୍ଟ ଦେୟ ୫୦ ଗ୍ରାମ୍ ପର୍ଯ୍ୟନ୍ତ ପାର୍ସଲ ପାଇଁ ୪୧ ଟଙ୍କା ପଡୁଛି, ଯାହାକି ୨୦ରୁ ୨୫ ପ୍ରତିଶତ ଅଧିକ ମହଙ୍ଗା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପୁଣି କିଛି ଶିଖୁନାହାନ୍ତି**

# ବଦଳିବ ୧,୬୩୫ ରାଜସ୍ୱ ଗ୍ରାମର ନକ୍ସା

- **ତ୍ୱରିତ ପଦକ୍ଷେପ ପାଇଁ ସବୁ ଜିଲାପାଳ, ଆର୍‌ଡିସିଙ୍କୁ ନିର୍ଦ୍ଦେଶ**
- **ତହସିଲ୍‌ରେ ଖୋଲିବ ସ୍ୱତନ୍ତ୍ର ପ୍ରକୋଷ୍ଠ**

ଭୁବନେଶ୍ୱର,୫।୮ (ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ କିଭଳି ହାତ ପାଆନ୍ତାରେ ରାଜସ୍ୱ ସେବା ମିଳିପାରିବ, ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ୧୬୩୫ଟି ନୂତନ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ କରାଯିବ। ଏହି ନୂତନ ରାଜସ୍ୱ ଗ୍ରାମର ସୀମା ଯେଭଳି ପୁରୁଣା ଗ୍ରାମ ସହ ସଂଶ୍ଳିଷ୍ଟ ନ ରହିବ, ସେନେଇ ରାଜସ୍ୱ ବିଭାଗ ପକ୍ଷରୁ ଏକ ଷ୍ଟାଣ୍ଡାର୍ଡ ଅଫ୍ ପ୍ରୋସିଜ୍ୟୁର(ଏସ୍‌ଓପି) ଜାରି କରାଯାଇଛି। ବିଭାଗର ଏସ୍‌ଓପି ଅନୁଯାୟୀ, ତୁରନ୍ତ ନୂତନ ରାଜସ୍ୱ ଗ୍ରାମଗୁଡ଼ିକର ନକ୍ସା ପରିବର୍ତ୍ତନ କରିବାକୁ ରାଜ୍ୟ ଭୂ-ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକଙ୍କ ସହ ସମସ୍ତ ଜିଲାପାଳ ଏବଂ ଆର୍‌ଡିସିଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଚଳିତମାସ ୨ରେ ନିର୍ଦ୍ଦେଶ ଦିଆଯାଇଛି।

ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓରଞ୍ଜନ କୁମାର ସିଂହ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଦୀର୍ଘଦିନ ଧରି ନୂତନ ରାଜସ୍ୱ ଗ୍ରାମ ଓ ଏହାର ସୀମା ପୁନଃ ନିର୍ଦ୍ଧାରଣ ଲାଗି ଦାବିହୋଇ ଆସୁଥିଲା। ଏହାକୁ ନେଇ ଜିଲାପାଳ, ବନ୍ଦୋବସ୍ତ ଅଧିକାରୀଙ୍କ ପକ୍ଷରୁ ଆସିଥିବା ସୁପାରିସ୍‌କୁ ଆଧାରକରି ସରକାରଙ୍କ ପକ୍ଷରୁ ୧୬୩୫ଟି ରାଜସ୍ୱ ଗ୍ରାମକୁ ଅନୁମୋଦନ ପ୍ରଦାନ କରାଯାଇଛି।

ଏସିଏସ୍ ଦର୍ଶାଇଛନ୍ତି, ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୧୬୩୫ଟି (ବିସିପି) ରାଜସ୍ୱ ଗ୍ରାମ ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ ମିଳିଛି। କିନ୍ତୁ ଏହି ନବଗଠିତ ଗ୍ରାମଗୁଡ଼ିକ ଏପର୍ଯ୍ୟନ୍ତ ତାଙ୍କର ପ୍ରାକ୍ ଗ୍ରାମରୁ ରେକର୍ଡ ଓ ମାନଚିତ୍ର ଦୃଷ୍ଟିରୁ ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇନାହାନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ରାଜସ୍ୱ ଗ୍ରାମ ବିଭାଜନ ଦ୍ୱାରା ଦୁଇଟି ଅଲଗା ଗ୍ରାମ ପାଇଁ ନୂତନ ଭୂ-ରେକର୍ଡ ପ୍ରସ୍ତୁତ ହେବା ଉଚିତ୍, ଯେଉଁଥିରେ ପ୍ରତ୍ୟେକ ରାଜସ୍ୱ ଗ୍ରାମ ନୂତନ ଖାତା ଓ ପ୍ଲଟ୍ ତଥ୍ୟ ରହିବା ଜରୁରୀ। ନୂତନ ରାଜସ୍ୱ ଗ୍ରାମ ସୀମା ପୁନଃ ନିର୍ଦ୍ଧାରଣ ବେଳେ ଯେପରି ପୁରୁଣା ରାଜସ୍ୱ ଗ୍ରାମର ରେକର୍ଡ ମିଶି ନ ଯାଏ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାକୁ ଏସିଏସ୍ ଦର୍ଶାଇଛନ୍ତି।

ସେ କହିଛନ୍ତି ଯେ, ରାଜସ୍ୱ ପର୍ଷଦଙ୍କ ନିର୍ଦ୍ଦେଶ ପାଇବା ପରେ ଜିଲାପାଳ ତାହାର ଏକ କପି ତହସିଲଦାରଙ୍କୁ ପଠାଇବେ, ଯେଉଁଥିରେ ଚାପ୍ଟର-୪ ଅନୁଯାୟୀ ମାନଚିତ୍ର ଓ ରେକର୍ଡରେ ଆବଶ୍ୟକ ପରିବର୍ତ୍ତନ ☞ପୃଷ୍ଠା-୪




## ସଂକ୍ଷେପରେ

### ସମ୍ପୂର୍ଣ୍ଣ ଗାଜା ଦଖଲ ପାଇଁ ନିର୍ଦ୍ଦେଶ ଦେଇପାରେ ଇସ୍ରାଏଲୀ କ୍ୟାବିନେଟ୍

ଜେରୁଜେଲମ୍,୫।୮

ଗାଜାକୁ ସମ୍ପୂର୍ଣ୍ଣ ଦଖଲ କରିବା ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ଦୀର୍ଘ ଇସ୍ରାଏଲୀ କ୍ୟାବିନେଟ୍‌କୁ ଅଧିକାର ମିଳିପାରେ ବୋଲି ଏକ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ପାଲେଷ୍ଟିନୀୟ ଅଞ୍ଚଳର ଭୟାବହ ସ୍ଥିତିକୁ ଲାଘବ କରିବା ନିମନ୍ତେ ଯୁଦ୍ଧବିରତି ପାଇଁ ଅନ୍ତର୍ଜାତୀୟ ଚାପ ବଢ଼ୁଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ଗାଜା ଦଖଲ ପାଇଁ ଇସ୍ରାଏଲ୍ ଯୋଜନା ଚଳାଇଛି। ହମାସ୍ ବିରୋଧରେ ଦୀର୍ଘ ୨୨ ମାସ ଯୁଦ୍ଧ ଚଳାଇବା ପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜାକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବାକୁ ଚାହୁଁଥିବା ଇସ୍ରାଏଲୀ ଚ୍ୟାନେଲ୍-୧୨ ରିପୋର୍ଟ କରିଛି। ତେବେ ଗାଜାକୁ ଅକ୍ତିଆର କରିବା ପରେ ଇସ୍ରାଏଲ୍ ଏହାକୁ ଦୀର୍ଘଦିନ ଧରି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବ ନା ହମାସ୍‌କୁ ଧ୍ୱଂସ କରିବା ଓ ପଣବନ୍ଦୀଙ୍କୁ ମୁକ୍ତ କରିବା ଲକ୍ଷ୍ୟରେ ସ୍ୱଳ୍ପ ସମୟ କବ୍‌ଜା କରିବ, ତାହା ସ୍ପଷ୍ଟ ହୋଇନାହିଁ।

### ଜୟପୁରରେ ୟୁକ୍ରେନ୍ ଫାଷ୍ଟ ଲେଡିଙ୍କ ବିମାନ ଅବତରଣ

ଜୟପୁର,୫।୮

ୟୁକ୍ରେନ୍ ଫାଷ୍ଟ ଲେଡି ଓଲେନା ଭୋଲୋଡିମିରିଭ୍‌ନା ଜେଲେନ୍‌ସ୍କାଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳଙ୍କୁ ନେଇ ଜାପାନର ଟୋକିଓକୁ ଯାଉଥିବା ବିମାନ ଇନ୍ଧନ ଭରିବା ପାଇଁ ରବିବାର ଜୟପୁର ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା। ବିମାନରେ ଅନ୍ୟମାନଙ୍କ ମଧ୍ୟରେ ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରି ସିବିହା ଓ ଜେଲେନ୍‌ସ୍କି ସରକାରର ବରିଷ୍ଠ ସଦସ୍ୟମାନେ ଥିଲେ। ଇନ୍ଧନ ଭରିବା ଅନୁରୋଧକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପୂର୍ବରୁ ଅନୁମୋଦନ କରିଥିଲା।




ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଅନ୍ତର୍ଗତ ଧରାଲିରେ ମଙ୍ଗଳବାର ବାଦଲଫଟା ବର୍ଷା ଯୋଗୁ ହଠାତ୍ ବନ୍ୟା ଆସି ବହୁ ଘରଦ୍ୱାର ଭାସିଯିବା ସହ ଅନେକ ଘର ଆଂଶିକ ବୁଡ଼ି ରହିଛି।

# ଟ୍ରମ୍ପଙ୍କ ଟାରିଫ୍ ଧମକ ବେଆଇନ: ରୁଷିଆ

## ବାଣିଜ୍ୟ ସହଯୋଗୀ ବାଛିବା ଅଧିକାର ଭାରତର ରହିଛି

ନୂଆଦିଲ୍ଲୀ,୫।୮

ରୁଷିଆରୁ ଭାରତ ତେଲ କିଣା ଜାରି ରଖିଲେ ସେଠାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆହୁରି ଅଧିକ ଟାରିଫ୍ ଲଗାଇବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଧମକ ଦେଇଥିବାବେଳେ ମସ୍କୋ ମଙ୍ଗଳବାର ଏହାକୁ ସମାଲୋଚନା କରିଛି। ନିଜର ବାଣିଜ୍ୟ ସହଯୋଗୀ ବାଛିବା ଅଧିକାର ସାର୍ବଭୌମ ରାଷ୍ଟ୍ରଗୁଡ଼ିକର ରହିଛି ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଏକ ନ୍ୟୁଜ୍ ଏଜେନ୍ସିକୁ କହିଛନ୍ତି। ରୁଷିଆ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବା ନିମନ୍ତେ ବିଭିନ୍ନ ଦେଶ ଉପରେ ଚାପ ପକାଇବା ବେଆଇନ ବୋଲି ସେ କହିଛନ୍ତି।

ଟାରିଫ୍ ବଢ଼ାଇବା ପାଇଁ ଟ୍ରମ୍ପଙ୍କ ଚେତାବନୀକୁ ଅନୁଚିତ ଓ ଅଯଥାର୍ଥ ବୋଲି ଭାରତ କହିଛି। ବଜାର ବାସ୍ତବତା ଆଧାରରେ ରୁଷିଆରୁ ଅଶୋଧିତ ତୈଳ କିଣିବା ପାଇଁ ଭାରତ ନିଷ୍ପତ୍ତି ନେଇଛି, କୌଣସି ରାଜନୈତିକ ସଂରକ୍ଷଣରେ ନୁହେଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବଜାର ସ୍ଥିତି ଅନୁଯାୟୀ ଭାରତ ରୁଷିଆରୁ ତେଲ ଆମଦାନୀ କରିବାକୁ ବାଧ୍ୟ ହୋଇଛି। ବାଣିଜ୍ୟ ନିଷ୍ପତ୍ତି ସହ ମସ୍କୋକୁ ରାଜନୈତିକ ସମର୍ଥନକୁ ଯୋଡ଼ିବା ଠିକ୍ ନୁହେଁ ବୋଲି ନୂଆଦିଲ୍ଲୀ କହିଛି। ଦେଶର ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷା ପାଇଁ ଭାରତ ସମସ୍ତ ଆବଶ୍ୟକ ପଦକ୍ଷେପ ନେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ଆମେରିକା ଓ ୟୁରୋପୀୟ ସଂଘ ରୁଷିଆ ସହ ବାଣିଜ୍ୟ ଜାରି ରଖିଥିବାବେଳେ ଭାରତକୁ କାହିଁକି ବିରୋଧ କରାଯାଉଛି ବୋଲି ମନ୍ତ୍ରଣାଳୟ ପ୍ରଶ୍ନ କରିଛି। ୨୦୨୪ରେ ୟୁରୋପୀୟ ସଂଘ ରୁଷିଆ ସହ ୬୭.୫ ବିଲିୟନ ୟୁରୋ ମୂଲ୍ୟର ବାଣିଜ୍ୟ କରିଛି। ୨୦୨୩ରେ ଏହି ବାଣିଜ୍ୟ ପରିମାଣ ୧୭.୨ ବିଲିୟନ ୟୁରୋ ଥିଲା। ଏହି ପରିମାଣ ଉପରୋକ୍ତ ସମୟରେ ଭାରତ ରୁଷିଆରୁ କିଣିଥିବା ତେଲ ପରିମାଣ ଠାରୁ ଅଧିକ। ସେହିପରି ରୁଷିଆଠାରୁ ଆମେରିକା ଆଣବିକ କେନ୍ଦ୍ର ପାଇଁ ୟୁରାନିୟମ୍ ହେକ୍ସାଫ୍ଲୋରାଇଡ୍, ବିଦ୍ୟୁତ୍‌ଚାଳିତ ଯାନ ପାଇଁ ପାଲାଡିୟମ୍ ସମେତ ସାର ଓ ରାସାୟନିକ ସାମଗ୍ରୀ ଆଦି କିଣୁଛି।



ଡିମିଟ୍ରି ପେସ୍କୋଭ୍

ଭାରତ ଉପରେ ଶୁଳ୍କ ବଢ଼ାଇବା ପାଇଁ ଟ୍ରମ୍ପ୍ ଚେତାବନୀ ଦେବା ସହ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଥିଲେ, ଭାରତ କେବଳ ରୁଷିଆରୁ ପ୍ରଚୁର ପରିମାଣର ତେଲ କିଣୁନାହିଁ, ଏହାର ଅଧିକାଂଶ ଭାଗ ଖୋଲା ବଜାରରେ ବିକ୍ରି କରି ଲାଭ ଉଠାଉଛି। ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ଯୋଗୁ କେତେ ଲୋକଙ୍କ ଜୀବନ ଗଲାଣି, ତାହାକୁ ସେମାନେ ପରୱା କରୁନାହାନ୍ତି। ସେଥିପାଇଁ ଭାରତ ଆମେରିକାକୁ ଆହୁରି ଅଧିକ ଶୁଳ୍କ ଦେବାକୁ ପଡ଼ିବ ବୋଲି ଟ୍ରମ୍ପ୍ କହିଥିଲେ। ପୂର୍ବରୁ ଟ୍ରମ୍ପ୍ ପ୍ରଶାସନ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୨୫% ଶୁଳ୍କ ଲଗାଇଛି। ସୂଚନାଯୋଗ୍ୟ, ୩ ଦିନ ପୂର୍ବରୁ ଟ୍ରମ୍ପ୍ କହିଥିଲେ, ଭାରତୀୟ କମ୍ପାନୀଗୁଡ଼ିକ ରୁଷିଆରୁ ତେଲ କିଣିବା ବନ୍ଦ କରିଥିବା ଶୁଣିବାକୁ ପାଉଛି, ଯାହା ଏକ ଭଲ ଖବର। ତେବେ ତାଙ୍କର ଏହି ଦାବିକୁ ନୂଆଦିଲ୍ଲୀ ଖଣ୍ଡନ କରିବା ସହ ରୁଷିଆରୁ ତେଲ ଆମଦାନୀ ବନ୍ଦ କରିବାକୁ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ ବୋଲି କହିଥିଲା। ସୂଚନାଯୋଗ୍ୟ, ବିଶ୍ୱ ଇନ୍ଧନ ବଜାରରେ ସ୍ଥିରତା ପାଇଁ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ସମୟରେ ରୁଷିଆରୁ ଭାରତର ତୈଳ ଆମଦାନୀକୁ ଆମେରିକା ସମର୍ଥନ କରିଥିଲା। ସେତେବେଳେ ଏହାକୁ ଆମେରିକା ନିଜର ଫାଇଦା ଦୃଷ୍ଟିରେ ଦେଖୁଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## ହାଇକୋର୍ଟଙ୍କୁ ଭର୍ତ୍ସନା କଲେ ସୁପ୍ରିମକୋର୍ଟ

### ସିଭିଲ୍ ବିବାଦର ଆପରାଧୀକରଣ

ନୂଆଦିଲ୍ଲୀ,୫।୮

ଆଲ୍ଲାହାବାଦ ହାଇକୋର୍ଟ ଏକ ସିଭିଲ୍ ବିବାଦକୁ ଆପରାଧିକ ମାମଲା ଭାବେ ବିଚାର ପାଇଁ ଅନୁମତି ଦେଇଥିବାରୁ ସୁପ୍ରିମକୋର୍ଟ ମଙ୍ଗଳବାର ତୀବ୍ର ଭର୍ତ୍ସନା କରିଛନ୍ତି। ହାଇକୋର୍ଟଙ୍କ ଏଭଳି ରାୟ ସବୁଠୁ ଖରାପ ଏବଂ ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସିଭିଲ୍ ମାମଲାରେ ବେଆଇନ ଭାବେ ଦଖଲ ସମ୍ପତ୍ତିକୁ ଫେରସ୍ତ ଆଣିବା ସମୟସାପେକ୍ଷ ହୋଇଥିବା କାରଣ ଦର୍ଶାଇ ଏହାକୁ ଆପରାଧିକ ମୋକଦ୍ଦମା ବିବେଚନା କରିବା ବିସ୍ମିତ କରିଛି। ରାୟକୁ ତୁରନ୍ତ ଫେରାଇନେବା ଲାଗି ଶୀର୍ଷ ଅଦାଲତ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ କହିବା ସହ ସମ୍ପୃକ୍ତ ବିଚାରପତି ଅବସର ନେବା ପର୍ଯ୍ୟନ୍ତ ତାଙ୍କୁ କୌଣସି ଆପରାଧିକ ମାମଲା ବିଚାର ପାଇଁ ନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତ-ଫିଲିପାଇନ୍ସ ୯ ଚୁକ୍ତି ସ୍ୱାକ୍ଷର



ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍ ମାକ୍ରୋସ୍ ଜୁନିୟରଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନୂଆଦିଲ୍ଲୀ, ୫।୮

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍ ମାକ୍ରୋସ୍ ଜୁନିୟର୍ ୫ ଦିବସୀୟ ଭାରତ ଗସ୍ତରେ ଆସି ମଙ୍ଗଳବାର ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଭାରତ ଓ ଫିଲିପାଇନ୍ସ ପରସ୍ପରକୁ ବିଭିନ୍ନ କ୍ଷେତ୍ରରେ ରଣନୈତିକ ସହଯୋଗ କରିବେ ବୋଲି ଏହି ଅବସରରେ ଉଭୟ ନେତା ଘୋଷଣା କରିଛନ୍ତି। ଉଭୟ ଦେଶ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ବାହ୍ୟ ମହାକାଶ, ପର୍ଯ୍ୟଟନ, ଡିଜିଟାଲ ଟେକ୍ନୋଲୋଜି, ପ୍ରତିରକ୍ଷା ସମ୍ପର୍କର ସୁଦୃଢ଼ୀକରଣ ଆଦି କ୍ଷେତ୍ରରେ ୯ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଫିଲିପାଇନ୍ସ ରାଷ୍ଟ୍ରପତି ମାକ୍ରୋସ୍‌ଙ୍କ ସହ ପାରସ୍ପରିକ ସହଯୋଗ ଏବଂ ବିଭିନ୍ନ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପରିସ୍ଥିତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିବା ମୋଦି କହିଛନ୍ତି। ୨ ଦେଶ ନିଜର ସମ୍ପର୍କକୁ ରଣନୈତିକ ସହଭାଗିତାର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ଏକ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ଭାରତର ଆତଙ୍କବାଦ ବିରୋଧୀ ଲଢ଼େଇକୁ ସମର୍ଥନ କରିଥିବାରୁ ସେ ଫିଲିପାଇନ୍ସ ସରକାର ଓ ରାଷ୍ଟ୍ରପତି ମାକ୍ରୋସ୍‌ଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି।

## ୫୦୦ ପିଟିଆଇ କର୍ମୀ ଗିରଫ

### ଇମ୍ରାନ୍‌ଙ୍କ ମୁକ୍ତି ପାଇଁ ପାକିସ୍ତାନରେ ପ୍ରତିବାଦ

ଇସ୍‌ଲାମାବାଦ, ୫।୮

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଜେଲ ହେବାର ମଙ୍ଗଳବାର ୨ ବର୍ଷ ପୂରିଛି। ତେଣୁ ଇମ୍ରାନ୍‌ଙ୍କ ମୁକ୍ତି ଦାବିରେ ତାଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ପକ୍ଷରୁ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରତିବାଦ ରାଲିର ଆୟୋଜନ କରାଯାଇଛି। ତେବେ ଇମ୍ରାନଙ୍କୁ ମୁକ୍ତି ଦାବିରେ ବିକ୍ଷୋଭ ପ୍ରଦର୍ଶନ ବେଳେ ସାର୍ବଜନୀନ ସମାବେଶ ଉପରେ ଜାରି କରାଯାଇଥିବା ନିଷେଧାଦେଶକୁ ଉଲ୍ଲଂଘନ କରିଥିବାରୁ ୫୦୦ ଜଣ ପିଟିଆଇ କର୍ମୀଙ୍କୁ ଗିରଫ କରାଯାଇଛି। ପଞ୍ଜାବ ରାଜ୍ୟରେ ଅଧିକାଂଶ ପିଟିଆଇ କର୍ମୀଙ୍କୁ ଗିରଫ କରାଯାଇଛି। ଅନେକ ସ୍ଥାନରେ ପୋଲିସ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିବା ନେଇ ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିଛନ୍ତି। ତେବେ ଦେଶରେ ରାଜନୈତିକ କାର୍ଯ୍ୟକ୍ରମ ଉପରେ କଟକଣା ଏବଂ ଦଳୀୟ କର୍ମୀଙ୍କ ଗିରଫଦାରିକୁ ପିଟିଆଇ ପକ୍ଷରୁ ନିନ୍ଦା କରାଯାଇଛି। ପ୍ରକାଶ ଯେ, ୨୦୨୩ ଅଗଷ୍ଟ ୫ରେ ଏକ ଭ୍ରଷ୍ଟାଚାର ମାମଲାରେ ଇମ୍ରାନ୍‌ଙ୍କୁ ତାଙ୍କ ଲାହୋରସ୍ଥିତ ବାସଭବନରୁ ଗିରଫ କରାଯାଇଥିଲା। ସେବେଠାରୁ ସେ ଜେଲରେ ଅଛନ୍ତି।



ବିକ୍ଷୋଭ ସ୍ଥଳରୁ ପିଟିଆଇ ନେତ୍ରୀ ରେହାନା ଦର୍‌ଙ୍କୁ ଗିରଫ କରାଯାଉଛି।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ଡିଆର୍‌ଡିଓ ଗେଷ୍ଟ ହାଉସ୍ ମ୍ୟାନେଜର ଗିରଫ

ଜୈସାଲମେର, ୫।୮

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ସନ୍ଦେହରେ ପ୍ରତିରକ୍ଷା ଗବେଷଣା ବିକାଶ ସଙ୍ଗଠନ (ଡିଆର୍‌ଡିଓ)ର ଜୈସାଲମେରସ୍ଥିତ ଗେଷ୍ଟ ହାଉସ୍ ମ୍ୟାନେଜର ମହେନ୍ଦ୍ର ପ୍ରସାଦଙ୍କୁ ଗିରଫ କରାଯାଇଛି। ଉତ୍ତରାଖଣ୍ଡର ଆଲ୍‌ମୋରା ନିବାସୀ ମହେନ୍ଦ୍ର ୨୦୧୮ରୁ ପୋଖରାନ୍ ଫିଲ୍ଡ ଫାୟାରିଂ ରେଞ୍ଜର ଡିଆର୍‌ଡିଓ ଗେଷ୍ଟ ହାଉସ୍‌ରେ ମ୍ୟାନେଜର ଭାବେ ନିୟୋଜିତ ଥିଲେ। ଏହି ଗେଷ୍ଟ ହାଉସରେ ଭାରତୀୟ ସେନା, ଡିଆର୍‌ଡିଓ ବୈଜ୍ଞାନିକ ଏବଂ ଶ୍ରେଷ୍ଠ ପ୍ରତିରକ୍ଷା ବିଶେଷଜ୍ଞମାନେ ନିୟମିତ ଭାବେ ରହିଥାନ୍ତି। ପୋଖରାନ ଫିଲ୍ଡ ଫାୟାରିଂ ରେଞ୍ଜରେ ନୂତନ ଅସ୍ତ୍ରଶସ୍ତ୍ର ପରୀକ୍ଷଣ, କୌଶଳଗତ ଅଭ୍ୟାସ ଏବଂ ଯୁଦ୍ଧ ଅଭ୍ୟାସ ସହ ଜଡ଼ିତ ବିଭିନ୍ନ ସାମରିକ କାର୍ଯ୍ୟକଳାପ ହୋଇଥାଏ। ମହେନ୍ଦ୍ର ଏହି ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ସୂଚନାଗୁଡ଼ିକୁ ମୋବାଇଲ ଫୋନ୍ ମାଧ୍ୟମରେ ପାକିସ୍ତାନକୁ ଦେଉଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ମହେନ୍ଦ୍ରଙ୍କ ମୋବାଇଲକୁ ପାକିସ୍ତାନରୁ ବାରମ୍ବାର କଲ୍ ଆସୁଥିବାର ଦୃଢ଼ ପ୍ରମାଣ ମିଳିଛି ବୋଲି ଜୈସାଲମେର ଏସ୍‌ପି ଅଭିଷେକ ଶିଭାରେ କହିଛନ୍ତି। ଗିରଫଦାରି ପରେ ମହେନ୍ଦ୍ରଙ୍କ ମୋବାଇଲ ଫୋନ୍‌କୁ ଜବତ କରାଯାଇ ଡିଜିଟାଲ ଫୋରେନ୍ସିକ ଯାଞ୍ଚ ପାଇଁ ପଠାଯାଇଥିବା ସେ କହିଛନ୍ତି।



ମହେନ୍ଦ୍ର ପ୍ରସାଦ

## ଫୁରସତ୍

# ୪୪ ଗ୍ରାମ୍‌ର କୀଟ ଆବିଷ୍କୃତ

ବ୍ରିସ୍‌ବେନ୍

ସମ୍ପ୍ରତି ଅଷ୍ଟ୍ରେଲୀୟ ଗବେଷକମାନେ ଏକ ଅନନ୍ୟ ନୂତନ ପ୍ରଜାତିର କୀଟ ଆକ୍ରୋଫିଲା ଅଲ୍ଟାର ଆବିଷ୍କାର କରିଛନ୍ତି, ଯାହାକୁ ଅଷ୍ଟ୍ରେଲିଆର ସବୁଠାରୁ ଓଜନିଆ କୀଟ ବୋଲି କୁହାଯାଉଛି।

ଏହି ପ୍ରଜାତିର କୀଟ ୪୦ ସେ.ମି. ଲମ୍ବା ଏବଂ ୪୪ ଗ୍ରାମର ଓଜନିଆ। ଏହି କୀଟର ଓଜନ ଏକ ଗଲ୍ଫ ବଲ୍‌ର ଓଜନ ସଦୃଶ ରହିଛି। ଆକାରରେ ବିରାଟକାୟ ହୋଇଥିବା ଏହି କୀଟକୁ ବୈଜ୍ଞାନିକମାନେ ନିଜ କ୍ୟାମେରାରେ କଏଦ କରିଛନ୍ତି, ଯାହା ସମ୍ପ୍ରତି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଷ୍ଟ୍ରେଲୀୟ ରାଜ୍ୟ କ୍ୱିନ୍ସଲ୍ୟାଣ୍ଡର ଉତ୍ତର ପାର୍ଶ୍ୱରେ ଥିବା ଏକ ପାର୍ବତ୍ୟ ବର୍ଷାରଣ୍ୟ ଅଞ୍ଚଳରେ ଏହି କୀଟ ପ୍ରଜାତିକୁ ଆବିଷ୍କାର କରିଛନ୍ତି। ଏହି ଅଞ୍ଚଳ ଅଷ୍ଟ୍ରେଲିଆର ଦୂରବର୍ତ୍ତୀ ଅଞ୍ଚଳରେ ଥିବାରୁ ଏତେଦିନ ପର୍ଯ୍ୟନ୍ତ ଆକ୍ରୋଫିଲା ଅଲ୍ଟା ପ୍ରଜାତିର କୀଟକୁ କେହି ଦେଖିପାରି ନ ଥିଲେ ବୋଲି ଏହାର ଆବିଷ୍କାର କରିଥିବା ଅଷ୍ଟ୍ରେଲିଆସ୍ଥିତ ଜେମ୍‌ସ କୁକ୍ ୟୁନିଭର୍ସିଟିର ଗବେଷକ ପ୍ରଫେସର ଆନଗସ୍ ଏମ୍ମୋଟ କହିଛନ୍ତି। ଥଣ୍ଡା ଏବଂ ଓଦା ବାସସ୍ଥାନ ଯୋଗୁ ଏହି କୀଟର ଆକାର ବିରାଟକାୟ ଭାବେ ବିକଶିତ ହୋଇଥିବା ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଅଷ୍ଟ୍ରେଲିଆର ସବୁଠାରୁ ଓଜନିଆ କୀଟ କୁହାଯାଉଥିବା ଜିଆଣ୍ଟ ଉଡ୍ ମୋଥ୍ ପ୍ରଜାତିଠାରୁ ମଧ୍ୟ ଏହି କୀଟ ଅଧିକ ଓଜନିଆ। ଜିଆଣ୍ଟ ଉଡ୍ ମୋଥ୍ କୀଟର ଓଜନ ୩୦ ଗ୍ରାମ ହୋଇଥିବାବେଳେ ଆକ୍ରୋଫିଲା ଅଲ୍ଟା କୀଟର ଓଜନ ୪୪ ଗ୍ରାମ୍ ରହିଛି।

ଏକ ଛୋଟ ପକ୍ଷୀର ଡେଣା ପରି ଆକ୍ରୋଫିଲା ଅଲ୍ଟା କୀଟର ମଧ୍ୟ ଡେଣା ରହିଥାଏ ବୋଲି ଏମ୍ମୋଟ କହିଛନ୍ତି। ତେବେ ଭାରୀ ଶରୀର ହେତୁ ଏହି ପ୍ରଜାତିର କୀଟ ଜୋର୍‌ରେ ଉଡ଼ିପାରନ୍ତି ନାହିଁ। ବର୍ଷାରଣ୍ୟରେ ଥିବା ଅଧିକ ଉଚ୍ଚତା ବିଶିଷ୍ଟ ଗଛରେ ଏହି କୀଟ ରହିଥାନ୍ତି। ସେମାନଙ୍କ ନିକଟରେ ପହଞ୍ଚିବା ମଣିଷ ପାଇଁ ପ୍ରାୟତଃ ଅସମ୍ଭବ। କେବଳ ଯେତେବେଳେ କୌଣସି ପକ୍ଷୀ ସେମାନଙ୍କୁ ପକାଇ ଦିଏ କିମ୍ବା ସେମାନେ ଝଡ଼ପବନରେ ପଡ଼ିଯାଆନ୍ତି, ତେବେ ଯାଇ ଏହି କୀଟଙ୍କୁ ଦେଖି ହେବ। ତେଣୁ ସ୍ପଷ୍ଟ ଭାବେ ଆକ୍ରୋଫିଲା ଅଲ୍ଟା କୀଟକୁ ଖୋଜିବା ବହୁତ କଷ୍ଟକର ବୋଲି ଏମ୍ମୋଟ କହିଛନ୍ତି। ସମ୍ପ୍ରତି ବୈଜ୍ଞାନିକମାନେ ଏହି ପ୍ରଜାତିର ମାଈ କୀଟକୁ ଆବିଷ୍କାର କରିଥିବା ବେଳେ ପୁରୁଷ କୀଟକୁ ଖୋଜିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସମ୍ପ୍ରତି ବୈଜ୍ଞାନିକମାନେ ଆବିଷ୍କାର କରିଥିବା ମାଈ କୀଟ ନମୁନାକୁ କ୍ୱିନ୍ସଲ୍ୟାଣ୍ଡ ସଂଗ୍ରହାଳୟରେ ରଖାଯାଇଛି।



## ହଂସିକାଙ୍କ ଛାଡ଼ପତ୍ର ଚର୍ଚ୍ଚା

ମୁମ୍ବାଇ

ଅଭିନେତ୍ରୀ ହଂସିକା ମୋଟ୍‌ୱାନୀ ୨୦୨୨ ଡିସେମ୍ବରରେ ବ୍ୟବସାୟୀ ସୋହେଲ ଖାତୁରିଆଙ୍କୁ ବିବାହ କରିଥିଲେ। ତେବେ ଗତ କିଛିଦିନ ହେବ ଉଭୟଙ୍କ ମଧ୍ୟରେ ସମ୍ପର୍କ ଠିକ୍ ନ ଥିବା ସହ ଉଭୟେ ପରସ୍ପରକୁ ଛାଡ଼ପତ୍ର ଦେଇପାରନ୍ତି ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଏହାରି ମଧ୍ୟରେ ହଂସିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜ ବିବାହର ଅନେକ ଫଟୋ ଏବଂ ଭିଡିଓକୁ ଡିଲିଟ୍ କରିଥିବା ନେଇ ମଙ୍ଗଳବାର ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ସେହିପରି ସେ ସ୍ୱାମୀ ସୋହେଲଙ୍କଠାରୁ ଅଲଗା ହୋଇ ନିଜ ମା'ଙ୍କ ସହ ରହୁଥିବା ନେଇ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ଆସିବା ପରେ ହଂସିକା ଏବଂ ସୋହେଲ ପରସ୍ପରକୁ ଛାଡ଼ପତ୍ର ଦେଉଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏହି ଛାଡ଼ପତ୍ର ଚର୍ଚ୍ଚାକୁ ନେଇ ହଂସିକା କିମ୍ବା ସୋହେଲ ବର୍ତ୍ତମାନ ସୁଦ୍ଧା ମୁହଁ ଖୋଲିନାହାନ୍ତି। ପ୍ରକାଶ ଯେ, ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ହଂସିକା କେତେକ ବଲିଉଡ୍ ଫିଲ୍ମରେ ମଧ୍ୟ ନିଜ ଅଭିନୟର ଜଲ୍‌ୱା ଦେଖାଇଛନ୍ତି।

**ଇନ୍‌ଷ୍ଟାଗ୍ରାମରେ ବିବାହର ଫଟୋ, ଭିଡିଓ ଡିଲିଟ୍ କଲେ**




ହଂସିକା ମୋଟ୍‌ୱାନୀ

# ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଲାଗି ପୁସ୍ତକ ଆହ୍ୱାନ

**କେନ୍ଦ୍ର ସାହିତ୍ୟ ଏକାଡେମୀ**

ଭୁବନେଶ୍ୱର,୫।୮ (ସୌମ୍ୟରଞ୍ଜନ ରାଉତ)

ଆସନ୍ତା ୨୦୨୬ ବର୍ଷର ଯୁବ ପୁରସ୍କାର ଓ ବାଲ୍ ସାହିତ୍ୟ ପୁରସ୍କାର ଚୟନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶକ ଓ ଭାରତୀୟ ଲେଖକମାନଙ୍କ ପାଖରୁ ଏକାଡେମୀ ସ୍ୱୀକୃତ ୨୪ଟି ଭାଷାର ପୁସ୍ତକ ଆହ୍ୱାନ କରାଯାଇଛି। ଯୁବ ପୁରସ୍କାର ପାଇଁ ଲେଖକଙ୍କ ବୟସ ୧ ଜାନୁଆରୀ ୨୦୨୬ ସୁଦ୍ଧା ୩୫ ବର୍ଷ ବା ତା'ଠାରୁ କମ୍ ହୋଇଥିବା ଉଚିତ। ସେହିପରି ବାଲ୍ ସାହିତ୍ୟ ପୁରସ୍କାର ପାଇଁ ପୁସ୍ତକଗୁଡ଼ିକ ପାଇଁ ୯ରୁ ୧୬ ବର୍ଷ ବୟସର ପାଠକମାନଙ୍କୁ ଦୃଷ୍ଟିରେ ରଖି ରଚିତ ହୋଇଥିବା ଆବଶ୍ୟକ। ୨୦୨୦, ୨୦୨୧, ୨୦୨୨, ୨୦୨୩ ଏବଂ ୨୦୨୪ ମସିହାରେ (ଅର୍ଥାତ୍ ୧ ଜାନୁଆରୀ ୨୦୨୦ ରୁ ୩୧ ଡିସେମ୍ବର ୨୦୨୪ ମଧ୍ୟରେ) ପ୍ରଥମେ ପ୍ରକାଶିତ ପୁସ୍ତକଗୁଡ଼ିକୁ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ବିଚାରକୁ ନିଆଯିବ। ଉଭୟ ପୁରସ୍କାର ପାଇଁ ଆବେଦନ ପତ୍ର ଓ ପୁସ୍ତକ ଜମା ଦେବାର ଶେଷ ତାରିଖ ହେଉଛି ୩୧ ଅଗଷ୍ଟ ୨୦୨୫। ଓଡ଼ିଆ ଭାଷାର ପୁସ୍ତକ ସାହିତ୍ୟ ଏକାଡେମୀର କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ପଠାଇବାକୁ ହେବ। ଯୁବ ପୁରସ୍କାର ଓ ବାଲ୍ ସାହିତ୍ୟ ପୁରସ୍କାର ବିଜେତାମାନଙ୍କୁ ସମ୍ମାନଜନକ ଉତ୍ସବରେ ୫୦ ହଜାର ଟଙ୍କା ଲେଖାଏ ଅର୍ଥରାଶି ସହ ଫଳକ ଓ ମାନପତ୍ର ପ୍ରଦାନ କରାଯାଇଥାଏ। ଉଭୟ ପୁରସ୍କାର ସମ୍ପର୍କିତ ସବିଶେଷ ନିୟମାବଳୀ ଏବଂ ଆବେଦନପତ୍ର ସାହିତ୍ୟ ଏକାଡେମୀର ୱେବ୍‌ସାଇଟ www.sahitya-akademi.gov.in ରେ ଉପଲବ୍ଧ ରହିଛି।




# ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୫।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ନ ୧୧ରୁ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରି ନିକଟସ୍ଥ)ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ।

# ବବିତା ପାତ୍ର ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା

**୬ ସଦସ୍ୟା ନିଯୁକ୍ତ**

ଭୁବନେଶ୍ୱର,୫।୮ (ରବିନାରାୟଣ ଜେନା)

ଦୀର୍ଘଦିନ ଧରି ଶିଶୁ ସୁରକ୍ଷା ଅଧିକାର ଆୟୋଗର ବିଭିନ୍ନ ପଦପଦବୀ ପୂରଣ ହେଉ ନ ଥିବା ନେଇ ଚାଲିଥିବା କଳ୍ପନାଜଳ୍ପନାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଭାବେ ବବିତା ପାତ୍ରଙ୍କୁ ନିଯୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବ୍ରହ୍ମପୁରସ୍ଥିତ ମୟୂରବିହାର, ସୋମନାଥ ନଗରର ବବିତା ପାତ୍ର ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ରୂପେ ନିଯୁକ୍ତ ହୋଇଛନ୍ତି। ସେ ଆସନ୍ତା ୩ ବର୍ଷ ଅଥବା ୬୫ ବର୍ଷ(ଯେଉଁଟି ପ୍ରଥମେ ଆସିବ) ପର୍ଯ୍ୟନ୍ତ ଏହି ଦାୟିତ୍ୱ ନିର୍ବାହ କରିବେ। ସେହିପରି ବିଭାଗ ପକ୍ଷରୁ ଜାରି ପୃଥକ୍ ବିଜ୍ଞପ୍ତିରେ ଶିଶୁ ସୁରକ୍ଷା ଅଧିକାର ଆୟୋଗ ପାଇଁ ୬ ଜଣଙ୍କୁ ସଦସ୍ୟା ଭାବେ ନିଯୁକ୍ତ କରାଯାଇଛି। ସେମାନେ ହେଲେ କେନ୍ଦୁଝର, ଚମ୍ପୁଆସ୍ଥିତ କଡ଼ାଗାଡ଼ିଆର ସୁକେଶୀ ଓରାମ୍, ରାଉରକେଲା ବାସନ୍ତୀ କଲୋନୀର କଳ୍ପନା ଲେଙ୍କା, ଭୁବନେଶ୍ୱର ବ୍ରିଟ୍ କଲୋନିର ଚନ୍ଦନା ଦାସ, ବାପୁଜୀନଗରର କସ୍ତୁରୀ ମିଶ୍ର, ଭଦ୍ରକ ଲଛମନ ଭବନର ମନସ୍ମିତା ଖୁଣ୍ଟିଆ ଏବଂ ଭୁବନେଶ୍ୱର ବମିଖାଲର ସୁଜାତା ନାୟକ।


ବବିତା ପାତ୍ର

pfrda | nps national pension system #Zaruri Hai

**ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ**

**ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକର ସଭ୍ୟମାନଙ୍କ ପାଇଁ ଜାତୀୟ ପେନ୍‌ସନ ପ୍ରଣାଳୀରେ ଯୋଗ ଦେବା ସମ୍ବନ୍ଧୀୟ ସୂଚନା**

ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆରଡିଏ), ପିଏଫ୍‌ଆରଡିଏ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏବଂ ବୈଧାନିକ ପ୍ରାଧିକରଣ ଅଟେ। ଏହାର ଉଦ୍ଦେଶ୍ୟ ହେଉଛି ଉକ୍ତ ଅଧିନିୟମ ଅଧୀନରେ ନିୟନ୍ତ୍ରିତ ପେନ୍‌ସନ ଯୋଜନାଗୁଡ଼ିକ ମାଧ୍ୟମରେ ବାର୍ଦ୍ଧକ୍ୟକାଳୀନ ଆୟ ସୁରକ୍ଷାକୁ ପ୍ରସାରିତ କରିବା। ଉକ୍ତ ପେନ୍‌ସନ ଯୋଜନାଗୁଡ଼ିକ ମଧ୍ୟରେ ଜାତୀୟ ପେନସନ ପ୍ରଣାଳୀ (ଏନ୍‌ପିଏସ୍) ଅନ୍ତର୍ଭୁକ୍ତ।

ଏନ୍‌ପିଏସ୍ ଏକ ପରିଭାଷିତ ଅଂଶଦାୟୀ ପେନ୍‌ସନ ଯୋଜନା ଏବଂ ଏହା ପ୍ରାରମ୍ଭିକ ରୂପେ ୨୦୦୪ ମସିହାରେ କେନ୍ଦ୍ର ସରକାର, କେନ୍ଦ୍ରୀୟ ସ୍ୱୟଂଶାସିତ ନିକାୟ, ରାଜ୍ୟ ସରକାର, ରାଜ୍ୟ ସ୍ୱୟଂଶାସିତ ନିକାୟଗୁଡ଼ିକର କର୍ମଚାରୀଙ୍କ ପାଇଁ ପ୍ରଚଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ସ୍ୱେଚ୍ଛାକୃତ ଭିତ୍ତିରେ କର୍ପୋରେଟ୍ ଏବଂ ଭାରତୀୟ ନାଗରିକମାନଙ୍କ ପାଇଁ ସମ୍ପ୍ରସାରିତ କରାଯାଇଥିଲା।

ଆୟକର ଅଧିନିୟମ, ୧୯୬୧ର ବ୍ୟବସ୍ଥା ଏନ୍‌ପିଏସ୍ ଅଧୀନରେ ବିଭିନ୍ନ ଟିକସ ଲାଭ ପ୍ରଦାନ କରିଥାଏ। ସେବାନିବୃତ୍ତି ପରେ, ଏହା ସଞ୍ଚିତ ପେନ୍‌ସନ ଧନର ୬୦% ରାଶିକୁ ଏକକାଳୀନ ଟିକସମୁକ୍ତ ରାଶି ଭାବେ ଉଠାଣ କରିବା ପାଇଁ ଅନୁମତି ଦେଇଥାଏ ଏବଂ ଅବଶିଷ୍ଟ ଅର୍ଥରାଶିକୁ ଆନୁଇଟି ସେବା ପ୍ରଦାନକାରୀ(ଗଣ)ଙ୍କଠାରୁ ଆନୁଇଟି କ୍ରୟ କରିବା ପାଇଁ ବ୍ୟବହାର କରାଯାଇଥାଏ, ଯାହା ଉପରେ ସାମଗ୍ରୀ ଓ ସେବା କର (ଜିଏସଟି)କୁ ଛାଡ଼ କରାଯାଇଛି। ବର୍ଷ ବର୍ଷ ଧରି ଏନ୍‌ପିଏସ୍ ପଞ୍ଜୀକୃତ ପେନ୍‌ସନ୍ ପାଣ୍ଠିଗୁଡ଼ିକ ଦ୍ୱାରା, କ୍ଷତିଭୟ ଓ ପ୍ରତିଫଳର ଦୃଷ୍ଟିକୋଣକୁ ଧ୍ୟାନରେ ରଖି, ବିଭିନ୍ନ କ୍ଷେତ୍ର ପାଇଁ ଅନୁମୋଦିତ ଦିଗ୍‌ନିର୍ଦ୍ଦେଶାବଳୀ ଅନୁଯାୟୀ ବିଭିନ୍ନ ଆସେଟ୍ କ୍ଲାସ୍‌ରେ ନିରବଚ୍ଛିନ୍ନ ଭାବେ ପାଣ୍ଠିର ନିବେଶ କରି ନିଜର ଉପଭୋକ୍ତାମାନଙ୍କ ଲାଗି ଉଚ୍ଚତର ରିଟର୍ନ ଉତ୍ପନ୍ନ କରିଆସିଛି।

ଏନ୍‌ପିଏସ୍ ଅଧୀନରେ ସମସ୍ତ ଗତିବିଧି ପିଏଫ୍‌ଆରଡିଏ ଅଧିନିୟମ, ୨୦୧୩ ତଥା ପ୍ରାଧିକରଣ ଦ୍ୱାରା ଅଧିସୂଚିତ ବିନିୟମଗୁଡ଼ିକ ଉପରେ ଅଧୀନରେ ନିୟନ୍ତ୍ରିତ ହୋଇଥାଏ। ଅଧିକନ୍ତୁ, ଏନ୍‌ପିଏସ୍ ଅଧୀନସ୍ଥ ଗତିବିଧିଗୁଡ଼ିକ ସମ୍ପୂର୍ଣ୍ଣ ଡିଜିଟାଲ ହୋଇଥାଏ ଏବଂ ପାରଦର୍ଶୀ ଢଙ୍ଗରେ ପରିଚାଳିତ ହୋଇଥାଏ। ଉପଭୋକ୍ତାମାନେ ମୋବାଇଲ ଆପ୍ କିମ୍ବା ଉପଭୋକ୍ତା ଲଗ୍ ଇନ୍ ବ୍ୟବହାର କରି ଦୈନିକ ଭିତ୍ତିରେ ଉପଭୋକ୍ତାଙ୍କ ଉପଲବ୍ଧ ବ୍ୟକ୍ତିଗତ ପେନ୍‌ସନ ପାଣ୍ଠି ସମ୍ପର୍କରେ ଅଧୁନାତନ ସୂଚନା ପାଇପାରିଥାନ୍ତି। ଉପଭୋକ୍ତାମାନଙ୍କ ନିକଟରେ ୭୫ ବର୍ଷ ବୟସ ପର୍ଯ୍ୟନ୍ତ ଏକାଧିକ ପେନ୍‌ସନ ପାଣ୍ଠି ମଧ୍ୟରୁ ବାଛିବା, ଆସେଟ୍ ଆବଣ୍ଟନ ଏବଂ ଗୋଟିଏରୁ ଅନ୍ୟ କର୍ମନିଯୁକ୍ତି, ସ୍ଥାନ ଏବଂ କର୍ମନିଯୁକ୍ତି ସ୍ଥିତିର ପୋର୍ଟେବିଲିଟିର ସୁବିଧା ରହିଥାଏ।

ଏହି ବିଜ୍ଞପ୍ତି ବଳରେ ଆୟକର ଅଧିନିୟମ, ୧୯୬୧ ଅଧୀନରେ ପଞ୍ଜୀକୃତ ହୋଇଥିବା ବିଭିନ୍ନ ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକର ସଭ୍ୟମାନଙ୍କୁ ଅବଗତ କରିଦିଆଯାଉଛି ଯେ, ସେମାନେ ଏନ୍‌ପିଏସ୍ ଅଧୀନରେ ଲାଭ ଓ ପ୍ରତିଫଳର ଲାଭ ଉଠାଇପାରିବେ। ଏହି ଉଦ୍ଦେଶ୍ୟ ପାଇଁ ଏନ୍‌ପିଏସ୍‌କୁ ମାଇଗ୍ରେସନ ସକ୍ଷମ କରିବା ଲାଗି ସେମାନେ ନିଜ ନିଜର ସମ୍ପୃକ୍ତ ଅନୁମୋଦିତ ସେବାନିବୃତ୍ତି ଟ୍ରଷ୍ଟ/ନିଯୋକ୍ତାଙ୍କ ସହ ଯୋଗାଯୋଗ କରିପାରିବେ। ଆୟକର ଅଧିନିୟମ, ୧୯୬୧ର ବ୍ୟବସ୍ଥା ଅନୁଯାୟୀ ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକରୁ ଏନ୍‌ପିଏସ୍‌କୁ ପାଣ୍ଠିଗୁଡ଼ିକର ଥରକରେ ସ୍ଥାନାନ୍ତର କରାଗଲେ ଟିକସ ଛାଡ଼ ସୁବିଧା ମିଳିବ। ପ୍ରାଧିକରଣ ଏକ ସୁରକ୍ଷିତ ପେନ୍‌ସନଯୁକ୍ତ ସମାଜର ଅଧାଦେଶକୁ ପୂରଣ କରିବା ପାଇଁ, ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକୁ ସେମାନଙ୍କର ସଭ୍ୟମାନଙ୍କୁ ଏନ୍‌ପିଏସ୍‌କୁ ମାଇଗ୍ରେସନ୍ କରିବା ସୁବିଧାଜନକ କରିବା ଲାଗି ଆବଶ୍ୟକୀୟ ସହାୟତା ଓ ମାର୍ଗଦର୍ଶନ ଯୋଗାଇବେ।

ମାମଲା ଅନୁଯାୟୀ, ଅନୁମୋଦିତ ସେବାନିବୃତ୍ତି ପାଣ୍ଠି କିମ୍ବା ତାହାର ବ୍ୟକ୍ତିବିଶେଷ ସଭ୍ୟମାନେ ପ୍ରାଧିକରଣର ୱେବ୍‌ସାଇଟ୍ (www.pfrda.org.in)ରେ "ସେବାନିବୃତ୍ତି ପାଣ୍ଠି" ଟ୍ୟାବ୍ ଅଧୀନରେ ଦର୍ଶାଯାଇଥିବା ସବିଶେଷ ପଦ୍ଧତି ଅନୁଯାୟୀ କିମ୍ବା ନିମ୍ନପ୍ରଦତ୍ତ କ୍ୟୁଆର୍ କୋଡ୍ ସ୍କାନ୍ କରି ଏନ୍‌ପିଏସ୍‌କୁ ସ୍ଥାନାନ୍ତର କରିପାରନ୍ତି। ଏହା ବ୍ୟତୀତ, ଏ ସଂକ୍ରାନ୍ତୀୟ ଯେକୌଣସି ପ୍ରଶ୍ନକୁ saf-information@pfrda.org.in କିମ୍ବା ପ୍ରାଧିକରଣଙ୍କ କାର୍ଯ୍ୟାଳୟକୁ ପଠାଯାଇପାରିବ।

*ମୁଖ୍ୟ ମହାପ୍ରବନ୍ଧକ*
*ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ ପାଇଁ ଓ ତରଫରୁ*


# ବିଇଓ, ଶିକ୍ଷକଙ୍କ ଆଦିବାସୀ ପ୍ରମାଣପତ୍ର ନକଲି

**ଏସ୍‌ଟି, ଏସ୍‌ସି ଉନ୍ନୟନ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ**

ଯାଜପୁର,୫।୮ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ବିଭିନ୍ନ ଜିଲାରେ ନକଲି ପ୍ରମାଣପତ୍ରଧାରୀଙ୍କ ଉପରେ ତନାଘନା ତଦନ୍ତ ଚାଲିଛି। ପ୍ରମାଣ ମିଳିଲେ ସଂପୃକ୍ତ ସରକାରୀ ଅଧିକାରୀ, କର୍ମଚାରୀ ତଥା ଶିକ୍ଷକମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ହେଲେ ଯାଜପୁର ଜିଲାରେ ନକଲି ଆଦିବାସୀ ସାଜି ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ପଦବୀରେ ଅଧିଷ୍ଠିତ ଥିବା ଏବଂ ସେ ଅନ୍ୟ ନକଲି ଶିକ୍ଷକମାନଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇ ଆସୁଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ତେବେ ଅଞ୍ଚଳବାସୀଙ୍କ ପକ୍ଷରୁ ପୁଣି ଅଭିଯୋଗ ହେବା ପରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି(ଏସ୍‌ଟି ଓ ଏସ୍‌ସି) ଉନ୍ନୟନ ବିଭାଗ ପକ୍ଷରୁ ଉପସଚିବ ହେମବତୀ ପାତ୍ର ତାଙ୍କ ପତ୍ରସଂଖ୍ୟା ୧୮୭୫୪/୫।୮।୨୦୨୫ରେ ତୁରନ୍ତ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଟକ ଆରଡିସିର ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲାର ଏସ୍‌ଇବିସି ବର୍ଗର କେତେଜଣ ବ୍ୟକ୍ତି ପଡୋଶୀ କେନ୍ଦୁଝର ଅଞ୍ଚଳରୁ କିଛି ଜମି କିଣି ସେହି ଜମି ପଟ୍ଟାରେ ଶବର ଜାତି ଦର୍ଶାଇ ଆଦିବାସୀ ପ୍ରମାଣପତ୍ର ହାସଲ କରି ଶିକ୍ଷକତା କରୁଛନ୍ତି। ଏହି କ୍ରମରେ ଯାଜପୁର ଜିଲା କୋରେଇ ବ୍ଲକ ଅସନଝର ପଞ୍ଚାୟତ ବାସିନ୍ଦା ହରିହର ଦଳେଇ ନକଲି ଜାତିଗତ ପ୍ରମାଣପତ୍ର ହାସଲ କରି ବିଇଓ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଅଭିଯୋଗ ସମୟରେ ସେ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ବିଇଓ ଥିଲେ। ଏବେ ସେ କେନ୍ଦୁଝର ଜିଲା ଆନନ୍ଦପୁର ବିଇଓ ପଦବୀରେ ରହିଛନ୍ତି। ପୂର୍ବରୁ ଅସନଝର ଅଞ୍ଚଳବାସୀ ଅଭିଯୋଗ କରିଥିଲେ ଯେ, ହରିହର ଦଳେଇଙ୍କ ମୂଳ ଜମିପଟ୍ଟା ଅନୁସାରେ ସେ ଖଣ୍ଡୁଆଳ ଜାତିର ଏବଂ ଏହି ଜାତି ସମ୍ପ୍ରଦାୟର ଲୋକମାନେ ଏସ୍‌ଇବିସି ବର୍ଗର । ହେଲେ ଅଭିଯୁକ୍ତ ବିଇଓ ଦଳେଇ ଏସ୍‌ଟି ବର୍ଗର ପ୍ରମାଣପତ୍ର ହାସଲ କରି ଦୀର୍ଘ ବର୍ଷ ହେବ ଶିକ୍ଷା ବିଭାଗରେ ଚାକିରି କରି ସମସ୍ତ ସରକାରୀ ସୁବିଧା ଉପଭୋଗ କରୁଛନ୍ତି । ବିଇଓ ଦଳେଇ ପ୍ରଥମେ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବାବେଳେ ସେହି ନକଲି ଜାତିଗତ ପ୍ରମାଣପତ୍ର ବଳରେ ସେ ପଦୋନ୍ନତି ପାଇ ପ୍ରଥମେ ଯାଜପୁର ଜିଲା ବଡ଼ଚଣା ବିଇଓ ଭାବେ ଦାୟିତ୍ୱ ନେଇଥିଲେ। ଜିଲାର କେତେଜଣ ସାମାଜିକ କର୍ମୀ ଏକାଧିକ ଥର ତାଙ୍କ ଜାତିଗତ ପ୍ରମାଣପତ୍ର ବାବଦରେ ସୂଚନା ଅଧିକାର ଆଇନ ବଳରେ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ ତଥ୍ୟ ମାଗିଥିଲେ । ହେଲେ ଦଳେଇ ନିଜର ସମସ୍ତ ତଥ୍ୟ ହଜିଯାଇଥିବା ଦର୍ଶାଇ ଆବେଦନକାରୀଙ୍କୁ ଭୁଆଁ ବୁଲାଇଥିଲେ । ଚଞ୍ଚକତା କରି ବର୍ଷର ଅଧାଦିନ ଦେହ ଖରାପ ଦର୍ଶାଇ ସେ ଛୁଟିରେ ରହୁଥିଲେ। ଏଥିରେ ତତ୍କାଳୀନ ଜିଲା ଶିକ୍ଷାଧିକାରୀ ମଧ୍ୟ ସହଯୋଗ କରି ଆସୁଥିଲେ। ଏନେଇ ତତ୍କାଳୀନ ବଡଚଣା ଭାଜପା ନେତା ତଥା ବର୍ତ୍ତମାନର ବିଧାୟକ ଅମର ନାୟକ ମଧ୍ୟ ଅଭିଯୋଗ କରିଥିଲେ। ତେବେ ଏହି ନକଲି ବିଇଓଙ୍କ ନାମରେ ଅଭିଯୋଗ ବଢ଼ିବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ସୁରକ୍ଷା ଦେବାକୁ ଯାଇ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକକୁ ବଦଳି କରାଯାଇଥିଲା। ଉପରିସ୍ଥ ଅଧିକାରୀଙ୍କୁ ଧରାଧରି କରି ଏହି ବିଇଓ ଜଣକ ନିଜେ ସୁରକ୍ଷିତ ରହିବା ସହିତ ଏକାଧିକ ନକଲି ଶିକ୍ଷକଙ୍କୁ ସୁରକ୍ଷା ଦେଇ ଆସୁଛନ୍ତି। ଏଥିସହିତ ନକଲି ଶିକ୍ଷକଙ୍କ ନିକଟରୁ ମାସିକ ମୋଟା ଅଙ୍କର ଅର୍ଥ ଅସୁଲ କରି ସେମାନଙ୍କ ସୁରକ୍ଷା ପାଇଁ କେତେଜଣ ଅଧିକାରୀଙ୍କୁ ଲାଞ୍ଚ ଆକାରରେ ଦେଉଥିବା ଭଳି ସଙ୍ଗିନ ଅଭିଯୋଗ ଏହି ଅଭିଯୁକ୍ତ ବିଇଓଙ୍କ ନାମରେ ପୂର୍ବରୁ ରହିଛି । ସମାନ ଜାତିର ୨ ଜଣ ଶିକ୍ଷକଙ୍କୁ ନକଲି ଆଦିବାସୀ ଦର୍ଶାଇ ନିଲମ୍ବନ କରିଥିବାବେଳେ ଅନ୍ୟ ୯ ଜଣ ଶିକ୍ଷକଙ୍କୁ କ୍ଲିନ୍‌ଚିଟ ଦିଆଯାଇଛି। ଆରଡିସିଙ୍କ ନିର୍ଦ୍ଦେଶ ପରେ କୋରେଇ ବ୍ଲକ ଶିକ୍ଷାଧିକାରୀଙ୍କ ୨୩।୯।୨୦୨୨ ତାରିଖର ପତ୍ର ଆଧାରରେ ତତ୍କାଳୀନ ବ୍ୟାସନଗର ତହସିଲଦାର କେନ୍ଦୁଝର ଜିଲାର ଜମି ପଟ୍ଟାକୁ ଦର୍ଶାଇ ୧୪।୨।୨୦୨୩ରେ ରିପୋର୍ଟ ଦାଖଲ କରିଥିଲେ। କୌଣସି କ୍ଷେତ୍ର ପରିଦର୍ଶନରେ ନ ଯାଇ କିମ୍ବା ମୂଳ ପରିବାର ସମ୍ପର୍କରେ ଛାନଭିନ ନ କରି ତହସିଲଦାର ରିପୋର୍ଟ ଦାଖଲ କରିଥିବାରୁ ଅଭିଯୁକ୍ତ ବିଇଓ ଓ ଅନ୍ୟମାନେ ବର୍ତ୍ତି ଯାଇଥିଲେ।


By Regd. Post
By e-Mail

GOVERNMENT OF ODISHA
ST & SC DEVELOPMENT, M & BCW DEPARTMENT
*********

No. 18754 / SSD., Bhubaneswar, Dated 05/08/2025
STSCD-PCRC-CASE 1-0001-2019

From,
Mrs. Hemabanti Patra, OAS (SB)
Deputy Secretary to Govt.

To
The Deputy Director,
O/o the RDC (CD)-cum-Chairman, SLSC, Cuttack

**Sub: Verification of genuineness of caste status of Sri Harihar Dalei, S/o- Purusottam Dalei from Ashanjhar GP under Korei block of Jajpur District -regarding.**

Sir,

In inviting a reference to the subject cited above, I am directed to enclose herewith a copy of the allegation petition submitted by Sri Chandrakanta Pati, At-Korabandi, Post-Ragadi, Dist-Jajpur, PIN-755019. In accordance with the contents of the said allegation petition, one Sri Harihar Dalei, S/o- Purusottam Dalei from Ashanjhar GP under Korei block under Jajpur District is alleged to have obtained ST certificate fraudulently. It is further alleged that on the strength of the said certificate, he has availed the reservation benefits intended for the reserved category people of STs and has secured initial Govt. employment as a Teacher in Jajpur District. Over the years he is stated to have been promoted and is presently holding the post of Block Education Officer. As per the content of the allegation petition he is currently posted at Pattamundai Block, Kendrapara District.

Along with the aforesaid allegation petition, the Petitioner has provided a Newspaper Clipping wherein certain villagers have reportedly stated that Sri Dalei belongs to "Khandual" caste, which is recognized as a SEBC community. Further it is alleged that Sri Dalei is involved in the practices of protecting certain teachers in Korei block those who have secured employment on the basis of fake caste certificates.

In view of the above, it is requested that necessary steps may please be taken at an early date to enquire into the matter and verify the genuineness of caste status of the alleged individual by following the established rules and procedures, under intimation to this Department.

This may kindly be treated as **Most Urgent**.

Yours faithfully,
05/08/2025
Deputy Secretary to Govt.

ଏସ୍‌ଟି, ଏସ୍‌ସି ସଚିବଙ୍କ ପତ୍ର

# ଅଙ୍ଗଦାନ କ୍ଷେତ୍ରରେ ଉଦୀୟମାନ ରାଜ୍ୟ ଭାବେ ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ)

ଅଙ୍ଗଦାନ ଏବଂ ପ୍ରତିରୋପଣ କ୍ଷେତ୍ରରେ ଓଡ଼ିଶାକୁ ଉଦୀୟମାନ ରାଜ୍ୟ ଭାବେ ଜାତୀୟ ପୁରସ୍କାର ମିଳିଛି। ୧୫ତମ ଭାରତୀୟ ଅଙ୍ଗଦାନ ଦିବସ ଅବସରରେ ରବିବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନର ତତ୍ତ୍ୱାବଧାନରେ ନୂଆଦିଲ୍ଲୀର ଡ. ଆମ୍ବେଡକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ପୁରସ୍କାର ପ୍ରଦାନ କରି ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାବାସୀ ଏବଂ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାର ପ୍ରତିବଦ୍ଧତା ଏବଂ ଅବଦାନ ପ୍ରଶଂସନୀୟ। ଶେଷ ପର୍ଯ୍ୟାୟ ଅଙ୍ଗ ବିଫଳତା ରୋଗରେ ପୀଡ଼ିତ ରୋଗୀଙ୍କୁ ନୂତନ ଜୀବନ ଦେବାରେ ସାହାଯ୍ୟ କରିଥିବା ନେଇ ପୁରସ୍କାର ପତ୍ରରେ ଉଲ୍ଲେଖ ରହିଛି। ଚିକିତ୍ସା ଶିକ୍ଷା ଓ ତାଲିମର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର ଉମାକାନ୍ତ ଶତପଥୀ, ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନ (ଏସ୍‌ଓଟିଟିଓ)ର ରାଜ୍ୟ ପ୍ରଭାରୀ ଡା. ବିଭୂତି ଭୂଷଣ ନାୟକ ରାଜ୍ୟ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

# ଖଟିଆରେ ବୁହାହୋଇଗଲେ, ଶବହୋଇ ଫେରିଲେ


ଖଟିଆରେ ଲଳିତାଙ୍କ ମୃତଦେହକୁ ପରିବାର ଲୋକେ ବୋହି ଗାଁକୁ ନେଉଛନ୍ତି।

ପାପଡ଼ାହାଣ୍ଡି, ୫।୮ (ସ୍ୱପ୍ନଜିତ ପଟ୍ଟନାୟକ)

ଗାଁ ରାସ୍ତା ଖରାପ ଯୋଗୁ ଆସିପାରିଲାନି ଆମ୍ବୁଲାନ୍ସ। ପରିବାର ଲୋକେ ଅସୁସ୍ଥ ମହିଳାଙ୍କୁ ଖଟିଆରେ ୨ କି.ମି. ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଲେ। ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତଦେହକୁ ମଧ୍ୟ ଖଟିଆରେ ବୋହି ଘର ଯାଏ ଆଣିବାକୁ ପଡ଼ିଛି। ଏଭଳି ଦୁଃଖଦ ଓ ଅଭାବନୀୟ ଘଟଣା ମଙ୍ଗଳବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମୈଦଲପୁର ପଞ୍ଚାୟତ ଜବାଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ ଗ୍ରାମର ହରିସିଂ ଜାନୀଙ୍କ ସ୍ତ୍ରୀ ଲଳିତା। ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ନ ପାରିବାରୁ ଲଳିତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ଲଳିତାଙ୍କୁ ଜ୍ୱର ହେଉଥିବାରୁ ରବିବାର ରାତିରେ ପରିବାର ଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ଆମ୍ବୁଲାନ୍ସ ଡକାଇଥିଲେ। କିନ୍ତୁ ଗାଁ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ୨ କି.ମି. ଦୂର କଣ୍ଟାସାରୁ ଗାଁ ନିକଟରେ ଅଟକି ରହିଥିଲା। ପରିବାର ଲୋକେ ଲଳିତାଙ୍କୁ ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ନେଇଥିଲେ। ସେଠାରୁ ତାଙ୍କୁ ମୈଦଲପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଲଳିତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ଲଳିତାଙ୍କ ମୃତ୍ୟୁ ହୋଇଛି। ପରିବାର ଲୋକେ ମଙ୍ଗଳବାର କୋରାପୁଟରୁ ମୃତଦେହ ଆମ୍ବୁଲାନ୍ସରେ ଆଣିଥିଲେ। କାଦୁଅ ରାସ୍ତା ଯୋଗୁ ଗାଁ ଭିତରକୁ ଯାଇ ନ ପାରି ଅଧା ବାଟରେ ଅଟକିଯାଇଥିଲା ଆମ୍ବୁଲାନ୍ସ। ସମ୍ପର୍କୀୟ ସମସ୍ତେ ପୁଣି ଖଟିଆରେ ମୃତଦେହକୁ ୨ କି.ମି. ବୋହି ଘରକୁ ଆଣିଥିଲେ। ମୃତଦେହ ଗାଁରେ ପହଞ୍ଚିବା ପରେ ସତ୍କାର କରାଯାଇଛି। ଗାଁ ରାସ୍ତା ଅବସ୍ଥା ଅତି ଶୋଚନୀୟ। ପ୍ରଶାସନକୁ ଏ ନେଇ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଗତ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ବିଡିଓ ଓ ବିଧାୟିକା ପ୍ରାର୍ଥୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କିଛି କାମ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଗାଁକୁ ପକ୍କା ରାସ୍ତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଡିଓ କପିଳଦେବ ସାହୁଙ୍କୁ ପଚାରିବାରୁ ନିର୍ବାଚନ ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା କାମ ହୋଇଛି। ପୁନର୍ବାର କୋଡ୍ କରି ଜିଲାସ୍ତରକୁ ପଠାଯାଇଛି। ସେଠାରେ ଅନୁମୋଦନ ହେବା ପରେ ପୁଣି ରାସ୍ତା କାମ କରାଯିବ ବୋଲି ସେ କହିଛନ୍ତି।

# ୧୨ ଜିଲାରେ ବଣ୍ଟାଯିବ ଫାଇଲେରିଆ ଔଷଧ

**୧୦ରୁ ଆରମ୍ଭ ହେବ କାର୍ଯ୍ୟକ୍ରମ**

ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ)

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) ଅଗଷ୍ଟ ୧୦ରୁ ୧୨ ଜିଲାରେ ଆରମ୍ଭ ହେବ। ଅନୁଗୋଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲାରେ ଅଗଷ୍ଟ ୧୦ରୁ ୧୯ ମଧ୍ୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସହିତ ଜାତୀୟ



କୃମିନାଶକ ଦିବସ (ଏନ୍‌ଡିଡି) କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଫାଇଲେରିଆ ନିରାକରଣ ପାଇଁ ଏହି ୧୨ଜିଲାର ୧୧୫ଟି କାର୍ଯ୍ୟାନ୍ୱୟନ ୟୁନିଟ୍‌ରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ ବୋଲି ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୧କୋଟି ୭ଲକ୍ଷ ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ। ଏହା ଅଧୀନରେ ୩ଟି ଔଷଧ ଯଥା ଡିଇସି, ଆଲବେଣ୍ଡାଜୋଲ ଓ ଆଇଭରମେକ୍ଟିନ ବଟିକା ଖାଇବାକୁ ଦିଆଯିବ। ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥଙ୍କୁ ଏହି ଔଷଧ ଖାଇବାକୁ ବାରଣ କରାଯାଇଛି। ଏଥିପାଇଁ ୪୧୦୦୦ଜଣ ଡ୍ରଗ ଆଡ୍‌ମିନିଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟ ତଦାରଖ କରିବାକୁ ୪୧୦୦ଜଣ ପର୍ଯ୍ୟବେକ୍ଷକ ରହିଛନ୍ତି। ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଅନ୍ୟ ସ୍ୱେଚ୍ଛାସେବୀଙ୍କୁ ଡ୍ରଗ୍ ଆଡମିନିଷ୍ଟ୍ରେଟର ଭାବେ ଚିହ୍ନଟ କରାଯାଇଛି। ସେମାନେ ପ୍ରତ୍ୟେକ ଘରକୁ ଘର ଯାଇ ଏମ୍‌ଡିଏ ଔଷଧ ସେବନ କରାଇବେ। ଅନ୍ତତଃ ୯୦% ଲୋକ ଡ୍ରଗ ଆଡମିନିଷ୍ଟ୍ରେଟରଙ୍କ ସମ୍ମୁଖରେ ଔଷଧ ଖାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସମ୍ମିଳନୀରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି, ଜନସାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଦିଲୀପ କୁମାର ପଣ୍ଡା, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ରାଜ୍ୟଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଜୁ ଜନତା ଦଳ ପକ୍ଷରୁ ଧାରଣା, ସ୍ଥାନ: ବ୍ଲକ୍ ଅଫିସ୍ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ନାଇଟ୍ ସିଫ୍ଟରେ ମହିଳା କାର୍ଯ୍ୟ କରିବା ବିଜ୍ଞପ୍ତିକୁ ନେଇ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରତିବାଦ, ସ୍ଥାନ: ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ସୋଲୋ ଆର୍ଟ ଏକ୍ଜିବିଶନ୍ 'କଳା ଚକ୍ର', ସ୍ଥାନ:ଭୁବନେଶ୍ୱର କ୍ଲବ୍, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ରେନଲ୍ଟ ଟ୍ରାଇବର୍ ଉନ୍ମୋଚନ, ସ୍ଥାନ: ରେନଲ୍ଟ କାର୍ଯ୍ୟାଳୟ ଭୁବନେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ଦୂରଦର୍ଶୀର ୧୭ତମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସିବିଏସ୍‌ଇ ବାସ୍କେଟ ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଉଦ୍‌ଯାପନୀ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା

## ବାଲେଶ୍ୱର
- ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାର ମହାସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଫକୀରମୋହନ ଗୋଲେଇଠାରୁ ଜିଲାପାଳ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ ଛାତ୍ର ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ଏସ୍‌ପି ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ୍ ମ୍ୟାଚ୍ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ
- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ମିଡିଆ ସେନ୍‌ସିଟାଇଜେଶନ ୱାର୍କଶପ୍ ଅନ୍ ମାସ ଡ୍ରଗ ଆଡ୍‌ମିନିଷ୍ଟ୍ରେଶନ ୨୦୨୫-୨୦୨୬,ସ୍ଥାନ: କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ୧୧ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ:କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଏସପି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ସ୍ୱଳ୍ପ ଦୃଷ୍ଟିବାଧିତ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଖରିଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୋପାଳପୁର କଲେଜର ସ୍ୱନକ୍ଷତ୍ର ଉତ୍ସବ,ସ୍ଥାନ: ଗୋପାଳପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ
- ଓଡ଼ିଆ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ:ବାଲିଗୁଡ଼ା ଟାଉନ୍ ହଲ ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ସାମୂହିକ ଔଷଧ ସେବନ ପାଇଁ ମିଡିଆ ସଚେତନତା, ସ୍ଥାନ: ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ମିଳିତ ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୫ଟା।
- ୨୯ତମ ନାଟ୍ୟ ମହୋତ୍ସବ, ସ୍ଥାନ: ଢେଙ୍କାନାଳ ବାଜିଚୌକ ଶହୀଦ ବାଜି ରାଉତ କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ
- କାଉନସିଲରମାନଙ୍କୁ ନେଇ ବୈଠକ, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ, ସମୟ ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜଗତ୍‌ସିଂହପୁର ସରକାରୀ ପଲିଟେକ୍‌ନିକ ୭ମ ଗଭର୍ନିଂ ବଡି ମିଟିଂ, ସ୍ଥାନ: ଜିଲାପାଳଙ୍କ ଚାମ୍ବର, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଖଜୁରିଆପଡ଼ା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାମୁଦ୍ରିକ ସୁରକ୍ଷା ସମ୍ପର୍କରେ ମକ୍ ଡ୍ରିଲ, ସ୍ଥାନ: ଖରିନାସୀ ଜେଟି, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।
- ଶ୍ରୀଜୀଉଙ୍କ ଝୁଲଣ ଯାତ୍ରା, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର ; ଶ୍ରୀ ଗୋପୀନାଥଜୀଉ ମନ୍ଦିର, ଓଲଢ଼ି, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଧର୍ମଶାଳା କ୍ରୀଡ଼ା ଛାତ୍ରାବାସ ପାଇଁ ପ୍ରତିଭା ଚୟନରେ ଫୁଟବଲ ପ୍ରତିଯୋଗିତା, ସ୍ଥାନ : ଧର୍ମଶାଳା ଷ୍ଟାଡିୟମ, ସମୟ : ସକାଳ ୮ଟାରୁ ଆରମ୍ଭ।
- କୃମି ନାଶକ ଦିବସ ଉପଲକ୍ଷେ ତାଲିମ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ରସୁଲପୁର ବ୍ଲକର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ଓ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ : ଯାଜପୁର ଜିଲାପାଳ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜିଲା ସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟର ଷଷ୍ଠ ଦିବସ, ସ୍ଥାନ: ନୟାଗଡ ଜିଲା ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା ; ଓଡଗାଁ ରଘୁନାଥ ମନ୍ଦିର ; ନୟାଗଡ ପୁରୁଣା ସହରର ଗୋପିନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା । ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦ । ସ୍ଥାନ: କଣ୍ଟିଲୋ ରାଧାମୋହନ ପୀଠ, ସମୟ: ସନ୍ଧ୍ୟା ୮ଟା ।
- ଝୁଲଣ ଯାତ୍ରାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ ; ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ରାତି ୯ଟା।

## କୋରାପୁଟ
- ଅଧ୍ୟାପକ ଅଧ୍ୟାପିକାଙ୍କ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।
- ବିଭିନ୍ନ ଜମି ଅଧିଗ୍ରହଣ ମାମଲା ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ପ୍ଲମ୍ବୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ଭାଲୁପାଲିସ୍ଥିତ ଡିଲନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ : ବିଇଡି ମହାବିଦ୍ୟାଳୟ, ସମୟ : ଅପରାହ୍ନ ୫ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ବଲାଙ୍ଗୀର ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅଘରିଆ ଭବନ, କନ୍ଦପାଲିପଡା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: କିସ୍ ଆବାସିକ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ଆର୍‌ଏସ୍‌ପି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ରାଜଗାଙ୍ଗପୁର ସହରର ନିର୍ମଳା ଇଂରାଜୀ ବିଦ୍ୟାଳୟରେ କୃତିତ୍ୱ ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ।
- ଅଖିଳ ଭାରତୀୟ ଯୁବା ସଂଘର ବୈଠକ, ସ୍ଥାନ: ହେମଗିର ଏଜୁକେଶନାଲ କମ୍ପ୍ଲେକ୍ସ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ୬୬୨ କଲେଜ ସଂଘର ଦାବିପତ୍ର ପ୍ରଦାନ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରଚନା ଓ ପ୍ରବନ୍ଧ ପ୍ରତିଯୋଗିତା,ସ୍ଥାନ: ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଜିଲାସ୍ତରୀୟ କୃଷି ଓ ଉଦ୍ୟାନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନାରୀ ସୁରକ୍ଷାକୁ ନେଇ ବିଜେଡି ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଥାନା ଅଧିକାରୀଙ୍କୁ ଦାବିପତ୍ର, ସ୍ଥାନ: ଜୟପାଟଣା ଥାନା କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଜିଲା ପରିଷଦ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ଭବନ ଜିଲା ପରିଷଦ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁବର୍ଣ୍ଣପୁର
- ସ୍ୱଚ୍ଛ ଭାରତ ଅଭିଯାନ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ରାଧାକୃଷ୍ଣ ମନ୍ଦିରରେ ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରାର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଉପନୟନ ଓ ବେଦାରମ୍ଭ ସଂସ୍କାର ତଥା ୧୬ ତମ ଚର୍ତୁବେଦ ଯଜ୍ଞ ଚତୁର୍ଥ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ ଟା ୪୦ରୁ ସକାଳ ୮ଟା।
- ମହିଳା ଉତ୍ଥାନ ମଣ୍ଡଳ ଓ ଯୋଗ ବେଦାନ୍ତ ସେବା ସମିତି ଜାମଲି, ନୂଆପଡା ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ସବ୍‌ଜେଲ ନୂଆପଡ଼ା, ସମୟ: ସକାଳ ୯ଟା।
- ନୂଆପଡା ଡିଷ୍ଟ୍ରିକ୍ଟ ୟୁନିୟନ ଅଫ ଜର୍ନାଲିଷ୍ଟ ସଂଘର ସାଧାରଣ ବୈଠକ, ସ୍ଥାନ: ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଟିଖାଳି ଡାକବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ପଞ୍ଚମ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

# ଦୁର୍ନୀତିରୁ ଦୂରରେ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

### ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀ

### ଆଦିବାସୀଙ୍କ ସହ ସୁସମ୍ପର୍କ ରଖ

ଭୁବନେଶ୍ୱର,୫।୮(ରବିନାରାୟଣ ଜେନା)

ଦୁର୍ନୀତି ସହ ଯୋଡ଼ିହୋଇ ରହିଥିବା ଅଧିକାରୀ ମାଇଣ୍ଡ ଚେଞ୍ଜ୍ କରନ୍ତୁ। କିଛି ଅଧିକାରୀଙ୍କ ଯୋଗୁ ବିଭାଗ ବଦ୍‌ନାମ ହେଉଛି। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ଅଧିକ ରୋଜଗାର ଆଶାରେ ଦୁର୍ନୀତି କରୁଛନ୍ତି ସେମାନେ ଆଉ ଖସିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମଙ୍ଗଳବାର ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଏହି ପରାମର୍ଶ ଦେଇଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ବନାଧିକାରୀମାନଙ୍କୁ କହିଥିଲେ, ବର୍ତ୍ତମାନର ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ତେଣୁ ଅଧିକାରୀମାନେ ଦୁର୍ନୀତିରୁ ଦୂରରେ ରୁହନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।

ଏହିଅବସରରେ ମୁଖ୍ୟମନ୍ତ୍ରୀ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ, ଯାହା ଲୋକଙ୍କୁ ଫଳ, ପୁଷ୍ପ ସହ ଛାୟା ପ୍ରଦାନ କରିପାରିବ ବୋଲି କହିଥିଲେ। ବନ ଅଧିକାରୀମାନେ ମୁଖ୍ୟତଃ ଗରିବ, ଆଦିବାସୀ, ଦଳିତବର୍ଗଙ୍କ ସହ ମିଳାମିଶା କରୁଛନ୍ତି। ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସେମାନଙ୍କ ସହ ସମ୍ବେଦନଶୀଳତା ସହିତ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ହାତୀ-ମଣିଷ ସଂଘର୍ଷକୁ ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ଜଙ୍ଗଲ ଭିତରେ ହାତୀ ଖାଦ୍ୟ ପାଇଁ ଧାନଚାଷ କରିବା ଲାଗି ବିଭାଗକୁ ପରାମର୍ଶ ଦେଇଥିଲେ।

ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଜରୁରୀ। ବୃକ୍ଷରୋପଣ ସହ ତା'ର ସୁରକ୍ଷା, ପରିଚାଳନା ଓ ତଥା ସବୁଜ ବଳୟ ବୃଦ୍ଧି ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡ଼ିବ। ବନ୍ୟପ୍ରାଣୀ ଶିକାର, ଜଙ୍ଗଲ ନିଆଁ ରୋକିବାରେ ଜଙ୍ଗଲ ବିଭାଗ ଭଲ କାମ କରୁଛି। ତଥାପି ଏ କ୍ଷେତ୍ରରେ ଶତପ୍ରତିଶତ ସଫଳତା ହାସଲ କରିବାକୁ ପଡ଼ିବ। ଆବଶ୍ୟକସ୍ଥଳେ ବ୍ୟାପକ ଜନସଚେତନ ସୃଷ୍ଟି କରିବା ସହିତ ନୂଆ ଟେକ୍ନୋଲୋଜିର ପ୍ରୟୋଗ କରିବାକୁ ହେବ।

ମୁଖ୍ୟମନ୍ତ୍ରୀ ୨୦୩୬ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ପରିକଳ୍ପନା କରାଯାଇଥିବା ସବୁଜ ଓଡ଼ିଶା ଲକ୍ଷ୍ୟ ପୂରଣରେ ବିଭାଗୀୟ ଅଧିକାରୀଙ୍କ ନିଷ୍ଠାପର ଯୋଗଦାନ କାମନା କରିବା ସହିତ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ୍ ଓ ଗବେଷଣା ଦିଗ ପ୍ରତି ଗୁରୁତ୍ୱାରୋପ କରି ଲୋକମାନଙ୍କ ସେବା କରିବାକୁ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବା ଲାଗି ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଥିଲେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ହେଉଛି ଏ ସମାଜର ଜୀବନରେଖା। ଏ ସୃଷ୍ଟିର ମୌଳିକତାକୁ ବଜାୟ ରଖିବାରେ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି। ନୂଆ ସରକାର ଆସିବା ପରେ ଜଙ୍ଗଲ ସଂରକ୍ଷଣ ଓ ଅଭିବୃଦ୍ଧି ପ୍ରତି ଗୁରୁତ୍ୱ ଦିଆଯାଉଛି। ଆଜି ଓଡ଼ିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ପଦକ୍ଷେପ ନିଆଯାଇଛି, ତାହାର ଶ୍ରେୟ ଆମ ନିଷ୍ଠାପର ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କର। ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡ଼ିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବାକୁ ସେ ପରାମର୍ଶ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମା' ନଥିଲେ ମାଉସୀ ପୋଷେ**
**ବାପ ନ ଥିଲେ ପିଉସା ପୋଷେ।**

ମାଉସି ମାଆ ପରି। ମାଆ ନଥିଲେ ସନ୍ତାନର ସମସ୍ତ ଦାୟିତ୍ୱ ମାଉସି ନେବା ସହ ମାଆ ର ଭୂମିକାକୁ ସୂଚାରୁ ରୂପେ ତୁଲାଇଥାଏ। ସେହିପରି ବାପ ର ଭୂମିକା ମଧ୍ୟ ଅନେକାଂଶରେ ପିଉସା ତୁଲାଇ ବାପ ର ଅଭାବ କୁ ପୂରଣ କରିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ମାଇଲି ପାଣି କୁଆକୁ;**
**ମାସକ ଦରମା ପଠାଇ ଦେଲି,**
**ନ ଅଣ୍ଟେ ପାନ ଗୁଆକୁ।**

ଆର୍ଥିକ ଭାବେ ସଚ୍ଛଳ ନ ଥିବା ବ୍ୟକ୍ତି ଜଣକ ନିଜ ପରିବାର ଚଳାଇବା ନିମନ୍ତେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହିପରି ବ୍ୟକ୍ତିଙ୍କୁ ନିଜ ରୋଜଗାରକୁ ଚାହିଁ ଜଗି ରଖି ଖର୍ଚ୍ଚ କରିବାକୁ ପଡୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

### ଶୋଭନା ମହାନ୍ତି ରାଜ୍ୟ...

ଯୋଗଦେବା ଦିନଠାରୁ ୩ ବର୍ଷପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ। ରାଜ୍ୟ ସରକାରଙ୍କ ଚାକିରି ସର୍ତ୍ତାବଳୀ ଅନୁଯାୟୀ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସେହିପରି ବିଭାଗର ଅନ୍ୟ ଏକ ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ମହିଳା କମିଶନର ସଦସ୍ୟା ଭାବେ ୪ ଜଣଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ କଟକ କନ୍ଦରପୁର ଅନ୍ତର୍ଗତ ଫକୀରପଡ଼ାର ପ୍ରତିଭା ଶତପଥୀ, ଭୁବନେଶ୍ୱର ସୂର୍ଯ୍ୟନଗରର ଉର୍ମିଳା ମହାପାତ୍ର, କେନ୍ଦ୍ରାପଡ଼ା କପିଳେଶ୍ୱରର କଳ୍ପନା ମଲ୍ଲିକ ଏବଂ ବରଗଡ଼ ପଦ୍ମପୁର ଅନ୍ତର୍ଗତ ଲଖମରାର ମୁକ୍ତା ସାହୁ ସଦସ୍ୟା ଭାବେ ନିଯୁକ୍ତ ହୋଇଛନ୍ତି। ଉପରୋକ୍ତ ବ୍ୟକ୍ତିମାନେ ୩ ବର୍ଷ ପାଇଁ ଆୟୋଗର ସଦସ୍ୟା ରହିବେ। ସରକାରଙ୍କ ନିୟମ ଅନୁଯାୟୀ, ଏମାନଙ୍କୁ ଦରମା ଓ ପାରିଶ୍ରମିକ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ଦର୍ଶାଯାଇଛି।

### ୩ ଦିନିଆ ଦିଲ୍ଲୀ...

ଓଡ଼ିଶା ଗସ୍ତରେ ଆସିବା ଲାଗି ସେ ନିମନ୍ତ୍ରଣ କରିପାରନ୍ତି ବୋଲି ଶୁଣିବାକୁ ମିଳିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବହୁ ପ୍ରଚାରିତ ସୁଭଦ୍ରା ଯୋଜନା ପ୍ରଧାନମନ୍ତ୍ରୀଙ୍କ ଗତ ଜନ୍ମଦିନ ଅବସରରେ ଓଡ଼ିଶାରେ ଶୁଭାରମ୍ଭ କରାଯାଇଥିଲା। ତେଣୁ ଚଳିତ ଥର ମଧ୍ୟ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସନ୍ତୁ ବୋଲି ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେବା ଲାଗି ଦିଲ୍ଲୀ ଗସ୍ତ କରିଥିବା କୁହାଯାଉଛି। ଅନ୍ୟପଟେ ଏହି ସମୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଦିଲ୍ଲୀ ଗସ୍ତ କରିବେ ବୋଲି ଜଣାପଡ଼ିଛି। ସରକାରରେ କେତେଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ କରିବାର ବିଷୟ ଏବଂ ନିଗମ ଓ ବୋର୍ଡରେ ଖାଲି ପଡ଼ିଥିବା ପଦବୀ ପୂରଣ ସହ ଅନ୍ୟାନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଏବଂ ସଭାପତି ଏକାଠି ଆଲୋଚନା କରିବେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଦଳ ଏବଂ ସଙ୍ଗଠନ ଏକାଠି କାର୍ଯ୍ୟ କରୁଛନ୍ତି ଏଭଳି ଏକ ବାର୍ତ୍ତା ଦେବା ଲାଗି ଉଭୟେ ଏକାସଙ୍ଗେ ନୂଆଦିଲ୍ଲୀ ଗସ୍ତ କରୁଥିବା ଚର୍ଚ୍ଚା ହେଉଛି।

### ୧ରୁ ବନ୍ଦ ହେବ...

ମୂଲ୍ୟଗତ ତାରତମ୍ୟ କ୍ଷୁଦ୍ର ବ୍ୟବସାୟ, କୃଷକ ଓ ଗ୍ରାମାଞ୍ଚଳର ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ସେପ୍ଟେମ୍ବର ସମୟସୀମା ସୁଦ୍ଧା ସ୍ପିଡ୍ ପୋଷ୍ଟ ବ୍ୟବହାର କରିବା ପାଇଁ ଇଣ୍ଡିଆ ପୋଷ୍ଟର ସଚିବ ତଥା ମହାନିର୍ଦ୍ଦେଶକ ସମସ୍ତ ସରକାରୀ କାର୍ଯ୍ୟାଳୟ, କୋର୍ଟ, ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ସଂସ୍ଥାକୁ ପରାମର୍ଶ ଦେଇଛନ୍ତି। ସ୍ପିଡ୍ ପୋଷ୍ଟ ବ୍ୟବସ୍ଥାରେ ଦ୍ରୁତ ସେବା ମିଳିବା ସହ ଅଧିକ ଟ୍ରାକିଂ ସୁବିଧା ଓ ପରିଚାଳନାଗତ ସାମର୍ଥ୍ୟ ରହିଛି। ୧୯୮୬ରୁ ଏହି ସେବା ଆରମ୍ଭ ହୋଇଛି।

### ବଦଳିବ ୧,୬୩୫ ରାଜସ୍ୱ...

କରାଯିବା ଜରୁରୀ। ସେହିପରି ରାଜସ୍ୱ ନିୟମ-୪୪ ଓ ୪୫ରେ ମଧ୍ୟ ଏହା ଉଲ୍ଲେଖ ହୋଇଛି ଯେ, ନୂତନ ରାଜସ୍ୱ ଗ୍ରାମର ସୀମା ପୁନଃ ନିର୍ଦ୍ଧାରଣ ବେଳେ ସ୍ୱତ୍ତ୍ୱାଧିକାର ପରିବର୍ତ୍ତନକୁ ଗୁରୁତ୍ୱ ଦେବାକୁ ହେବ। ନକ୍ସା ପ୍ରସ୍ତୁତ ବେଳେ ଯେପରି ଏହା ମିଶି ନ ଯାଏ ତାକୁ ଗୁରୁତ୍ୱ ଦେଇ ନକ୍ସା ପରିବର୍ତ୍ତନ ହେବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୂମି ରେକର୍ଡ ପୂର୍ଣ୍ଣଭାବେ କମ୍ପ୍ୟୁଟରାଇଜ୍ ଓ ମାନଚିତ୍ରଗୁଡ଼ିକ ଡିଜିଟାଲାଇଜ୍ ହୋଇଯାଇଛି। ନକ୍ସା ପରିବର୍ତ୍ତନ ବେଳେ ଯଦି ସୂଚନା ପ୍ରଯୁକ୍ତି ବିଦ୍ୟା ଠିକଣା ଭାବେ ପ୍ରୟୋଗ କରାଯିବ ତେବେ ରାଜସ୍ୱ ଗ୍ରାମ ସୀମା ନକ୍ସା ଅପେକ୍ଷାକୃତ କମ୍ ସମୟ ଓ ପ୍ରୟାସରେ ସମ୍ପାଦନ ହୋଇପାରିବ, ଯାହା ଅଧିକ ନିଖୁଣତା ଓ ସ୍ୱଚ୍ଛତା ରହିବ। ନୂତନ ରାଜସ୍ୱ ଗ୍ରାମର ସୀମା ଓ ନକ୍ସା ପ୍ରସ୍ତୁତ ବେଳେ ଯେଭଳି ସ୍ୱଚ୍ଛତା ରହିବ ତାକୁ ଗୁରୁତ୍ୱ ଦେବାକୁ ଏସିଏସ୍ ଦର୍ଶାଇଛନ୍ତି।

ଏସ୍‌ଓପି ଅନୁଯାୟୀ, ସଂପୃକ୍ତ ତହସିଲ୍ କାର୍ଯ୍ୟାଳୟରେ ଗୋଟିଏ ଲେଖାଏ ସୀମା ପରିବର୍ତ୍ତନ ବିବରଣୀ(ବିସିପି) ପ୍ରକୋଷ୍ଠ ଖୋଲାଯିବ। ଏହି ପ୍ରକୋଷ୍ଠ ସମସ୍ତ ପ୍ରକାର ରେକର୍ଡ ସଂଶୋଧନ, ନକ୍ସା ପ୍ରସ୍ତୁତି, ସୀମା ନିର୍ଦ୍ଧାରଣ କାର୍ଯ୍ୟ କରିବ। ସଂପୃକ୍ତ ତହସିଲ୍‌ର ଅତିରିକ୍ତ ତହସିଲ୍‌ଦାର ଜଣେ ବରିଷ୍ଠ ଅମିନ, ରାଜସ୍ୱ ନିରୀକ୍ଷକ ଓ ଜଣେ ସୁପରଭାଇଜରଙ୍କୁ ନେଇ ଏ ସମସ୍ତ କାର୍ଯ୍ୟ କରିବେ। ଏହାସହ ଖାତା ଓ ପ୍ଲଟ୍ ନମ୍ବର ପରିବର୍ତ୍ତନ ସାବଧାନତାର ସହ କରିବାକୁ ବିଭାଗ ପକ୍ଷରୁ ଏସ୍‌ଓପିରେ ପରାମର୍ଶ ଦିଆଯାଇଛି।

### ସତ୍ୟପାଲ ମଲିକଙ୍କ...

ଚୌଧୁରୀ ଚରଣ ସିଂଙ୍କ ଭାରତୀୟ କ୍ରାନ୍ତି ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ସଭା ସଦସ୍ୟ ରହିବା ସହ ପରେ ଆଲିଗଡ଼ରୁ ଜନତା ଦଳ ପ୍ରାର୍ଥୀ ଭାବେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଦଳ ବଦଳାଇ କଂଗ୍ରେସ, ଲୋକଦଳ ଏବଂ ସମାଜବାଦୀ ପାର୍ଟିରେ ସାମିଲ ହୋଇଥିଲେ। ୨୦୧୭ରେ ସତ୍ୟପାଲ ବିହାର ରାଜ୍ୟପାଳ ନିଯୁକ୍ତ ହୋଇଥିଲେ ଓ ୨୦୧୮ ମାର୍ଚ୍ଚ ୨୧ରୁ ଅଗଷ୍ଟ ୨୮ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ସେହି ମାସରେ ତାଙ୍କୁ ଜମ୍ମୁ-କଶ୍ମୀର ରାଜ୍ୟର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା। ୨୦୧୯ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବା ଏବଂ ଏହାକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଗ କରାଯିବା ଓ ପୁଲୱାମା ଆତଙ୍କବାଦୀ ଆକ୍ରମଣ ବେଳେ ସତ୍ୟପାଲ ରାଜ୍ୟପାଳ ରହିଥିଲେ। ପରେ ସେ ଗୋଆ ଏବଂ ମେଘାଳୟର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ଗତ ୨ ବର୍ଷ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦ ସରକାରଙ୍କୁ ସମାଲୋଚନା କରି ସେ ଚର୍ଚ୍ଚାରେ ରହିଥିଲେ। ବିବାଦୀୟ କୃଷି ଆଇନକୁ ବିରୋଧ କରି ସେ କୃଷକମାନଙ୍କୁ ସମର୍ଥନ କରିବାରୁ ୨୦୨୦-୨୧ରୁ ଭାଜପା ସରକାରଙ୍କ ସହ ତାଙ୍କର ମତାନ୍ତର ଆରମ୍ଭ ହୋଇଥିଲା। ୨୦୨୩ରେ ଏକ ସାକ୍ଷାତ୍କାରରେ ପୁଲ୍‌ୱାମା ଆକ୍ରମଣ ସୁରକ୍ଷାଗତ ତ୍ରୁଟିରୁ ଘଟିଥିଲା ବୋଲି ଅଭିଯୋଗ କରିଥିଲେ। ସେତେବେଳେ ତାଙ୍କୁ ନୀରବ ରହିବାକୁ କେନ୍ଦ୍ର କହିଥିଲା। ସିଆର୍‌ପିଏଫ ଏୟାରଲିଫ୍ଟ ପାଇଁ ଅନୁରୋଧ କରିଥିବାବେଳେ ଏହାକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ସଡ଼କ ପଥରେ ଆସି ସେମାନେ ଆତଙ୍କବାଦୀଙ୍କ ଟାର୍ଗେଟର ଶିକାର ହେଲେ ବୋଲି ସତ୍ୟପାଲ କହିଥିଲେ। କେନ୍ଦ୍ରକୁ ସମାଲୋଚନା ସତ୍ୟପାଲଙ୍କୁ ବିରୋଧୀ କ୍ୟାମ୍ପ୍ ନିକଟତର କରିଥିଲା। ବର୍ତ୍ତମାନ ଲୋକ ସଭାରେ ବିରୋଧୀ ଦଳ ନେତା ଥିବା ରାହୁଲ ଗାନ୍ଧୀ ଗତ ମେ' ମାସରେ ହସ୍ପିଟାଲ ଯାଇ ସତ୍ୟପାଲଙ୍କୁ ଭେଟିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୋଣଭାବସ୍ଥ କେତୁ ପ୍ରଭାବରୁ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କୁ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବହୁତ ଦିନହେଲା ଦେଖି ନ ଥିବା ବନ୍ଧୁଙ୍କୁ ଭେଟିପାରନ୍ତି। ପାରିବାରିକ ଅସହଯୋଗ ନୂତନ କାମ, ବ୍ୟବସାୟ, ଯାତ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ।

**ବୃଷ** ଧନଭାବସ୍ଥ ଗୁରୁ ଓ ଶୁକ୍ର ଯୋଗୁ ମନ ଯେମିତି ଉଚ୍ଚ କାମ ମଧ୍ୟ ତଦନୁରୂପ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ବିବାଦୀୟ ଘଟଣାର ସମାଧାନ ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ପାଇଁ ଚିନ୍ତା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନାଦି କ୍ଷେତ୍ରରୁ ଲାଭବାନ ହେବେ। ଅସମର୍ଥିତ ସୂତ୍ରରୁ ଶୁଣା କଥାରେ ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ** ଶନିଙ୍କ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବାଧ୍ୟ ହେବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ କିନ୍ତୁ କୌଣସି ପ୍ରତିକାର କରିପାରିବେ ନାହିଁ। ସରକାରୀ ସ୍ତରରୁ କିମ୍ବା କମ୍ପାନୀ ସମ୍ବନ୍ଧୀୟ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି।

**କର୍କଟ** ଧନାଧିପ ରାଶିରେ ଥିବାରୁ ଯାହା ପାଇବା ପାଇଁ ଆଶା କରିଥିଲେ ତାହା ଆକସ୍ମିକ ଭାବରେ ପ୍ରାପ୍ତ ହେବ।ସାମୂହିକ କାର୍ଯ୍ୟ କ୍ଷେତ୍ରରେ ନୂତନ ବନ୍ଧୁସମ୍ପର୍କ ସୃଷ୍ଟିହେବାର ସୂଚନା ରହିଛି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** ମୁଖଭାବରେ ମଙ୍ଗଳ ଅବସ୍ଥାନ କରିଥିବାରୁ ଆପଣଙ୍କ କଠୋର ବାକ୍ୟାଳାପରୁ ବନ୍ଧୁ ଦୁଃଖ ପ୍ରକାଶ କରିବେ। ଅତୀତର ବିବାଦୀୟ ଘଟଣାରେ ଆଶଙ୍କା କ୍ରମଶଃ ଦୂରେଇଯିବାର ସମ୍ଭାବନା ରହିଛି। ଅତି ଭଲ ସମ୍ପର୍କ ରହିଥିବା ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କନ୍ୟା** ଚତୁର୍ଥକେନ୍ଦ୍ରରେ ଚନ୍ଦ୍ର ଥିବାରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। କିନ୍ତୁ ମଙ୍ଗଳଙ୍କ ପ୍ରଭାବରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ଗ୍ରହଣ କରିବା ଠିକ୍ ହେବନାହିଁ। ପୂର୍ବ ପ୍ରତିକ୍ରିୟା ନ ଥାଇ ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ତୁଳା** ରାହୁ କୋଣଭାବରେ ଥିବାରୁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କାମରେ ପ୍ରତିବନ୍ଧକ ସୃଷ୍ଟିକରିବ। କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ସମସ୍ୟା ସୃଷ୍ଟି କରିପାରନ୍ତି। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବିତ କରାଇପାରେ।

**ବିଛା** ଭାଗ୍ୟାଧିପତି ଧନଭାବସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଶୁଭଫଳ ପାଇବେ। ମନକୁ ପାଇଲା ଭଳି କଥାମାନ କହି ପାରିବାରିକ ସମସ୍ୟାର ସମାଧାନ କରିବେ। ମୂଲ୍ୟବାନ ଦ୍ରବ୍ୟ ପାଇବା ସହ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ ହେବେ। ପରିବହନ ଓ ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** କର୍ମକ୍ଷେତ୍ରରେ ମଙ୍ଗଳ ଥିବାରୁ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ବ୍ୟବସାୟ, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରର ସମସ୍ୟା ସମାଧାନ ହେବ। ସାମାନ୍ୟ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ କିମ୍ବା ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର** ଚତୁର୍ଥାଧିପତି ଭାଗ୍ୟସ୍ଥ ଯୋଗୁ ସାହସିକ ପଦକ୍ଷେପ ନେଇ ଗୁରୁତ୍ୱପୂର୍ଣ୍ଣ କାମକୁ ସମ୍ପନ୍ନ କରିବେ। କିନ୍ତୁ ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହେବେ। କର୍ମାରମ୍ଭ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ଦିଗରେ ଦୃଢ଼ ପଦକ୍ଷେପ ନେବେ। ସାମାଜିକ କାମରେ ସମର୍ଥକଙ୍କୁ ନିଜ ଆଡ଼କୁ ଆଣିବାରେ ସକ୍ଷମ ହେବେ।

**କୁମ୍ଭ** ଅନୁକୂଳ ଗ୍ରହସ୍ଥିତିରୁ ଅନ୍ୟମାନଙ୍କ ସ୍ଥଗିତ କାମକୁ ଆଗକୁ ବଢ଼ାଇ ନେବାରେ ଆପଣଙ୍କ ଭୂମିକା ସର୍ବାଗ୍ରେ ରହିବ। ନିଜ କାମଗୁଡ଼ିକ ପାଇଁ ଦୁଶ୍ଚିନ୍ତାର ମାତ୍ରା କମିବ ନାହିଁ। ଅଫିସ୍ କାମରେ ବାଦବିବାଦ ଜଟିଳ ହେଲେ ମଧ୍ୟ ଆପଣ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ** ଶନି ପ୍ରଭାବରେ ସହକର୍ମୀଙ୍କ ସହ ଆଲୋଚନା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ବାରମ୍ବାର ଚେଷ୍ଟା କରି ମଧ୍ୟ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ବାଣିଜ୍ୟ, ଯାତ୍ରା, ସଭାସମିତି ମନ ଅନୁଯାୟୀ କରିପାରିବେ। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ।

ଆଜି ଅଗଷ୍ଟ ୬ ତାରିଖ, ହିରୋସୀମା ଦିବସ, ଶ୍ରୀବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ, ଶ୍ରାବଣ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର। ରାଶିନକ୍ଷତ୍ର-ଦିବା ଘ.୧୨.୫୮ମି. ପର୍ଯ୍ୟନ୍ତ ମୂଳା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୭ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୧୦.୧୬ମି. ଗତେ ଘ.୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁ କାଳ।

# ନୀହାର, ଜିତନଙ୍କ ଆର୍ଥିକ କାରବାର ଯାଞ୍ଚ

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

- ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ପଚରାଉଚରା
- ପ୍ରଧାନଶିକ୍ଷକ ପ୍ରଶାନ୍ତ ଖମାରି ନିଲମ୍ବିତ
- ଅନ୍ୟମାନଙ୍କ ସମ୍ପୃକ୍ତିକୁ କ୍ରାଇମବ୍ରାଞ୍ଚର ତନାଘନା

କଟକ,୫।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ତନାଘନା ଚଳାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ତାଙ୍କୁ ସହଯୋଗ କରିଥିବା ଅଧିକାରୀ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ଆର୍ଥିକ କାରବାର ଉପରେ ମଙ୍ଗଳବାର ଯାଞ୍ଚ ଆରମ୍ଭ ହୋଇଛି। ଅପରପକ୍ଷରେ ପ୍ରଘଟ ପାଇଁ ଓଟିଇଟି ପ୍ରଶ୍ନପତ୍ରକୁ ହାତରେ ଲେଖିଥିବା କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଭେଜିପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଖମାରୀ ଗିରଫ ହେବା ପରେ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପୂର୍ବକ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।

ସୂଚନାନୁସାରେ, ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ରାଜ୍ୟର ବିଭିନ୍ନ ଜିଲାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହୋଇଛି। ବୋର୍ଡ ଅଫିସଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ପ୍ରାନ୍ତରକୁ ଏହି କାରନାମାର ଚେର ଲମ୍ବିଛି। କ୍ରାଇମବ୍ରାଞ୍ଚ ତଦନ୍ତରୁ ଏସବୁ ଜଣାପଡ଼ିବା ପରେ ଅଦ୍ୟାବଧି ବୋର୍ଡ ଉପସଭାପତି, ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମିଶାଇ ମୋଟ ୮ଜଣଙ୍କୁ ଗିରଫ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ ଯେ, ବୋର୍ଡର ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସନ୍ଦେହ ମଧ୍ୟରେ ରଖାଯାଇଛି। ତାଙ୍କ ବିରୋଧରେ ପ୍ରମାଣ ମିଳିଲେ ଗିରଫ କରାଯିବ। କ୍ରାଇମବ୍ରାଞ୍ଚ ମଙ୍ଗଳବାର ବୋର୍ଡ ଅଫିସର ସେହି ଡାଟା ଏଣ୍ଟ୍ରି ଅପରେଟରଙ୍କୁ ପଚରାଉଚରା କରିଛି। ବୋର୍ଡରେ ତାଙ୍କର କାର୍ଯ୍ୟାବଳୀ ସମେତ ପ୍ରଶ୍ନପତ୍ର ପ୍ରଘଟ ମାମଲା ଆଦି ଉପରେ ତାଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚରାଯାଇଛି। ସେହିପରି କ୍ରାଇମବ୍ରାଞ୍ଚ ପକ୍ଷରୁ ଉପସଭାପତି ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର ମହାରଣାଙ୍କ ଆର୍ଥିକ କାରବାର ଯାଞ୍ଚ ପାଇଁ ସେମାନଙ୍କ ଆକାଉଣ୍ଟ ଥିବା ବ୍ୟାଙ୍କକୁ ଚିଠି କରାଯିବା ପରେ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। କାହା ଆକାଉଣ୍ଟରୁ କେତେ ଟଙ୍କା କାରବାର ହୋଇଛି, ସେଗୁଡ଼ିକୁ ଯାଞ୍ଚ ପରିସରଭୁକ୍ତ କରାଯାଇଛି। କେଉଁମାନେ ଟଙ୍କା କାରବାରରେ ସମ୍ପୃକ୍ତ ଅଛନ୍ତି ସେଗୁଡ଼ିକୁ ଅତ୍ୟନ୍ତ ଗୁରୁତର ସହ ତଦନ୍ତ କରାଯାଉଛି।


ନିଲମ୍ବିତ ପ୍ରଶାନ୍ତ ଖମାରି।

ବୋର୍ଡରେ ପ୍ରଶ୍ନପତ୍ର ଭାଇରାଲ ହେବା, ପରୀକ୍ଷା ବାତିଲ କରାଯିବା ପୂର୍ବରୁ ଅନେକ ବାର ହୋଇଛି। ମାତ୍ର ସେଥିରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କିମ୍ବା କ୍ରାଇମବ୍ରାଞ୍ଚରେ କେବେ ଅଭିଯୋଗ କରାଯାଇନାହିଁ। ପ୍ରଥମ ଥର ପାଇଁ କ୍ରାଇମବ୍ରାଞ୍ଚକୁ ଏହି ମାମଲା ଆସିଛି। ପୂର୍ବରୁ ଏଭଳି ମାମଲା ରୁଜୁ ହୋଇଥିଲେ ଆଜି ଏହି ଘଟଣା ଘଟି ନ ଥାନ୍ତା ବୋଲି କ୍ରାଇମବ୍ରାଞ୍ଚ ଡିଜି ମିଶ୍ର ରବିବାର ଖବରଦାତା ସମ୍ମିଳନୀରେ କହିଥିଲେ। ବୋର୍ଡର କେତେକ ଉଲ୍ଲେଖନୀୟ ପରୀକ୍ଷା ବିଭ୍ରାଟର ଘଟଣାକ୍ରମକୁ ଅନୁଧ୍ୟାନ କଲେ ୨୦୧୬ରେ ଓଟିଇଟି ଅନିୟମିତତା କଥା ଉଠିଥାଏ। ସେହିପରି ୨୦୧୮ରେ ମାଟ୍ରିକ ପ୍ରଶ୍ନପତ୍ର ପ୍ରଘଟ, ୨୦୧୯ରେ ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ପରେ ପୁଣି ୨୦୨୨ରେ ବି ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା, ଯଦ୍ଦ୍ୱାରା ସେହି ପରୀକ୍ଷାଗୁଡ଼ିକୁ ବାତିଲ କରାଯାଇଥିଲା। ସେତେବେଳର ସରକାରୀ କଳ କେବଳ ଇଣ୍ଟରନାଲ ଇନ୍‌କ୍ୱାରି କରିଦେଇ ମାମଲାକୁ ସେଠି ଶେଷ କରିଦେଇଥିଲେ। ପରୀକ୍ଷା ଅନିୟମିତତା ଅଥବା ବିଭ୍ରାଟର ମୂଳ କାରଣ ସମ୍ପର୍କରେ ଗଭୀରକୁ ଯାଇ କୌଣସି ଖୋଳତାଡ଼ କରାଯାଇ ନ ଥିଲା। ସେତେବେଳେ କ୍ରାଇମବ୍ରାଞ୍ଚକୁ ମାମଲା ଯାଇଥିଲେ କେତେ କ'ଣ ଗୁମର ଫିଟି ପାରିଥାନ୍ତା। ସେତେବେଳେ କ୍ରମାଗତ ଭାବେ ଏଭଳି ପରୀକ୍ଷା ବିଭ୍ରାଟ ଘଟିଚାଲିଥିଲେ ବି ସରକାର କ୍ରାଇମବ୍ରାଞ୍ଚଠାରୁ କାହିଁକି ସେସବୁକୁ ଦୂରେଇ ରଖୁଥିଲେ, ତାହାକୁ ନେଇ ରାଜ୍ୟବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଶୋଇଥିବା ୨ ଯୁବକଙ୍କ ତଣ୍ଟିରେ ଛୁରି ଭୁସି ଦେଲେ ଦୁର୍ବୃତ୍ତ

**ପୂର୍ବ ଶତ୍ରୁତା ସନ୍ଦେହ, ତଦନ୍ତ ଜାରି**

ଖଲ୍ଲିକୋଟ,୫।୮ (ପ୍ରଶାନ୍ତ କୁମାର ମିଶ୍ର)

ଶୋଇଥିବା ଅବସ୍ଥାରେ କେତେ ଜଣ ଦୁର୍ବୃତ୍ତ ୨ ଜଣ ଯୁବକଙ୍କ ତଣ୍ଟିରେ ଛୁରି ଭୁସି ଦେଇଛନ୍ତି। ଫଳରେ ଉଭୟଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ ନୂଆ ଫାସୁଲା ଗ୍ରାମର ସିଲୁ ପାହାନ (୩୦) ଓ ତୁଳସୀପୁର ଗ୍ରାମର ରାଜେଶ ପଲେଇ (୨୮)। ଉଭୟଙ୍କୁ ସ୍ଥାନୀୟ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଟିଆ ସାହି ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଏପରି ଘଟଣା ଘଟିଛି।

ଖବରରୁ ଜଣାପଡିଛି, ସିଲୁ ଓ ରାଜେଶ ମାଟିଆ ସାହି ଛକରେ ଏକାଠି ରୁହନ୍ତି। ସୋମବାର ଉଭୟେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ୩/୪ ଜଣ ଯୁବକ ପହଞ୍ଚି ଉଭୟଙ୍କ ତଣ୍ଟିରେ ଛୁରି ଭୁସି ଦେଇଥିଲେ। ଫଳରେ ସେମାନଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଖବର ପାଇ ଖଲ୍ଲିକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସିଲୁ ଓ ରାଜେଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ତଣ୍ଟିରେ ଛୁରିର ଆଘାତ ଲାଗିଥିବା ଏବଂ ଉଭୟଙ୍କ ଅବସ୍ଥା ଗୁରୁତର ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ତେବେ ଆକ୍ରମଣ କରିଥିବା ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏପରି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଅତିରିକ୍ତ ପୋଲିସ କମିଶନରଙ୍କ ବିରୋଧରେ ଅଭିଯୋଗ**

ଭୁବନେଶ୍ୱର,୫।୮ (ସତ୍ୟଜିତ୍ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ ସମୟରେ ଭୁବନେଶ୍ୱର-କଟକ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ବିକ୍ଷୋଭକାରୀଙ୍କ ଗୋଡ଼ ଭାଙ୍ଗିଦେବାକୁ ନିର୍ଦ୍ଦେଶ ଦେବା ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ହୋଇଥିବା ଏକ ଅଭିଯୋଗକୁ ଭିତ୍ତି କରି ପୋଲିସ ଡିଜିଙ୍କୁ କମିଶନ ରିପୋର୍ଟ ତଲବ କରିଛନ୍ତି। ଏହି ଘଟଣାର ତଦନ୍ତ କରି ଆଗାମୀ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଟ୍ଟ ଏହି ଘଟଣାର ଭାଇରାଲ ହୋଇଥିବା ଏକ ଭିଡିଓ ଏବଂ ଅନ୍ୟାନ୍ୟ ତଥ୍ୟ ସହ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଜୁନ ୩୦ରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ଥିବା ବାରିକେଡ୍ ଅତିକ୍ରମ କଲେ ଗୋଡ଼ ଭାଙ୍ଗିଦେବାକୁ ପୋଲିସ ଫୋର୍ସକୁ ନରସିଂହ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଭାଇରାଲ ହୋଇଥିଲା। ନରସିଂହଙ୍କ ଦ୍ୱାରା ଗମ୍ଭୀର ମାନବାଧିକାର ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଥିଲା। ସୋମବାର କମିଶନ ଏନେଇ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନା ଅନୁଯାୟୀ, ପୁରୀ ରଥଯାତ୍ରାରେ ଦଳଚକଟାରେ ଭକ୍ତଙ୍କ ମୃତ୍ୟୁ ଘଟଣାକୁ କେନ୍ଦ୍ରକରି ଜୁନ ୨୯ରେ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ଏହି ସମୟରେ ମୁତୟନ ସୁରକ୍ଷାକର୍ମୀଙ୍କୁ ନରସିଂହ ଏଭଳି ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହୋଇଥିଲା।

# ବ୍ୟବସାୟୀଙ୍କ ୬ କୋଟି ଠକେଇ, ଅଭିଯୁକ୍ତ ଗିରଫ

**୪ ମୋବାଇଲ ଫୋନ, ପାସ୍‌ବୁକ୍ ଜବତ**

ବ୍ରହ୍ମପୁର,୫।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କଠାରୁ ଚଞ୍ଚକତା କରି ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ଯୁବକଙ୍କୁ ସାଇବର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ଦିଗିପଡ଼ାର ଅନିଲ କୁମାର ମିଶ୍ର (୩୫)। ତାଙ୍କଠାରୁ ୪ଟି ମୋବାଇଲ ଫୋନ୍ ଓ ୪ଟି ବ୍ୟାଙ୍କ ପାସବୁକ ଜବତ ହୋଇଛି। ଅନିଲଙ୍କ ବିଭିନ୍ନ ଆକାଉଣ୍ଟକୁ ଫ୍ରିଜ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ମୟୂରୀ ବିହାର ୪ର୍ଥ ଲାଇନ ବାସିନ୍ଦା ଅନୁରାଗ ମିଶ୍ରଙ୍କ ଟ୍ରାନ୍ସପୋର୍ଟ ବ୍ୟବସାୟ ରହିଛି। ଜଣେ ବନ୍ଧୁଙ୍କ ଜରିଆରେ ସେ କୋଦଳାର ଅନିଲଙ୍କ ସହ ପରିଚିତ ହୋଇଥିଲେ। ଅନୁରାଗଙ୍କୁ ଅନିଲ ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଷୟରେ କହିଥିଲେ। ମିଶନ ଶକ୍ତି ଜରିଆରେ ବିଭିନ୍ନ ବ୍ଲକରେ ବହୁ କୋଟି ଟଙ୍କାର କାମ ହେବାକୁ ଯାଉଛି। ଏଥିପାଇଁ ବିଭିନ୍ନ ବ୍ଲକ ଓ ମହିଳା ଗୋଷ୍ଠୀଙ୍କୁ ସାମଗ୍ରୀ ଯୋଗାଣ କରିବାକୁ ଅନିଲ ବୁଝାଇବା ସହ ସେଥିରେ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଅନୁରାଗ ଏଥିରେ ରାଜି ହୋଇଗଲେ। ସେ ୨୦୨୪ ଏପ୍ରିଲ ୨୯ ତାରିଖରେ ପ୍ରଥମେ ୨ ଲକ୍ଷ ଟଙ୍କା ଅନିଲଙ୍କ ଦ୍ୱାରା ନିବେଶ କରି ସାଙ୍ଗେ ସାଙ୍ଗେ ୨ ଲକ୍ଷ ୨୬ ହଜାର ଟଙ୍କା ପାଇଥିଲେ। ପରେ ବର୍ଷକ ଭିତରେ ସେ ୯ କୋଟି ୭୧ ଲକ୍ଷ ୫୫ ହଜାର ୭୩ ଟଙ୍କା ଜମା କରିଥିଲେ। ହେଲେ ଉକ୍ତ ଯୋଜନାରେ କାମ ସମ୍ପୂର୍ଣ୍ଣ ହୋଇ ବିଲ ହୋଇଥିବା କହି ଅନିଲ ପ୍ରାୟ ୩ କୋଟି ଟଙ୍କା ବିଭିନ୍ନ ସମୟରେ ଅନୁରାଗଙ୍କୁ ଫେରସ୍ତ କରିଥିଲେ। ଗତ ଏପ୍ରିଲ ପରଠାରୁ ଅନୁରାଗ ନିଜର ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫେରସ୍ତ ପାଇ ନ ଥିଲେ। ଏ ନେଇ ସେ ବାରମ୍ବାର ଅନିଲଙ୍କୁ ପଚାରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଯାଞ୍ଚ ପରେ ତାଙ୍କ ଟଙ୍କା ମିଶନ ଶକ୍ତି କିମ୍ବା ବ୍ଲକସ୍ତରର ମହିଳା ସଂଗଠନରେ ନିବେଶ ହୋଇ ନ ଥିବା ଅନୁରାଗ ଜାଣିପାରିଥିଲେ। ଅନିଲଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ନେଇ ସାଇବର ଅପରାଧ ଓ ଅର୍ଥନୈତିକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଅନିଲଙ୍କୁ ବାନ୍ଧିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଅନିଲ କୁମାର ମିଶ୍ର

# ଝାରସୁଗୁଡ଼ା ବିମାନ ବନ୍ଦର କର୍ମଚାରୀ ସଂଘ ସଭାପତିଙ୍କୁ ମାଡ଼

**ନିର୍ଦ୍ଦେଶକଙ୍କ ନାଁରେ ମାମଲା**

ଝାରସୁଗୁଡ଼ା, ୫।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବିମାନ ବନ୍ଦର କର୍ମଚାରୀ ସଂଘ ସଭାପତି ସନ୍ଦୀପ କୁମାର ମିଞ୍ଜ(୪୩)ଙ୍କୁ ମଙ୍ଗଳବାର ପୂର୍ବାହ୍ନରେ ବିମାନ ବନ୍ଦର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀ ଗାଳିଗୁଲଜ ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ମିଞ୍ଜ ଝାରସୁଗୁଡ଼ା ବିମାନ ବନ୍ଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ବିମାନ ବନ୍ଦର କର୍ମଚାରୀ ସଂଘ ସଭାପତି ତଥା ବିମାନ ବନ୍ଦରରେ ବରିଷ୍ଠ ସହାୟକ ଭାବେ କାର୍ଯ୍ୟରତ ମିଞ୍ଜ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ପୂର୍ବାହ୍ନ ପ୍ରାୟ ୧୧ଟାରେ ନିର୍ଦ୍ଦେଶକ ତିୱାରୀଙ୍କ କାର୍ଯ୍ୟାଳୟକୁ ଏକୁଟିଆ ଆଲୋଚନା ପାଇଁ ଯାଇଥିଲେ। ସେଠାରେ ସେ ଦାବି ଉପସ୍ଥାପନ କରିବାବେଳେ ତିୱାରୀ ହଠାତ୍ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏପରି କି ତାଙ୍କୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ମିଞ୍ଜଙ୍କ ଦାନ୍ତ ଭାଙ୍ଗି ଯାଇଥିବାବେଳେ ଛାତିରେ ଯନ୍ତ୍ରଣା ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗାଳିଗୁଲଜ ଓ ମାରପିଟ୍ ସମୟରେ ବିମାନ ବନ୍ଦର କର୍ମଚାରୀ ବିମଳ ମହାକୁର ଏବଂ ଶୁଭମ୍ ସାହୁ ଉପସ୍ଥିତ ଥିବା ମିଞ୍ଜ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ଥାନା ଅଧିକାରୀ ହେମାଙ୍ଗିନୀ ଗରଡିଆ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଅପରପକ୍ଷେ ବିମାନ ବନ୍ଦର ନିର୍ଦ୍ଦେଶକ ତିୱାରୀ କହିଛନ୍ତି, ମିଞ୍ଜଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନାକୁ ନେଇ ଯୁକ୍ତିତର୍କ ଏବଂ କଥା କଟାକଟି ହେବା ସତ। ହେଲେ ତାଙ୍କୁ ମାଡ଼ ମାରିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

**ଘର ଭିତରେ ସ୍ତ୍ରୀ, ତେନ୍ତୁଳିଗଛରେ ସ୍ୱାମୀ**

ଧୋଡ୍ରା/ଝରିଗାଁ, ୫।୮ (ଗଣେଶ ଚନ୍ଦ୍ର ଛତ୍ର/କିଶୋରୀ ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଧୋଡ୍ରା ପଞ୍ଚାୟତ ସାନ୍‌ଭୀମାଗୁଡ଼ା ଗ୍ରାମରେ ମଙ୍ଗଳବାର ଦମ୍ପତିଙ୍କ ଝୁଲନ୍ତା ମୃତଦେହ ମିଳିଛି। ଶୋଇବା କୋଠରିରୁ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଓ ଘର ପାଖ ତେନ୍ତୁଳିଗଛରୁ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ସାନ୍‌ଭୀମାଗୁଡ଼ା ଗ୍ରାମର ସୂତମ ଭତରା (୩୨) ଓ ତାଙ୍କ ସ୍ତ୍ରୀ ଫୁଲମଣି ଭତରା (୨୭)।

ସୂଚନାନୁଯାୟୀ, ସୂତମ ଓ ଫୁଲମଣୀ ଗତ ୧୦ ବର୍ଷ ତଳେ ରୀତିନୀତି ଅନୁସାରେ ବିବାହ କରିଥିଲେ। ଉଭୟଙ୍କର କୌଣସି ସନ୍ତାନ ନ ଥିଲେ। ତେବେ ସୋମବାର ରାତିରେ ସୂତମ ଓ ଫୁଲମଣୀ ଖାଇପିଇ ଶୋଇବାକୁ ଯାଇଥିଲେ। ମଙ୍ଗଳବାର ସକାଳୁ ସେମାନଙ୍କ ଉଠିବା ବିଳମ୍ବ ହେବାରୁ ପରିବାର ଲୋକେ କବାଟ ଖୋଲି ରୁମ୍ ଭିତରେ ପଶିଥିଲେ। ଘର ଭିତରେ ଥିବା ଏକ ଲୁହା ପାଇପରେ ଫୁଲମଣିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ପରିବାର ଲୋକେ ଦେଖିଥିଲେ। ସେଠାରେ କିନ୍ତୁ ସୂତମ ନ ଥିଲେ। ତେଣୁ ବ୍ୟସ୍ତ ହୋଇ ସେମାନେ ବାହାରେ ଖୋଜାଖୋଜି କରିଥିଲେ। ଘରଠାରୁ ଅଳ୍ପ ଦୂର ଆଇଟିଡିଏ କଲୋନି ଭିତରେ ଏକ ତେନ୍ତୁଳିଗଛରୁ ସୂତମଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଏ ନେଇ ସୂତମଙ୍କ ବଡ଼ଭାଇ ମଙ୍ଗଲୁ ଭତରା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏସ୍‌ଆଇ ଅକ୍ଷୟ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଝରିଗାଁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଅଛି। ପୋଲିସ କେସ୍ ନମ୍ବର ୬୦/୨୫ ଏବଂ ୬୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଏସ୍‌ଆଇ ଅକ୍ଷୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ୨୫୦ ସାଇଲେନ୍ସର ଉପରେ ରୋଲର ଚଢ଼ାଇଲା ପୋଲିସ

**ଶବ୍ଦ ପ୍ରଦୂଷଣ ରୋକିବାକୁ ପଦକ୍ଷେପ**

ଭଦ୍ରକ,୫।୮ (ସନାତନ ରାଉତ)

ଭଦ୍ରକ ସହରରେ ବିକଟାଳ ଶବ୍ଦ କରୁଥିବା ବାଇକ୍ ସାଇଲେନ୍ସରଗୁଡ଼ିକୁ ଟାଉନ ପୋଲିସ ଜବତ କରି ମଙ୍ଗଳବାର ସେସବୁକୁ ନଷ୍ଟ କରିଛି। ଟାଉନ ଥାନା ପରିସରରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ସାଇଲେନ୍ସର ଉପରେ ପୋଲିସ ରୋଲର ଚଢ଼ାଇଛି। ସୂଚନା ଅନୁଯାୟୀ, ଶବ୍ଦ ପ୍ରଦୂଷଣ ରୋକିବାକୁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟାଉନ ପୋଲିସ ପଦକ୍ଷେପ ସ୍ୱରୂପ ଗତ ୧ ମାସ ଧରି ସହରର ବିଭିନ୍ନ ଛକରେ ଧରପଗଡ଼ କରିଥିଲା। ବିକଟାଳ ଶବ୍ଦ କରି ଯାଉଥିବା ବାଇକ୍‌ଗୁଡ଼ିକୁ ପୋଲିସ ଅଟକାଇ ଥାନାକୁ ନେଇ ସାଇଲେନ୍ସର ଖୋଲି ଦେଇଥିଲା। ମାସକ ମଧ୍ୟରେ ଜବତ କରାଯାଇଥିବା ସବୁ ସାଇଲେନ୍ସରକୁ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଛି। ଏନେଇ ଥାନାଧିକାରୀ ମିଶ୍ର କହିଛନ୍ତି, ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଯୋଗୁ ଶବ୍ଦ ପ୍ରଦୂଷଣ ହେଉଛି। ଏହି ସାଇଲେନ୍ସର ଲାଗିଥିବା ବାଇକ୍ ଚାଳକଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା ସହ ଗାଡ଼ିରୁ ସାଇଲେନ୍ସର ଖୋଲାଯାଇଥିଲା। ଏହି ଧରପଗଡ଼ ଆଗକୁ ଜାରି ରହିବା ସହ ବାଇକ୍ ଚଳାଇବା ବେଳେ ମୋବାଇଲ ବ୍ୟବହାର କରୁଥିବା ଚାଳକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାବ୍ୟତୀତ ଯେଉଁ ଦୋକାନରେ ଏହି ସାଇଲେନ୍ସର ବିକ୍ରି କରାଯାଉଛି, ସେଠାରେ ମଧ୍ୟ ଚଢ଼ାଉ କରାଯାଇ ସେଗୁଡ଼ିକୁ ଜବତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଭଦ୍ରକ ଟାଉନ ଥାନା ପରିସରରେ ଜବତ ସାଇଲେନ୍ସରଗୁଡ଼ିକୁ ରୋଲର ଚଢ଼ାଇ ନଷ୍ଟ କରାଯାଉଛି।

# ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଚଳାଚଳ ସମୟସୀମା ବୃଦ୍ଧି

**୨ ଟ୍ରେନ୍ ବାତିଲ**

ଭୁବନେଶ୍ୱର,୫।୮ (ଅନୁରାଧା ମହାରଣା)

ଯାତ୍ରୀମାନଙ୍କୁ ନିରନ୍ତର ଯାତ୍ରା ସୁବିଧା ଯୋଗାଇବା ଏବଂ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ କେତେକ ସ୍ୱତନ୍ତ୍ର ଟ୍ରେନର ସମୟସୀମା ବୃଦ୍ଧି କରାଯାଇଛି। ଏଥିସହ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି। ୦୮୫୪୭/୦୮୫୪୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ବିଶାଖାପାଟଣାରୁ ସେପ୍ଟେମ୍ବର୨୪ ପର୍ଯ୍ୟନ୍ତ ଏବଂ ତିରୁପତିରୁ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି। ୦୮୫୭୯/୦୮୫୮୦ ବିଶାଖାପାଟଣା- ଚରଲାପାଲି- ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ସେପ୍ଟେମ୍ବର ୨୬ ପର୍ଯ୍ୟନ୍ତ ବିଶାଖାପାଟଣାରୁ ଏବଂ ଚରଲାପାଲିରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଯାଇଛି। ୦୯୦୫୯/୦୯୦୬୦ ଉଧନା-ଖୋର୍ଦ୍ଧାରୋଡ-ଉଧନା ସ୍ୱତନ୍ତ୍ର ଟ୍ରେନ ଉଧନାରୁ ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଏବଂ ଖୋର୍ଦ୍ଧା ରୋଡରୁ ସେପ୍ଟେମ୍ବର ୨୬ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି। ଅନ୍ୟପଟେ ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ କୋଟ୍ଟାଭାଲସା- ପେନ୍ଦୁର୍ତ୍ତି ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁ ଅଗଷ୍ଟ ୬ରୁ ୯ ପର୍ଯ୍ୟନ୍ତ ୨ଟି ଟ୍ରେନ ବାତିଲ କରାଯାଇଛି। ବିଶାଖାପାଟଣାରୁ ଛାଡ଼ିବାକୁ ଥିବା ଟ୍ରେନ ନମ୍ବର ୧୮୫୨୬ ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସ ଅଗଷ୍ଟ ୬ରୁ ୮ ପର୍ଯ୍ୟନ୍ତ ବାତିଲ କରାଯାଇଛି। ସେହିପରି ବ୍ରହ୍ମପୁରରୁ ଛାଡ଼ିବାକୁ ଥିବା ଟ୍ରେନ ନମ୍ବର ୧୮୫୨୫ ବ୍ରହ୍ମପୁର-ବିଶାଖାପାଟଣା ଏକ୍ସପ୍ରେସ୍ ଅଗଷ୍ଟ ୭ରୁ ୯ ପର୍ଯ୍ୟନ୍ତ ବାତିଲ କରାଯାଇଛି।

**ରାଜ୍ୟ ଖବର**

# ସହକାରୀ ଶିକ୍ଷକ ନିଲମ୍ବିତ, ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ

**ଶ୍ରେଣୀଗୃହରେ ଛାତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଶିକ୍ଷକ ଗାଳିକରିବା ଘଟଣା**

ଡାବୁଗାଁ, ୫।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅଧୀନ ବୋରିଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶ୍ରେଣୀଗୃହରେ ପଢ଼ାଇବା ବେଳେ ଶିକ୍ଷକ ମଥୁରାନନ୍ଦ ରାଉତ ଛାତ୍ରୀଙ୍କୁ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିବା ଘଟଣାରେ ସୋମବାର ତାଙ୍କୁ ନିଲମ୍ବିତ କରାଯାଇଛି। ଜିଲା ଶିକ୍ଷା ବିଭାଗ ଏହି ଘଟଣାରେ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ କରିଛି। ସୂଚନାନୁଯାୟୀ, ସହକାରୀ ଶିକ୍ଷକ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରୁଥିବା ନେଇ ୨୬ ତାରିଖରେ ଛାତ୍ରୀମାନେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ସମ୍ପର୍କରେ ପ୍ରଧାନ ଶିକ୍ଷକ ଡିଇଓଙ୍କୁ ଜଣାଇଥିଲେ। ଡିଇଓ ଏକ ୬ ଜଣିଆ ତଦନ୍ତ କମିଟି ଗଠନକରି ସ୍କୁଲକୁ ଯାଞ୍ଚ ପାଇଁ ପଠାଇଥିଲେ। ୨୭ ତାରିଖରେ ତଦନ୍ତ କମିଟି ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ କମିଟି ଏକ ରିପୋର୍ଟ ଡିଇଓ ଛତ୍ରପତି ସାହୁଙ୍କୁ ପ୍ରଦାନ କରିଥିଲେ। ଉକ୍ତ ତଦନ୍ତ ରିପୋର୍ଟ ଅନୁସାରେ ଜିଲା ଶିକ୍ଷା ବିଭାଗ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୩୯୮୮/୪.୮.୨୫ ଅନୁସାରେ ସହକାରୀ ଶିକ୍ଷକ ମଥୁରାନନ୍ଦ ରାଉତଙ୍କୁ ନିଲମ୍ବନ କରାଯାଇଛି। ତାଙ୍କୁ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କେଶବ ଗୌଡ଼ଙ୍କର ଦରମା ବନ୍ଦ କରାଯାଇ ଥିବା ଡିଇଓ ଛତ୍ରପତି ସାହୁ ସୂଚନା ଦେଇଛନ୍ତି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଫୁଲବାଣୀ ଶାଖା (୦୦୧୫୪)
ମେନ୍ ରୋଡ୍, ସା/ପୋ: ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୦୦୧

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମ ତାରିଖ ଏବଂ ସମୟ: ତା.୦୮.୦୯.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ
ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୦୬.୦୯.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ସରୋଜ ଦାଶ, ପିତା: ଶ୍ରୀ ଅନ୍ତର୍ଯ୍ୟାମୀ ଦାଶ, ସା: କେନ୍ଦୁପଦର, ପୋ/ଥାନା: ଫୁଲବାଣୀ ଟାଉନ୍, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୦୦୧ / ଆକାଉଣ୍ଟ ନଂ.: ୩୬୦୦୪୫୪୭୪୭୫ (ନଗଦ ଋଣ), ୩୮୦୪୩୨୦୫୯୮୪ (ମିଆଦୀ ଋଣ), ୩୬୦୦୫୫୬୪୦୦୨ (ମିଆଦୀ ଋଣ) | ଶ୍ରୀ ସରୋଜ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କେନ୍ଦୁପଦର, ଖାତା ନଂ.: ୫୬/୪୯୪ (ପୁରୁଣା), ୮୦ (ନୂଆ), ପ୍ଲଟ୍ ନଂ.: ୮୪/୩୧୮ (ପୁରୁଣା), ୫୯୪ (ନୂଆ), କ୍ଷେତ୍ର: ଏକର୦.୦୧୪ ଡିସିମିଲି, କିସମ: ଘରବାରି, ଥାନା: ଫୁଲବାଣୀ ଟାଉନ୍, ତହସିଲ/ଏସ୍‌ଆରଓ: ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: କୁମୁଦ ଚନ୍ଦ୍ର ମିଶ୍ର, ଦକ୍ଷିଣ: ପ୍ଲଟ୍ ନଂ. ୨୯୭ | ୦୪.୦୮.୨୦୨୫ ସୁଦ୍ଧା ଟ.୧୮,୦୭,୪୬୦.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୭.୦୭.୨୦୨୩ | ଟ.୨୫,୨୦,୦୦୦/- / ଟ.୨,୫୨,୦୦୦/- / ଟ.୫୦,୦୦୦/- |

ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ (https://www.baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.BAANKNET@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ସମୀର ବେହେରା, ମୋ.: ୯୮୬୧୧୨୭୪୧୭ ଏବଂ ଗିରିରାଜ ବାହୁୱାଲା, ମୋ.: ୯୫୮୩୯୮୦୦୦୧

ତାରିଖ: ୦୫.୦୮.୨୦୨୫
ସ୍ଥାନ: ଫୁଲବାଣୀ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ପୁଣି କିଛି ଶିଖୁନାହାନ୍ତି

ଉତ୍ତରାଖଣ୍ଡର ଧରାଲିଠାରେ ୫ ଅଗଷ୍ଟରେ ବାଦଲଫଟା ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ହଠାତ୍ ବନ୍ୟାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ସୂତ୍ରରୁ କୁହାଯାଉଥିବା ବେଳେ ୧୦୦ରୁ ଅଧିକ ଗ୍ରାମବାସୀ ଓ ପର୍ଯ୍ୟଟକ ନିଖୋଜ ଅଛନ୍ତି ଏବଂ ଅସଂଖ୍ୟ ଘର ଭାସିଯାଇଛି। ଏହାର କରାଳତାର ଭିଡିଓ ଦୃଶ୍ୟରୁ ସବୁ ଅନୁମାନଯୋଗ୍ୟ ଯେ, ମୃତକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଥିବ। ଯେଉଁଭଳି ଭାବେ ବର୍ଷାର ପ୍ରଖରତା ଦେଖିବାକୁ ମିଳିଛି ଓ ଘରଗୁଡ଼ିକ ଫୁଟବଲ ଭଳି ଓଲଟି ପଡୁଛନ୍ତି, ତାହା ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ନୂଆକରି ସୃଷ୍ଟି ହୋଇଥିବା ଚାରିଧାମର ଅନ୍ୟତମ ଆଧ୍ୟାତ୍ମିକ କେନ୍ଦ୍ର ଗଙ୍ଗୋତ୍ରୀ ଯିବା ଲାଗି ଧରାଲି ମୁଖ୍ୟ ରହଣିସ୍ଥଳ ହୋଇଥିବାରୁ ସେଠାରେ ଅନେକ ହୋଟେଲ ଓ ରେଷ୍ଟୁରାଣ୍ଟ ଅଛି। ସେଗୁଡ଼ିକ ଉପରେ ବନ୍ୟା ଜଳ ମାଡ଼ିଯିବା ଯୋଗୁ କ୍ଷୟକ୍ଷତି ନିଶ୍ଚିତ ଭାବେ ବଢ଼ିବା ଆଶଙ୍କା ସୃଷ୍ଟି କରିଛି। ଏଠାରେ ମନେପଡ଼େ ୨୦୧୩ ଜୁନ୍‌ରେ ସେହି ଉତ୍ତରାଖଣ୍ଡର କେଦାରନାଥରେ ବାଦଲଫଟା ବର୍ଷାଜନିତ ବନ୍ୟା ଯୋଗୁ ୬,୦୦୦ ଲୋକଙ୍କ ଜୀବନଯିବା ଘଟଣା। ପ୍ରାକୃତିକ ପରିବେଶକୁ ମଣିଷ ଧ୍ୱଂସ କରି ଗଢୁଥିବା ବିକାଶମୂଳକ କାର୍ଯ୍ୟର ପରିଣତି କେତେ ଭୟାବହ ହୋଇପାରେ ତାହା ସେତେବେଳେ ଥିଲା ସତର୍କଘଣ୍ଟି । ହେଲେ ମଣିଷ ସେଥିରୁ କିଛି ନ ଶିଖି ସେହିଭଳି ଉତ୍ପାତିଆ ଢଙ୍ଗରେ ପରିବେଶ ଉପରେ ଆକ୍ରମଣ ଜାରି ରଖିବାର ଉପରଲିଖିତ ଘଟଣା ସୂଚାଉଛି। ରାସ୍ତାଠାରୁ ଆରମ୍ଭ କରି ନଦୀ ଓ ତଟବର୍ତ୍ତୀ ଅଞ୍ଚଳରେ ଅସଂଖ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରିବା ଯୋଗୁ ପରିବେଶଗତ ଭାରସାମ୍ୟ ଦୋହଲି ଯାଇଛି। ତାହାର ସିଧାସଳଖ ପ୍ରଭାବ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳୁଛି। ନିକଟରେ ଏକ ତଥ୍ୟରୁ ଜଣାପଡ଼ିଛି ଯେ, ହିମାଚଳ ପ୍ରଦେଶରେ ଭୂସ୍ଖଳନ, ହଠାତ୍ ବନ୍ୟା ଓ ରାସ୍ତା ଧୋଇଯିବା ଯୋଗୁ ଚଳିତବର୍ଷ ଜୁନ୍ ପରଠାରୁ ଏବେ ସୁଦ୍ଧା ୧୯୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିଭଳି ଉତ୍ତରାଖଣ୍ଡରେ ଜୁନ୍ ପରଠାରୁ ୬୫ରୁ ଅଧିକ ଲୋକଙ୍କର ସମାନ ପ୍ରକାର ଅଘଟଣ ଯୋଗୁ ମୃତ୍ୟୁ ଘଟିଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ତୁଳନାରେ ଚଳିତ ବର୍ଷା ଋତୁରେ ଘଟିଥିବା ମୃତ୍ୟୁ ସଂଖ୍ୟାକୁ ହିସାବ କଲେ ତାହା ଦୁଇଗୁଣ ଅଧିକ।

**ସର୍ବୋଚ୍ଚ ଅଦାଲତଙ୍କ ସତର୍କ ସୂଚନାର ୩ ଦିନ ପରେ ଉତ୍ତରାଖଣ୍ଡରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି, ସେଥିରୁ ହିମାଳୟ ଅଞ୍ଚଳର ଜୈବ ବିବିଧତାପୂର୍ଣ୍ଣ ଏହି ଦୁଇ ରାଜ୍ୟର ଭଙ୍ଗୁର ଭୂମି କେତେ ଧ୍ୱଂସପ୍ରବଣ ତାହା ବୁଝି ହେଉଛି। ମଣିଷ ଲୋଭ ସମ୍ବରଣ କରି ପ୍ରକୃତିର ସୁରକ୍ଷା ଦିଗରେ କାର୍ଯ୍ୟ କଲେ ଯାଇ ତିଷ୍ଠି ରହିବ। ଯଦି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକରୁ କିଛି ନ ଶିଖିବ, ତେବେ ପ୍ରତ୍ୟେକ ବର୍ଷ ଏହି ଭୁଲ୍ କାର୍ଯ୍ୟରେ ସମ୍ପୃକ୍ତ ନ ଥିବା ଲୋକଙ୍କ ପ୍ରାଣ ଯାଉଥିବ।**

ଏଭଳି ପରିପ୍ରେକ୍ଷୀରେ ହିମାଚଳ ପ୍ରଦେଶର ଅନିୟନ୍ତ୍ରିତ ବିକାଶ ଯୋଗୁ ଘଟୁଥିବା ପରିବେଶଗତ ଭାରସାମ୍ୟର ଦ୍ରୁତ ଅଧୋଗତିକୁ ଲକ୍ଷ୍ୟ କରି ୨ ଅଗଷ୍ଟରେ ସୁପ୍ରିମକୋର୍ଟ କହିଥିଲେ, ଯଦି ଏହାକୁ ଭବିଷ୍ୟତରେ ରୋକା ନ ଯାଏ ତେବେ ଭାରତ ମାନଚିତ୍ରରୁ ଏହି ରାଜ୍ୟ ନିଶ୍ଚିହ୍ନ ହୋଇଯିବ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ରାଜସ୍ୱ ସଂଗ୍ରହ ବଦଳରେ ସ୍ଥାୟୀ ପରିସଂସ୍ଥାନଗତ ସୁରକ୍ଷାକୁ ଅଗ୍ରପ୍ରାଧାନ୍ୟ ଦେବା ଦରକାର। ସର୍ବୋଚ୍ଚ ଅଦାଲତଙ୍କ ଏଭଳି ସତର୍କ ସୂଚନାର ୩ ଦିନ ପରେ ଉତ୍ତରାଖଣ୍ଡରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି, ସେଥିରୁ ହିମାଳୟ ଅଞ୍ଚଳର ଜୈବ ବିବିଧତାପୂର୍ଣ୍ଣ ଏହି ଦୁଇ ରାଜ୍ୟର ଭଙ୍ଗୁର ଭୂମି କେତେ ଧ୍ୱଂସପ୍ରବଣ ତାହା ବୁଝିହେଉଛି। ମଣିଷ ଲୋଭ ସମ୍ବରଣ କରି ପ୍ରକୃତିର ସୁରକ୍ଷା ଦିଗରେ କାର୍ଯ୍ୟ କଲେ ଯାଇ ତିଷ୍ଠି ରହିବ। ଯଦି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକରୁ କିଛି ନ ଶିଖିବ, ତେବେ ପ୍ରତ୍ୟେକ ବର୍ଷ ଏହି ଭୁଲ୍ କାର୍ଯ୍ୟରେ ସମ୍ପୃକ୍ତ ନ ଥିବା ଲୋକଙ୍କ ପ୍ରାଣ ଯାଉଥିବ।

## ୫୦ ବର୍ଷ ତଳର ଧରିତ୍ରୀ

**୬ ଅଗଷ୍ଟ ୧୯୭୬**

- ରାଜ୍ୟର ବୟୋଜ୍ୟେଷ୍ଠ ସାମ୍ବାଦିକ ଓ ସ୍ୱାଧୀନତା ସଂଗ୍ରାମୀ ସତ୍ୟବାଦୀ ତ୍ରିପାଠୀଙ୍କ ୮୨ ବର୍ଷ ବୟସରେ ପରଲୋକ।
- ଅଲିମ୍ପିଆଡରେ ଦକ୍ଷିଣ ଆଫ୍ରିକା ଯୋଗ ଦେଉଥିବାରୁ ତା'ର ପ୍ରତିବାଦ କରି ଭାରତ ସମେତ କେତେକ ରାଷ୍ଟ୍ର ଏଥିରୁ ଓହରି ଆସିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 3 | | | | | |
| | | | 5 | | 4 | | | |
| | 3 | 6 | | 2 | 8 | | | |
| | | | | | | | 5 | |
| | | | 4 | | | 6 | | |
| | | 2 | | 9 | 1 | | | 7 |
| 8 | 9 | | | | 5 | | | |
| | 1 | | | 4 | | | 9 | |
| | 7 | 5 | 2 | 8 | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 2 | 7 | 1 | 4 | 9 | 8 | 3 |
| 4 | 9 | 3 | 5 | 2 | 8 | 6 | 7 | 1 |
| 7 | 1 | 8 | 9 | 3 | 6 | 4 | 5 | 2 |
| 9 | 2 | 6 | 4 | 7 | 3 | 5 | 1 | 8 |
| 1 | 7 | 5 | 8 | 9 | 2 | 3 | 6 | 4 |
| 8 | 3 | 4 | 1 | 6 | 5 | 2 | 9 | 7 |
| 3 | 4 | 7 | 6 | 5 | 1 | 8 | 2 | 9 |
| 2 | 5 | 9 | 3 | 8 | 7 | 1 | 4 | 6 |
| 6 | 8 | 1 | 2 | 4 | 9 | 7 | 3 | 5 |

ଗତକାଲିର ଉତ୍ତର

# ଜର୍ଜଟାଉନ ସମ୍ମିଳନୀର ବାର୍ତ୍ତା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଆଫ୍ରିକୀୟ ରାଷ୍ଟ୍ର ଗୁୟାନାର ଜର୍ଜଟାଉନରେ ସମ୍ପ୍ରତି ଜୁଲାଇରେ ଦୁଇଦିନ ଧରି ଅନୁଷ୍ଠିତ 'ବିଶ୍ୱ ଜୈବବିବିଧତା ମିଳିତମଞ୍ଚ ସମ୍ମିଳନୀ'ର ପ୍ରାରମ୍ଭରେ 'ବିଶ୍ୱ ଜୈବବିବିଧତା ମଞ୍ଚ' (ଜିବିଏ) ସ୍ଥାପନର ଶୁଭାରମ୍ଭ ଘଟିଛି। ଏହି ଅବସରରେ ଆମ ଗ୍ରହର ଜୈବବିବିଧତାର ସୁରକ୍ଷା, ପୁନରୁଦ୍ଧାର ଏବଂ ସହନୀୟ ବ୍ୟବହାର ନିମନ୍ତେ ବିଶ୍ୱସ୍ତରୀୟ ଅଭିଯାନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନେତୃବର୍ଗ ଏବଂ ପ୍ରତିନିଧିମାନେ ସେମାନଙ୍କର ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଏହା ସ୍ୱୀକାର୍ଯ୍ୟ ଯେ ମାନବ କଲ୍ୟାଣ, ଜଳବାୟୁ ସ୍ଥିରତା ଓ ଅନୁକୂଳନ, ଖାଦ୍ୟ ଓ ଜଳ ସୁରକ୍ଷା, ଜନସ୍ୱାସ୍ଥ୍ୟ ଏବଂ ପରିସଂସ୍ଥାର ଦୀର୍ଘକାଳୀନ ସ୍ଥାୟିତ୍ୱ ନିମନ୍ତେ ଜୈବବିବିଧତା ଏକ ମୌଳିକ ଭୂମିକା ନିର୍ବାହ କରେ। ପରନ୍ତୁ, ଅସହନୀୟ ମାନବୀୟ କାର୍ଯ୍ୟକଳାପ ଏବଂ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜୈବବିବିଧତାର ତ୍ୱରିତ୍ ଅବକ୍ଷୟକୁ ରୋକିବା ନିମନ୍ତେ ବିଶ୍ୱସ୍ତରରେ ଏକ ଜରୁରୀ, ବିଜ୍ଞାନ ଆଧାରିତ, ସମନ୍ୱିତ, ପରିବର୍ତ୍ତନକାରୀ, ମହତ୍ତ୍ୱାକାଂକ୍ଷୀ ଏବଂ ଉତ୍ତରଦାୟିତ୍ୱସମ୍ପନ୍ନ କାର୍ଯ୍ୟପନ୍ଥା ଗ୍ରହଣ ଏକାନ୍ତ ଅପରିହାର୍ଯ୍ୟ। ଏହି ଲକ୍ଷ୍ୟରେ ସମ୍ମିଳନୀରେ ଯୋଗଦାନକାରୀ ରାଷ୍ଟ୍ରମୁଖ୍ୟ, ଆଦିବାସୀ ନେତୃବର୍ଗ, ବେସରକାରୀ ଅନୁଷ୍ଠାନ, ବୈଜ୍ଞାନିକ, ଶିକ୍ଷାନୁଷ୍ଠାନ ଏବଂ ଘରୋଇ କ୍ଷେତ୍ରର ପ୍ରତିନିଧିମାନେ ଜର୍ଜଟାଉନ ଘୋଷଣାପତ୍ରକୁ ବ୍ୟାପକ ରୂପେ ସମର୍ଥନ ଜଣାଇ ଅନୁମୋଦିତ କରିଛନ୍ତି। ଜୈବବିବିଧତାକୁ ଏକ ବିଶ୍ୱବ୍ୟାପୀ ସାର୍ବଜନୀନ ହିତ ଭାବରେ ସ୍ୱୀକାର କରି ଏହାକୁ ଜାତୀୟ ବିକାଶ ଯୋଜନା, ଜଳବାୟୁ ରଣନୀତି ଏବଂ ଆର୍ଥିକ ଢାଞ୍ଚାରେ ଏକୀକୃତ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଆଗାମୀ ନଭେମ୍ବର ୧୦-୨୧ ପର୍ଯ୍ୟନ୍ତ ବ୍ରାଜିଲରେ ହେବାକୁ ଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ୨୦୨୫ (କୋପ-୩୦)ର ସଭାପତି ଲାଗୋ ଏଥିରେ ଯୋଗଦାନ କରି ଜଳବାୟୁ ଆଲୋଚନାରେ ଜୈବବିବିଧତାର ଅଭିନ୍ନ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କୋପ-୩୦ ସହିତ ଦୃଢ଼ ସମନ୍ୱୟ ସ୍ଥାପନ ନିମନ୍ତେ ମଞ୍ଚକୁ ଅନୁରୋଧ କରିଥିଲେ। ଏହି ଶିଖର ସମ୍ମିଳନୀରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୧୪୦ରୁ ଅଧିକ ରାଷ୍ଟ୍ର ଏବଂ ସଂଗଠନ ଏକତ୍ରିତ ହୋଇଥିଲେ।

ଏହି ମଞ୍ଚ ପାଞ୍ଚଟି ରଣନୈତିକ କୌଶଳ ଉପରେ ଗଠିତ ଏକ ବ୍ୟାପକ ରୋଡମ୍ୟାପ୍ ଉନ୍ମୋଚନ କରିଛି। ଏଥିରେ ଅନ୍ତର୍ଭୁକ୍ତ ରହିଛି, ୧) ବିଶ୍ୱବ୍ୟାପୀ ୩୦×୩୦ ଲକ୍ଷ୍ୟ ହାସଲ କରିବା, ଅର୍ଥାତ୍ ୨୦୩୦ ସୁଦ୍ଧା ୩୦% ସ୍ଥଳଭାଗ ଏବଂ ସମୁଦ୍ରସ୍ଥ ପ୍ରାକୃତିକ ପରିସଂସ୍ଥାକୁ ସୁରକ୍ଷା ଦେବା, ୨) ଜାତୀୟ ଏବଂ କର୍ପୋରେଟ ବିକାଶ ଯୋଜନାରେ ଜୈବବିବିଧତାକୁ ମୁଖ୍ୟଧାରାରେ ଅନ୍ତର୍ଭୁକ୍ତ କରିବା, ୩) ଜୈବବିବିଧତା କ୍ରେଡିଟ, ସବୁଜ ବଣ୍ଡ ଏବଂ ପ୍ରକୃତି ପାଇଁ ଋଣ ପରି ଅଭିନବ ଆର୍ଥିକ ବ୍ୟବସ୍ଥାର ପ୍ରାବଧାନ କରିବା, ୪) ସ୍ୱୀକୃତି ପ୍ରଦାନ, ପ୍ରଶାସନିକ ଏବଂ ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଆଦିବାସୀ ଓ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ୫) 'ମୋଟ ଜୈବବିବିଧତା ଶକ୍ତି ସୂଚକାଙ୍କ' (ଗ୍ରସ ବାୟୋଡାଇଭର୍ସିଟି ପାୱାର୍ ଇଣ୍ଡେକ୍ସ) ସୃଷ୍ଟି ସମେତ ତଦାରଖ, ଉତ୍ତରଦାୟିତ୍ୱ ଏବଂ ତଥ୍ୟ ସାର୍ବଭୌମତ୍ୱ ନିମନ୍ତେ ଦୃଢ଼ ବ୍ୟବସ୍ଥାର ସ୍ଥାପନ କରିବା। ବିଶ୍ୱ ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ସହାୟତା ପ୍ରଦାନକାରୀ ସଂସ୍ଥାମାନେ ପରିବେଶଗତ କାର୍ଯ୍ୟଦକ୍ଷତା ଏବଂ ସଚ୍ଚୋଟତା ସହିତ ପାଣ୍ଠି ବିନିଯୋଗକୁ ସଂଯୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଖର ସମ୍ମିଳନୀରେ ଏକ ପ୍ରମୁଖ ବିଷୟବସ୍ତୁ ଥିଲା ଜୈବବିବିଧତା ସଂରକ୍ଷଣରେ ସମସ୍ତଙ୍କର ଅନ୍ତର୍ଭୁକ୍ତୀକରଣ ଏବଂ ସ୍ଥାନୀୟ ଭାବରେ ପରିଚାଳିତ ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ। ମଞ୍ଚରେ ଆଦିବାସୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ ପାଇବା ସହ ସେମାନଙ୍କର ପ୍ରଶାସନିକ ଭୂମିକା, ଜ୍ଞାନ କୌଶଳ ଏବଂ ଆର୍ଥିକ ଆବଶ୍ୟକତା ପ୍ରାଧାନ୍ୟ ହାସଲ କରିଥିଲା। ଏଥିସହ 'ତଥ୍ୟ ସାର୍ବଭୌମତ୍ୱ ନୀତି' ମଧ୍ୟ ଅନୁମୋଦିତ ହୋଇଥିଲା, ଯାହା ନିଶ୍ଚିତ କରେ ଯେ ଜୈବବିବିଧତା ନିରୀକ୍ଷଣ ପ୍ରକ୍ରିୟା ସ୍ଥାନୀୟ ଅଧିବାସୀଙ୍କର ମାଲିକାନା ଏବଂ ସମାନ ହିତସାଧନକୁ ସମର୍ଥନ କରେ। ଉପଯୁକ୍ତ ଯୋଜନାର କାର୍ଯ୍ୟକାରିତା ମାଧ୍ୟମରେ ମାପଯୋଗ୍ୟ ସଫଳତା ହାସଲ ହିଁ ଭବିଷ୍ୟତର ଲକ୍ଷ୍ୟ ବୋଲି ସ୍ଥିରୀକୃତ ହୋଇଥିଲା।



ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏହି ମଞ୍ଚ ସ୍ଥାପନ ପୂର୍ବରୁ ପ୍ରାଣୀ, ଉଦ୍ଭିଦ ଏବଂ ଅଣୁଜୀବଙ୍କର ସମଷ୍ଟିକୁ ଅନ୍ତର୍ଭୁକ୍ତ କରୁଥିବା ଜୈବବିବିଧତାର ସୁରକ୍ଷା ନିମନ୍ତେ ଅନେକ ବିଶ୍ୱସ୍ତରୀୟ ପ୍ରୟାସ ଜାରିରହିଛି। ଏଥିରେ ପ୍ରମୁଖ ରୂପେ 'ଜୈବିକ ବିବିଧତା ସମ୍ମିଳନୀ' (ସିବିଡି) ଅନ୍ତର୍ଭୁକ୍ତ, ଯାହା ୧୯୯୨ରେ ବ୍ରାଜିଲର ରିଓ ଡି ଜେନିରୋରେ ଜାତିସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଖ୍ୟାତ 'ଧରିତ୍ରୀ ଶିଖର ସମ୍ମିଳନୀ' ଅବସରରେ ସ୍ୱାକ୍ଷର ନିମନ୍ତେ ଉନ୍ମୁକ୍ତ ହୋଇଥିଲା। ୧୯୬ ଜଣ ସଦସ୍ୟ ରାଷ୍ଟ୍ର ଥିବା ସିବିଡିର ତିନୋଟି ପ୍ରାଥମିକ ଲକ୍ଷ୍ୟ ହେଉଛି: ଜୈବିକ ବିବିଧତାର ସଂରକ୍ଷଣ, ଏହାର ଉପାଦାନଗୁଡ଼ିକର ସହନୀୟ ବ୍ୟବହାର ଏବଂ ଜିନୀୟ ସମ୍ବଳରୁ ଉପଲବ୍ଧ ଲାଭର ନିରପେକ୍ଷ ଓ ସମ ବଣ୍ଟନ। ଏହି ଲକ୍ଷ୍ୟଗୁଡ଼ିକ ଜୈବବିବିଧତାର କ୍ରମାଗତ ଅବକ୍ଷୟକୁ ରୋକିବା ଏବଂ ସମସ୍ତଙ୍କ ନିମନ୍ତେ ଏକ ନିରନ୍ତର ଭବିଷ୍ୟତକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟରତ। ଡିସେମ୍ବର ୨୦୨୨ରେ କାନାଡାର ମଣ୍ଟ୍ରିଲରେ ସିବିଡିର ୧୫ତମ ସଦସ୍ୟ ରାଷ୍ଟ୍ରଙ୍କ ସମ୍ମିଳନୀ (କୋପ-୧୫)ରେ 'କୁନ୍ମିଂ-ମଣ୍ଟ୍ରିଲ ବୈଶ୍ୱିକ ଜୈବବିବିଧତା ଢାଞ୍ଚା' ଗୃହୀତ ହୋଇଥିଲା ; ଯେଉଁଥିରେ ବିଶ୍ୱର ଅତି କମ୍‌ରେ ୩୦ ପ୍ରତିଶତ ସ୍ଥଳଭାଗ, ଆଭ୍ୟନ୍ତରୀଣ ଜଳସ୍ଥଳୀ, ଉପକୂଳ ଅଞ୍ଚଳ ଏବଂ ମହାସାଗରକୁ ସଂରକ୍ଷଣ ଏବଂ ପରିଚାଳନା କରିବା ନିମନ୍ତେ ସ୍ଥିରୀକୃତ ହୋଇଥିଲା। ଏଥିରେ ଜୈବବିବିଧତା ଏବଂ ପରିସଂସ୍ଥାର କାର୍ଯ୍ୟ ସମ୍ପାଦନ ତଥା ସେବା ପ୍ରଦାନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ମହତ୍ତ୍ୱ ରଖୁଥିବା କ୍ଷେତ୍ରଗୁଡ଼ିକର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୋପ-୧୬ରେ 'ଜୈବବିବିଧତା ଉଧାର ମଞ୍ଚ'ର ପ୍ରତିଷ୍ଠା ହୋଇଥିଲା ; ଯାହାର ଉଦ୍ଦେଶ୍ୟ ହେଉଛି ଜୈବବିବିଧତା ସମୃଦ୍ଧ ଅଞ୍ଚଳର ସଂରକ୍ଷଣ, ପୁନରୁଦ୍ଧାର ଏବଂ ସହନୀୟ ବ୍ୟବହାର ନିମନ୍ତେ ପାଣ୍ଠି ଯୋଗାଣର ବ୍ୟବସ୍ଥା କରିବା।

ଏହା ଆମର ହୃଦ୍‌ବୋଧ ହେବା ବାଞ୍ଛନୀୟ ଯେ ଜୈବବିବିଧତାର ଅବକ୍ଷୟ ଉଭୟ ପରିବେଶ ଏବଂ ମାନବ କଲ୍ୟାଣ ବିରୋଧରେ ସୁଦୂରପ୍ରସାରୀ ନକାରାତ୍ମକ ପ୍ରଭାବ ବିସ୍ତାର କରେ। ପରିସଂସ୍ଥା ବିପର୍ଯ୍ୟସ୍ତ ହୁଏ, ସେମାନଙ୍କ ସ୍ଥିରତାରେ ଅସନ୍ତୁଳନ ଘଟେ ଏବଂ ଉଦ୍ଭିଦ-ପ୍ରାଣୀ ଉତ୍ସରୁ ଲବ୍ଧ ବିବିଧ ପଦାର୍ଥ ତଥା ସ୍ୱଚ୍ଛ ବାୟୁ ଓ ଜଳ ଭଳି ଅତ୍ୟାବଶ୍ୟକୀୟ ସେବା ଯୋଗାଣ ବାଧାପ୍ରାପ୍ତ ହୁଏ। ଏସବୁର ପରିଣାମରେ ଖାଦ୍ୟ ସୁରକ୍ଷା ବ୍ୟାହତ ହୁଏ, ରୋଗ ସୃଷ୍ଟିରେ ବୃଦ୍ଧି ଘଟେ ଏବଂ ଆର୍ଥିକ କ୍ଷୟକ୍ଷତି ତ୍ୱରାନ୍ୱିତ ହୁଏ। ପୁନଶ୍ଚ, ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବହୁ ଜୀବଜାତି କ୍ରମଶଃ ବିଲୁପ୍ତିର ଦ୍ୱାରଦେଶରେ ଉପନୀତ ହେଉଛନ୍ତି ଏବଂ ସେମାନଙ୍କର ଭୌଗୋଳିକ ବଣ୍ଟନ ପ୍ରଭାବିତ ହେଉଛି। ଏପରି ଦୃଶ୍ୟପଟ୍ଟରେ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଉପଯୁକ୍ତ ରାଷ୍ଟ୍ରୀୟ ତଥା ବିଶ୍ୱସ୍ତରୀୟ ପଦକ୍ଷେପ ଗ୍ରହଣ ଯଥେଷ୍ଟ ଗୁରୁତ୍ୱ ବହନ କରେ। ଜୀବଜାତିଙ୍କ ବାସସ୍ଥଳୀର ସୁରକ୍ଷା ନିମନ୍ତେ ଅଧିକ ଜାତୀୟ ଉଦ୍ୟାନ, ସଂରକ୍ଷିତ ବନ୍ୟପ୍ରାଣୀ ଅଞ୍ଚଳ ଏବଂ ସାମୁଦ୍ରିକ ଅଭୟାରଣ୍ୟର ପ୍ରତିଷ୍ଠା ତଥା ଅବକ୍ଷୟିତ ପରିସଂସ୍ଥା ସବୁର ପୁନରୁଦ୍ଧାର ଏକାନ୍ତ ଅପରିହାର୍ଯ୍ୟ। ବନୀକରଣ ଏବଂ ବୃକ୍ଷରୋପଣକୁ ପ୍ରୋତ୍ସାହନ, ବିଲୁପ୍ତପ୍ରାୟ ଜୀବଜାତିଙ୍କ ଶିକାରର ଦୃଢ଼ ନିରୋଧ, ପରିବେଶ ଅନୁକୂଳ ବ୍ୟବହାରକୁ ଉତ୍ସାହିତ ଏବଂ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣକୁ ନିରୁତ୍ସାହିତ କରାଯିବା ବିଧେୟ।

ପୁନଶ୍ଚ, ଜୈବବିବିଧତା ଆଇନ ସବୁର କାର୍ଯ୍ୟାନ୍ୱୟନ, ଅନ୍ତର୍ଜାତୀୟ ଚୁକ୍ତିନାମାକୁ ସମର୍ଥନ ଏବଂ ଜାତୀୟ ବିକାଶ ରଣନୀତିରେ ଜୈବବିବିଧତା ଲକ୍ଷ୍ୟକୁ ସାମିଲ କରାଯିବା ବାଞ୍ଛନୀୟ। ପରିସଂସ୍ଥାର ପ୍ରଦୂଷଣକୁ ରୋକିବା, ସ୍ୱଚ୍ଛ ଶକ୍ତି ଓ ଅଙ୍ଗାରକ ହ୍ରାସନ ପ୍ରଯୁକ୍ତିବିଦ୍ୟାର ପ୍ରୋତ୍ସାହନ ଏବଂ ସ୍ଥାନୀୟ ଜୀବଜାତିଙ୍କର କ୍ଷତିସାଧନକାରୀ ବାହ୍ୟ ପ୍ରଜାତିଙ୍କର ନିୟନ୍ତ୍ରଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ, ସ୍ଥାନୀୟ ସମ୍ପ୍ରଦାୟକୁ ଜୈବବିବିଧତାର ଗୁରୁତ୍ୱ ପ୍ରସଙ୍ଗରେ ଶିକ୍ଷା ପ୍ରଦାନ ; ସେମାନଙ୍କୁ ସଂରକ୍ଷଣ ପ୍ରକ୍ରିୟାରେ ସାମିଲ ; ପାରମ୍ପରିକ, ସମ୍ପ୍ରଦାୟଭିତ୍ତିକ ସଂରକ୍ଷଣ, ଏବଂ ନିରନ୍ତର ଜୀବିକାର୍ଜନକୁ ସମର୍ଥନ ମହତ୍ତ୍ୱପୂର୍ଣ୍ଣ ଅଟେ। ଅଧିକ ବୈଜ୍ଞାନିକ ଅନୁସନ୍ଧାନ, ଜିଆଇଏସ, ଡ୍ରୋନ ଏବଂ ରିମୋଟ ସେନ୍ସିଂ ଭଳି ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଅଧ୍ୟୟନ ଏବଂ ଅନୁକୂଳିତ ପରିଚାଳନା ନିମନ୍ତେ ଯୋଜନା ପ୍ରଣୟନ ହେଉଛି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ। ସର୍ବୋପରି, ବିଦ୍ୟାଳୟ ପାଠ୍ୟକ୍ରମରେ ଜୈବବିବିଧତାକୁ ସାମିଲ, ସଂରକ୍ଷଣ ଅଭିଯାନରେ ଜନସାଧାରଣଙ୍କର ଅଂଶଗ୍ରହଣ ଏବଂ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଜୈବବିବିଧତା ସୁରକ୍ଷାର ପ୍ରଚାର ହେଉଛି ସମୟୋପଯୋଗୀ ପଦକ୍ଷେପ। ଅନ୍ୟଥା, ଜୈବବିବିଧତା ପ୍ରାଚୁର୍ଯ୍ୟର ଅବକ୍ଷୟରେ ସମ୍ବଳରହିତ ଏକ ମରୁଭୂମିରେ ଜୀବନଯାପନ କରିବା ଭବିଷ୍ୟତ ପିଢ଼ି ନିମନ୍ତେ ଏକ ଆହ୍ୱାନକାରୀ ପରିସ୍ଥିତି ସୃଷ୍ଟି କରିବ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

# ସ୍ତନ୍ୟପାନରୁ ବଞ୍ଚିତ ଶିଶୁର ମାନସିକତା



ଡା. ଗୋପାଳ ଚନ୍ଦ୍ର ଦାଶ

ଶରୀର ଗଠନ ସହିତ କ୍ରମାନୁସାରେ ମାନସିକ ଅବସ୍ଥାରେ ପରିପକ୍ୱତା ଆସିଥାଏ। ଚାଣକ୍ୟଙ୍କ ମତରେ- ''ଲାଳୟେତ୍ ପଞ୍ଚବର୍ଷାଣି ଦଶ ବର୍ଷାଣି ଚ ତାଡ଼ୟେତ୍''। ଅର୍ଥାତ୍ ଜନ୍ମର ପ୍ରଥମ ପାଞ୍ଚବର୍ଷ ମଧ୍ୟରେ ଶିଶୁର ସର୍ବାଧିକ ମାନସିକ ବିକାଶ ହେଉଥିବାରୁ ଏହି ସମୟ ଅତ୍ୟନ୍ତ ସମ୍ବେଦନଶୀଳ। ସେଥିପାଇଁ ପ୍ରତ୍ୟେକ ମାତାପିତା ଶିଶୁର ଲାଳନ-ପାଳନ ପାଇଁ ଏହି ସମୟରେ ଅତ୍ୟନ୍ତ ସଚେତନ ହେବା ଆବଶ୍ୟକ। ଏହି ସମୟରେ ଶିଶୁଠାରେ ବିକଶିତ ହେଉଥିବା ମାନସିକତା ଭବିଷ୍ୟତ କାଳରେ ତାହାର ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରିଥାଏ। କୁହାଯାଇଛି ଯେ ମା' କ୍ଷୀର ବିଶ୍ୱରେ ଅମୃତ। ଅର୍ଥାତ୍ ଶିଶୁର ଗଠନ ପାଇଁ ମା' କ୍ଷୀରରେ ପର୍ଯ୍ୟାପ୍ତ ପରିମାଣର ପୋଷଣ ତତ୍ତ୍ୱ ରହିଥାଏ। ମା' କ୍ଷୀର ଶିଶୁର ଶାରୀରିକ ଓ ମାନସିକ ଗଠନ ସହିତ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରେ। ସେଥିପାଇଁ ପ୍ରସବ ପରବର୍ତ୍ତୀ ଅବସ୍ଥାରେ ସ୍ତନ୍ୟପାନ ଉପରେ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଛି। ସ୍ତନ୍ୟପାନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ସପ୍ତାହକୁ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ' ଭାବେ ପାଳନ କରାଯାଉଛି। ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ସଭା ସମିତି ଓ କର୍ମଶାଳା ମାଧ୍ୟମରେ ସ୍ତନ୍ୟପାନର ଉପକାରିତା ଓ କୃତ୍ରିମ କ୍ଷୀରର ଅପକାରିତା ସମ୍ବନ୍ଧରେ ମା'ମାନଙ୍କୁ ବୁଝାଇ ଥାଆନ୍ତି। ପ୍ରସବ ପରବର୍ତ୍ତୀ ପ୍ରଥମ ଛଅମାସ ଶିଶୁକୁ ମା' କ୍ଷୀର ବ୍ୟତୀତ ଅନ୍ୟ କିଛି ନ ଦେବା ପାଇଁ ଉପଦେଶ ଦିଆଯାଏ। ସ୍ତନ୍ୟପାନର ଅନ୍ୟ ଏକ ବିଶେଷତ୍ୱ ହେଉଛି ଶିଶୁର ମାନସିକ ବିକାଶ। ଗବେଷଣାରୁ ଜଣାପଡ଼େ ଯେ ସ୍ତନ୍ୟପାନ କରିଥିବା ଶିଶୁର ମାନସିକ ବିକାଶ ସ୍ତନ୍ୟପାନରୁ ବଞ୍ଚିତ ଶିଶୁ ଅପେକ୍ଷା ଯଥେଷ୍ଟ ଉର୍ଦ୍ଧ୍ୱରେ। ସ୍ତନ୍ୟପାନ କିପରି ଶିଶୁର ମାନସିକ ବିକାଶ କରିଥାଏ, ତାହା ଆଲୋଚନା କରିବା ପୂର୍ବରୁ ପ୍ରାରମ୍ଭିକ ଅବସ୍ଥାରେ ଶିଶୁର ମାନସିକ ବିକାଶ ସମ୍ବନ୍ଧରେ କିଛି ଆଲୋକପାତ କରିବା ଆବଶ୍ୟକ।

ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ଫ୍ରଏଡ୍‌ଙ୍କ ମତରେ ବୟସ ବୃଦ୍ଧି ସହିତ ବ୍ୟକ୍ତିତ୍ୱ ପାଞ୍ଚ ପର୍ଯ୍ୟାୟରେ ବିକଶିତ ହୋଇଥାଏ। ପ୍ରଥମ ପର୍ଯ୍ୟାୟଟି ହେଉଛି- ମୌଖିକ ପର୍ଯ୍ୟାୟ ଯାହା ଶିଶୁ ଅବସ୍ଥାରେ ଦେଖାଦେଇଥାଏ। ଜନ୍ମଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ମୌଖିକ ପର୍ଯ୍ୟାୟର ପରିସୀମା। ଏହି ସମୟ ଅବଧିରେ ଶିଶୁର ବିବେକ ଉଦ୍ରେକ ହୋଇ ନ ଥିବାରୁ ସେ ପୂର୍ବଜନ୍ମର ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇଥାଏ। ଶରୀର ପାଇଁ ଦରକାର ହେଉଥିବା ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଶିଶୁଟି ମୁଖମଣ୍ଡଳକୁ ବ୍ୟବହାର କରିଥାଏ। ସେଥିପାଇଁ ଏହାକୁ ମୌଖିକ ପର୍ଯ୍ୟାୟ କୁହାଯାଏ। କ୍ଷୁଧାର ନିବାରଣ ପାଇଁ ସ୍ତନ୍ୟପାନ କରିଥାଏ। ସେଥିରୁ ନିବୃତ୍ତ ହୋଇ ଆଙ୍ଗୁଠି ଚୁଚୁମିଥାଏ। ଏହି ଅବସ୍ଥା ଜନ୍ମଠାରୁ ଆଠମାସ ପର୍ଯ୍ୟନ୍ତ ବିଶେଷ ଭାବରେ ପରିଲକ୍ଷିତ ହୁଏ। ଏହାକୁ ଓରାଲ ସକିଂ ପର୍ଯ୍ୟାୟ କୁହାଯାଏ। ଦାନ୍ତ ଉଠିବା ପରେ ଛଅମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଶିଶୁଟି କାମୁଡ଼ିବା ଅଭ୍ୟାସ ଆରମ୍ଭ କରେ। ଏହାକୁ ଓରାଲ ବାଇଟିଂ ଅବସ୍ଥା କୁହାଯାଏ। ପ୍ରଥମ ଅବସ୍ଥାରେ ଶିଶୁଟି ମା'ର ଏକ ଅଭିନ୍ନ ଅଙ୍ଗ ବୋଲି ଭାବେ। ସ୍ତନ୍ୟପାନ ମାଧ୍ୟମରେ ଚୁଚୁମିବା କ୍ରିୟାରେ ଅପାର ଆନନ୍ଦ ଲାଭ କରେ। ଶିଶୁଟି ଏଥିରୁ ବଞ୍ଚିତ ହେଲେ ତାହାର ମାନସିକ ଅସନ୍ତୋଷ ରହେ। କର୍ମଜୀବୀ ମହିଳାମାନେ ଠିକ୍ ସମୟରେ ସନ୍ତାନକୁ ସ୍ତନ୍ୟପାନ କରାଇ ପାରି ନ ଥାନ୍ତି। ଫଳରେ ଶିଶୁଟି ମା' କ୍ଷୀର ନ ପାଇ କୃତ୍ରିମ କ୍ଷୀର ଉପରେ ନିର୍ଭର କରେ। କେତେଜଣ ଆଧୁନିକ ମହିଳା ନିଜର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ ବୋଲି ଭାବି ସ୍ତନ୍ୟପାନ କରାଇ ନ ଥାନ୍ତି। ଶିଶୁଟି ସ୍ତନ୍ୟପାନରୁ ବଞ୍ଚିତ ହେବା ଦ୍ୱାରା ମାନସିକ ଅସନ୍ତୋଷ ପାଏ। ଫଳସ୍ୱରୂପ ଶିଶୁ ଆଙ୍ଗୁଠି ଚୁଚୁମେ, ଖେଳଣାଗୁଡ଼ିକ ପାଟିରେ ପୂରାଏ ଓ କାମୁଡ଼ିଥାଏ। ଭବିଷ୍ୟତରେ ଏହି ବଦଭ୍ୟାସଗୁଡ଼ିକ ଯୌବନ ଅବସ୍ଥାକୁ ସଂକ୍ରମିତ ହୁଏ। ପ୍ରାପ୍ତ ବୟସରେ ସେ ଆଙ୍ଗୁଠି ଚୁଚୁମେ, ନଖ କାମୁଡ଼େ, ପାନ, ସିଗାରେଟ୍, ଚୁଇଙ୍ଗମ ଚୋବାଇବା ଅଭ୍ୟାସ କରେ। ଏପରିକି କୈଶୋର ଅବସ୍ଥାରେ ବାରମ୍ବାର ଚୁମ୍ବନ ଦେବାର ଇଚ୍ଛା ଆଦି ଚାରିତ୍ରିକ ଦୋଷ ଶୈଶବ ଅବସ୍ଥାରେ ମୌଖିକ ପର୍ଯ୍ୟାୟର ଅସନ୍ତୋଷର ପରିପ୍ରକାଶ ଅଟେ। ସ୍ତନ୍ୟପାନରୁ ବଞ୍ଚିତ ହୋଇଥିବା ଶିଶୁ ଭବିଷ୍ୟତରେ ବଦ୍‌ରାଗୀ, କର୍କଶ, ତର୍କପ୍ରିୟ ହୋଇଥାଆନ୍ତି। ତେଣୁ ମା' ଶିଶୁକୁ ସ୍ତନ୍ୟପାନ କରାଇବା ଏକାନ୍ତ ଆବଶ୍ୟକ।

**ମୋ: ୭୮୪୮୮୫୦୯୫୦**

**ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ**



## ଏଇ ଭାରତରେ

ମହାରାଷ୍ଟ୍ରର ହେନିକ୍ ଗାଲା ଓ ଶ୍ରେୟାସ ମଜଲାପୁର ବର୍ଜ୍ୟ ସଂଗ୍ରହକରି ସେଗୁଡ଼ିକର ରିସାଇକେଲିଂ କରୁଛନ୍ତି। ସେମାନେ ୨୦୨୩ରେ 'ସ୍କ୍ରାପ୍ ଜି' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ପ୍ରତି ମାସରେ ସେମାନେ ୧୦ ହଜାର କେଜି ବର୍ଜ୍ୟ ରିସାଇକେଲିଂ କରିପାରୁଛନ୍ତି। ଏହି କାର୍ଯ୍ୟରେ ଏବେ ସେମାନଙ୍କ ସହ ଅନେକ ଯୁବକ ଯୋଡ଼ିହୋଇଛନ୍ତି। ମୁଖ୍ୟତଃ ସେମାନେ ଠାଣେର ବିଭିନ୍ନ ଅଞ୍ଚଳରୁ ଖବରକାଗଜ, ପ୍ଲାଷ୍ଟିକ୍, ଧାତବ ଓ ଇ-ବର୍ଜ୍ୟ ଲୋକଙ୍କଠାରୁ ସଂଗ୍ରହ କରିବା ପରେ ସେଗୁଡ଼ିକୁ ପୃଥକ୍ କରି ରିସାଇକେଲିଂ ସେଣ୍ଟରକୁ ପଠାଉଛନ୍ତି। ଏବେ ସୁଦ୍ଧା ୨୦୦୦ରୁ ଉର୍ଦ୍ଧ୍ୱ ପରିବାରରୁ ବର୍ଜ୍ୟ ସଂଗ୍ରହ କରାଯାଉଛି। ଯେଉଁମାନେ ବର୍ଜ୍ୟ ଦେଉଛନ୍ତି ସେମାନଙ୍କୁ ଏ ବାବଦରେ କିଛି ଅର୍ଥ ମଧ୍ୟ ଦିଆଯାଉଛି। ୱେବ୍‌ସାଇଟ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ଏସବୁ ପରିବାର ସହ ଯୋଗାଯୋଗ ରଖାଯାଉଛି ଏବଂ ଗାଡ଼ିରେ ପରିବାରଗୁଡ଼ିକରୁ ବର୍ଜ୍ୟ ଅଣାଯାଉଛି। ହେନିକ୍, ଶ୍ରେୟାସ ଓ ତାଙ୍କ ଟିମ୍‌ର ଏହି କାର୍ଯ୍ୟ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସ୍କୁଲରେ ପଢ଼ିବା ସମୟରେ ଏହି ଦୁଇବନ୍ଧୁ କବାଡ଼ିୱାଲାକୁ ଦେଖିବା ପରେ ବର୍ଜ୍ୟ ସଂଗ୍ରହ କରି ତାହାକୁ ରିସାଇକେଲିଂ କରିବାକୁ ଯୋଜନା କରିଥିଲେ। ପରେ ସ୍କୁଲ ଶିକ୍ଷା ଶେଷକରି ତାହା ଆରମ୍ଭ କରିଥିଲେ। ଏବେ ଏହି 'ସ୍କ୍ରାପ୍ ଜି' କାରବାର ୨୫ ଲକ୍ଷରୁ ଅଧିକ ଟଙ୍କାରେ ପହଞ୍ଚିଲାଣି।

## ଚିରନ୍ତନୀ

ପଉଷ ଗୀତ ଆସୁ ହେ ଭାସି
ପୂରବୀ ପ୍ରୀତି ଛନ୍ଦେ
ଆକାଶ ଧରା ଉଠୁ ହେ ପୂରି
ଅଗୁରୁ ଗୁରୁ ଗନ୍ଧେ
ମଳୟହୀନ ଆବାସେ ବାସୁ
ଚନ୍ଦନ ହେ ଚନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
-(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନାବାଳକ ମା'ବାପା

ମହାଶୟ,

ଯେଉଁ ଅଶ୍ଳୀଳତାକୁ ମା'ବାପାମାନେ ପିଲାଙ୍କଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି, ସେ ବିଷୟରେ ପିଲାମାନେ ବେଶ୍ ଅବଗତ ବୋଲି ସମାଜକୁ ସୂଚେଇ ଦେଉଛନ୍ତି। କନ୍ଧମାଳର ବେଲଘର, ମୟୂରଭଞ୍ଜର ବାଙ୍ଗିରିପୋଷି, ରାୟଗଡ଼ା ଜିଲା ବିଷମକଟକ ଅଞ୍ଚଳର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀ ଗର୍ଭବତୀ ହୋଇଥିବା ଜଣାପଡ଼ିଛି । ୧୫ ବର୍ଷର ନାବାଳକ ଅବୈଧ ଭ୍ରୂଣର ପିତା ହେଉଛି। ଯେଉଁଠି କୌଣସି ଯୁବତୀଙ୍କୁ ବଳାତ୍କାର କରାଯାଉଛି, ସେମାନଙ୍କ ମଧ୍ୟରେ ନାବାଳକ ଯୋଡ଼ିହୋଇଛନ୍ତି। ମନେହୁଏ, ଏହି ଯୌନ ଉଚ୍ଛୃଙ୍ଖଳତା ମୋବାଇଲ ଦ୍ୱାରା ପରିବ୍ୟାପ୍ତ ହେଉଛି। ମୋବାଇଲରେ ଅଶ୍ଳୀଳ ଚିତ୍ରକୁ ଉତ୍ତୋଳନ କରି ଭାଇରାଲ କରାଯାଉଛି। ମୋବାଇଲରେ ନାବାଳିକା ନାବାଳକ, ଯୁବତୀ ଯୁବକମାନେ ଅଶ୍ଳୀଳ ଚିତ୍ର ପ୍ରତି ଆକର୍ଷିତ ହେଉଛନ୍ତି ଏବଂ ତାକୁ ଦେଖିବାରେ ସମୟ ନଷ୍ଟ କରୁଛନ୍ତି ଏବଂ ବିପରୀତ ଲିଙ୍ଗ ପ୍ରତି ଆକୃଷ୍ଟ ହୋଇ ବ୍ୟଭିଚାର ସୃଷ୍ଟି କରୁଛନ୍ତି। ତେଣୁ ମୋବାଇଲ ନିୟନ୍ତ୍ରଣ ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ। ତାହା ନ ହେଲେ ସମାଜର ଅଧପତନ ଅବଶ୍ୟମ୍ଭାବୀ। ଯେଉଁଠି ମିଡିଆ ପହଞ୍ଚି ନ ପାରୁଛି ସେଠାକାର କଥା କେହି ଜାଣିପାରୁନାହାନ୍ତି ଏବଂ ଘଟୁଥିବା ଘଟଣା ଅନ୍ଧାର ଭିତରେ ହଜିଯାଉଛି।

**-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ ବର୍ଷ ପୂର୍ତ୍ତି ପାଳନ ପ୍ରସ୍ତୁତି

ଢେଙ୍କାନାଳ, ୫।୮ (ରତନ ନାୟାର)

ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ ବର୍ଷ ପୂର୍ତ୍ତି ୨୦୨୬ରେ ପାଳନ କରାଯିବ। ଏହି ଉପଲକ୍ଷେ ତପୋବନ ପୀଠ ପରିସରରେ ରବିବାର ମହିମା ସ୍ୱାମୀଙ୍କ ଓଡ଼ିଶା ଆଗମନ ଓ ଦ୍ୱାଦଶ ଜ୍ୟୋତିଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୮୨୬ରେ ଟୁଙ୍ଗିରେ ଧୂଳିଆ ଗୋସାଇଁ ଭାବେ ତାଙ୍କର ଆବିର୍ଭାବ ହୋଇଥିଲା। ଏହାପରେ ସେ ଖଣ୍ଡଗିରି ହୋଇ ଶେଷରେ ୧୮୩୮ ମସିହାରେ କପିଳାସ ତପୋବନ ପୀଠକୁ ଆସି ସେଠାରେ ୧୮୬୨ ପର୍ଯ୍ୟନ୍ତ ଆତ୍ମଯୋଗ ସାଧନାରେ ମଗ୍ନ ରହିଥିଲେ। ୧୮୬୨ ପରେ ସେ ଜନପଦଗୁଡ଼ିକୁ ଯାତ୍ରା କରି ମହିମାଧର୍ମ ଦର୍ଶନର ପ୍ରଚାରରେ ନିଜକୁ ବ୍ୟସ୍ତ ରଖି ୧୮୭୬ରେ ବର୍ତ୍ତମାନର ମହିମା ଯୋରନ୍ଦା ଗାଦିପୀଠରେ ସମାଧିସ୍ଥ ହୋଇଥିଲେ। ଏଥିପାଇଁ କପିଳାସସ୍ଥିତ ମହିମା ତପୋବନ ପୀଠକୁ ମହିମା ଧର୍ମର ଜନ୍ମସ୍ଥାନ ବା ଅନ୍ତୁଡିଶାଳ କୁହାଯାଇଥାଏ।


ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ ବର୍ଷ ପୂର୍ତ୍ତି ପାଳନ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସାଧୁ ସନ୍ନ୍ୟାସୀମାନେ।

୨୦୧୪ରେ ଆରମ୍ଭ ହୋଇଥିବା ମହିମା ଜ୍ୟୋତିଯାତ୍ରା ଇତିମଧ୍ୟରେ ଦ୍ୱାଦଶ ବର୍ଷ ପୂର୍ଣ୍ଣ କରିସାରିଛି। ଏଥିପାଇଁ ୨୦୨୬ରେ ତ୍ରୟୋଦଶ ମହିମା ଜ୍ୟୋତିଯାତ୍ରା ବର୍ଷରେ ମହିମା ଗୋସାଇଁଙ୍କ ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ମଧ୍ୟ ପାଳନ କରାଯିବ। ବିଗତ ଦ୍ୱାଦଶ ବର୍ଷ ମଧ୍ୟରେ ମହିମା ବ୍ରହ୍ମଜ୍ୟୋତି କପିଳାସ ତପୋବନରୁ ଜାଗ୍ରତ ହୋଇ ରାଜ୍ୟର ବିଭିନ୍ନ ମହିମାଟୁଙ୍ଗି ପରିଭ୍ରମଣ କରିସାରିଛି। ୬୦ରୁ ଊର୍ଦ୍ଧ୍ୱ ପ୍ରମୁଖ ମହିମାଟୁଙ୍ଗିକୁ ବ୍ରହ୍ମଜ୍ୟୋତି ଯାତ୍ରା କରିଥିଲା। ତ୍ରୟୋଦଶ ବର୍ଷରେ ଉପରୋକ୍ତ ମହିମା ଟୁଙ୍ଗିଗୁଡିକରୁ ଅଖଣ୍ଡ ମହିମାଜ୍ୟୋତି ଢେଙ୍କାନାଳ ସହର ପରିକ୍ରମା ପୂର୍ବକ ଗାଦି ପୀଠ ଯୋରନ୍ଦା ଯାତ୍ରା କରିବ। ଏଠାରେ ମହିମା ଧର୍ମସଭା ଆୟୋଜିତ ହୋଇ ତତ୍‌ପରଦିନ ତପୋବନ ପୀଠକୁ ଯାତ୍ରା କରି ସେଠାରେ ସମସ୍ତ ଅଖଣ୍ଡବତୀର ଏକତ୍ରୀକରଣ କରାଯାଇ ନିର୍ବାଣ ପର୍ବ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟର ସୁଚାରୁ କ୍ରିୟାନ୍ୱୟନ ପାଇଁ ମହିମା ତପୋବନ ପୀଠର କୌପୀନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ କାଦୁଆ ତପୋବନ ଆଶ୍ରମରେ ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିମା ଜ୍ୟୋତିଯାତ୍ରାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଆବାହକ ପ୍ରଶାନ୍ତ କୁମାର ମହାପାତ୍ର, କରୁଣାକର ବାବା, ଜ୍ଞାନୀ ବାବା, ରବି ବାବା, ମୁରଲୀ ବାବା, ସନକ ବାବା ଓ ସଦାନନ୍ଦ ବାବାଙ୍କ ସହ କୁଲାଡ ଟୁଙ୍ଗିର ପରେଶ ଜେନା, ପ୍ରେମାନନ୍ଦ ସେଠ୍, କରୁଣାକର ସେଠ୍, ବନମାଳୀ ସେଠ୍, ଅଙ୍ଗାରବନ୍ଧର ବିଜ୍ଞାନୀ ବେହେରା, ବଦାଲୋର ଶତ୍ରୁଘ୍ନ ସାହୁ, ଆଇନଜୀବୀ ଭକ୍ତ ଅଜୟ ଦେହୁରୀ, ଭକ୍ତ ଚନ୍ଦ୍ରମଣି ସ୍ୱାଇଁ ଓ ଅନନ୍ତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ପ୍ରମୁଖ ଟୁଙ୍ଗି ୨୦୨୬ ଜ୍ୟୋତିଯାତ୍ରା କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରିବାକୁ ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ନିବେଦନ କରିଥିଲେ। ତତ୍‌କ୍ଷଣାତ୍ ସଭାସ୍ଥଳରେ କୁଲାଡ ଟୁଙ୍ଗି ପକ୍ଷରୁ ଭକ୍ତ ପରେଶ ଜେନା ୩ ହଜାର ଟଙ୍କା ଦାନ କରିଥିଲେ। ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ବର୍ଷ ପୂର୍ତ୍ତି ସହ ତ୍ରୟୋଦଶ ଜ୍ୟୋତିଯାତ୍ରାର ଏକତ୍ର ପାଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ପାଠତ୍ୟାଗୀ ପିଲାଙ୍କୁ ବିଦ୍ୟାଳୟ ଅଭିମୁଖୀ କରିବାକୁ ନିର୍ଦ୍ଦେଶ


ପ୍ରଧାନ ଶିକ୍ଷକମାନଙ୍କ ମାସିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

## ପ୍ରଧାନ ଶିକ୍ଷକମାନଙ୍କ ମାସିକ ସମ୍ମିଳନୀ

ଢେଙ୍କାନାଳ,୫।୮ (ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସଦର ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମାସିକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସଦର ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଗ୍ରୀଷ୍ମ ଅବକାଶରେ ଶିକ୍ଷୟିତ୍ରୀ ଶିକ୍ଷକମାନେ କରିଥିବା ସର୍ଭେରେ ଚିହ୍ନଟ ହୋଇଥିବା ୧୮ବର୍ଷରୁ କମ୍ ବୟସର ପାଠତ୍ୟାଗୀ ପିଲାଙ୍କୁ ବିଦ୍ୟାଳୟ ଅଭିମୁଖୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ୟୁଡାଇସ୍‌ରେ ସମସ୍ତ ଛାତ୍ରୀଛାତ୍ରଙ୍କ ବିବରଣୀ ତୁରନ୍ତ ଲିପିବଦ୍ଧ କରିବା, ମାସିକ ଦରମା ବିଲ୍ ଓ ଅନ୍ୟ କାଗଜପତ୍ର ଶିକ୍ଷକମାନେ ନିଜେ ଅଫିସ୍‌କୁ ନ ଆଣି କେନ୍ଦ୍ର ବିଦ୍ୟାଳୟ ମାଧ୍ୟମରେ ଅଫିସ୍‌ରେ ଦାଖଲ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଏଆରସିସି ଦେବବ୍ରତ ନାଥ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ଠିକ୍ ଢଙ୍ଗରେ ପାଠ ଯୋଜନା ପ୍ରସ୍ତୁତ କରି ଶିକ୍ଷାଦାନ କରିବା ସହିତ ମାସକୁ ଅନ୍ୟୁନ ଥରେ ଶିକ୍ଷଣ ସାମଗ୍ରୀ କର୍ମଶାଳା ଆୟୋଜନ କରିବାକୁ ଉପଦେଶ ଦେଇଥିଲେ। ଏହିଭଳି ଶତ୍ରୁଘ୍ନ ଖଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାରେ ବହୁଳ ଭାବେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହିଭଳି ଭଗବାନ ବେହେରା ମଧ୍ୟାହ୍ନ ଭୋଜନ ମେସେଜ୍ ୧୧ଟା ପୂର୍ବରୁ ଦେବା ସହିତ ମାସିକ ମଧ୍ୟାହ୍ନ ଭୋଜନ କାଗଜପତ୍ର ନିର୍ଭୁଲ ଭାବେ ପୂରଣ କରି ଅଫିସ୍‌ରେ ପ୍ରଦାନ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିରାମଲ୍ ଫାଉଣ୍ଡେସନର ସଦସ୍ୟ ମାନସ ପ୍ରଧାନ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ୧୭୭ ପ୍ରଧାନଶିକ୍ଷକ ଓ ୧୭ଜଣ ସିଆରସିସି ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସମ୍ମିଳନୀରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସଦର ବ୍ଲକର ସମସ୍ତ ସିଆରସିସି ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର କର୍ମଚାରୀ ସହଯୋଗ କରିଥିଲେ।

# ଗଛରେ ପିଟିହେଲା ବାଇକ୍, ଚାଳକ ମୃତ


ଦୁର୍ଘଟଣାଗ୍ରସ୍ତ ବାଇକ୍।

ଗଁଦିଆ,୫।୮ (ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ସାପୁଆଝର ପୋଲ ନିକଟରେ ଏକ ବାଇକ୍ ଗଛରେ ପିଟିହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସୋମବାର ରାତିପ୍ରାୟ ୨ଟାରେ ଭୁବନ ମହୁଲପାଳ ଗ୍ରାମର ମୁନା ମଳିକ(୨୪) ଏକ ବାଇକ୍ (ନଂ. ଓଡି.୦୪ବି-୩୦୮୧) ଯୋଗ ଢେଙ୍କାନାଳ ଅଭିମୁଖେ ଯାଉଥିଲେ। ସାପୁଆଝର ପୋଲ ପୂର୍ବରୁ ଭାରସାମ୍ୟ ହରାଇ ସେ ଏକ ଗଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ସକାଳୁ ଦୁର୍ଘଟଣା ସମ୍ପର୍କରେ ଜାଣି ଗଁଦିଆ ଥାନାକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଗଁଦିଆ ଥାନାର ଏସ୍‌ଆଇ ହୃଦାନନ୍ଦ ମହାନନ୍ଦଙ୍କ ସୂଚନାରୁ ଜଣାପଡିଛି। ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ ନଂ. ୨୯୧।୨୫ରେ ଏକ ମାମଲା ରୁଜୁ କରାଯାଇଛି।

# କରମୂଳ ହାଇସ୍କୁଲରେ ଅଭିଭାବକ-ଶିକ୍ଷକ ବୈଠକ

ଢେଙ୍କାନାଳ,୫।୮ (ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ କରମୂଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଅଭିଭାବକ ଓ ଶିକ୍ଷକମାନଙ୍କ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରୀନା ସେଠୀ ସରକାରଙ୍କ ଦ୍ୱାରା ପ୍ରଦତ୍ତ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ମୋଟ ୫୨୧ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ଶିଶୁବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସ୍ଥାୟୀ ପ୍ରଧାନ ଶିକ୍ଷକ ଅବସର ପରେ ସରକାରଙ୍କ ଦ୍ୱାରା ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ନ ହେବା ଦ୍ୱାରା ବିଦ୍ୟାଳୟରେ ସମସ୍ୟା


କରମୂଳ ହାଇସ୍କୁଲରେ ଅଭିଭାବକ-ଶିକ୍ଷକ ବୈଠକରେ ଉପସ୍ଥିତ ଶିକ୍ଷକମାନେ।

ହେଉଛି। ଚଳିତବର୍ଷ ୩ଜଣ ଶିକ୍ଷକଙ୍କ ଅବସର, ଜଣେ ଅନ୍ୟତ୍ର ଡେପୁଟେଶନ ଯିବା ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବିଦ୍ୟାଳୟ ପରିସରରେ ଏକ ୧୦୦ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ପିଲାଙ୍କ ଛାତ୍ରାବାସ ରହିଛି। ୨ ଗୋଟି ଶ୍ରେଣୀ ଗୃହରେ ବର୍ଷା ସମୟରେ ପାଣି ଗଳୁଥିବାରୁ ଛାତ୍ରୀଛାତ୍ରମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ବିଦ୍ୟାଳୟର ପାଚେରି ଭାଙ୍ଗି ଯାଇଛି। ଏକ ନୂତନ ଘର ଏବଂ ଶୌଚାଳୟ ନିର୍ମାଣ ସରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ସ୍କୁଲକୁ ହସ୍ତାନ୍ତର କରାଯାଇ ନ ଥିବାରୁ ଅଭିଭାବକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଦ୍ୟାଳୟରେ ଏକ ସାଇକେଲ ଷ୍ଟାଣ୍ଡ କରିବାକୁ ଦାବି କରିଥିଲେ। ପାନୀୟ ଜଳର ସୁବିଧା ସହିତ, ବଡ଼ ରୋଷଶାଳା, ସ୍ଥାୟୀ ସଭାଗୃହ ଓ ହଷ୍ଟେଲ ପାଇଁ ଡାଇନିଂ ହଲ, ଖେଳ ପଡିଆର ଉନ୍ନତୀକରଣ, ଅଧିକ ପାଚିକା ନିଯୁକ୍ତି ଆଦି ଦାବି ରଖିଥିଲେ। ସ୍କୁଲ ପରିଚାଳନା ପରିଷଦ ସଭାପତି ନୀଳମଣି ସାହୁ ଧନ୍ୟବାଦ ଦେଇଥିଲେ।

## ମରାମତି ହେଉନି ହାଇମାଷ୍ଟ ଲାଇଟ୍

ବଇଣ୍ଡା ୫।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ହାଟପଦା ଅଞ୍ଚଳରେ ଲାଗିଥିବା ହାଇମାଷ୍ଟ ଲାଇଟ୍‌ଗୁଡ଼ିକ ଅଚଳ ହୋଇପଡିଥିବା ନେଇ ଶନିବାର ପ୍ରଶାସନ ନିକଟରେ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀଙ୍କ କହିଛନ୍ତି, ଏହି ଲାଇଟ୍‌ଗୁଡ଼ିକୁ ମରାମତି କରିବା ପାଇଁ ବହୁବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ଛକରେ ଅନ୍ଧାର ଯୋଗୁ ଯାତ୍ରୀମାନେ ସୁରକ୍ଷିତ ମନେ କରୁନାହାନ୍ତି। ତୁରନ୍ତ ଏହି ଲାଇଟ୍ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

HIGHWAY TRADING PVT. LTD.
REQUIRED
SENIOR ACCOUNTANT: Experienced in Tally with at least 5 years of experience.
JUNIOR ACCOUNTANT: Experienced in Tally with at least 1 year of experience.
WALK IN FOR INTERVIEW:
Monday - Saturday - 10am to 7pm
Address: Janpath, Unit - 3, Bhubaneswar
Contact: Rajiv Agarwal - 9437006047

# ନିଶ୍ଚିନ୍ତା ପାହାଡ଼ରେ ବନୀକରଣ ହେଉ

## ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଲେ ପୂର୍ବତନ ବିଧାୟକ

ଢେଙ୍କାନାଳ,୫।୮ (ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲ ପ୍ରସାଦ ଥାନା ନିଶ୍ଚିନ୍ତା ରିଜର୍ଭ ପାହାଡ଼ରେ ବନୀକରଣ ପାଇଁ ମଙ୍ଗଳବାର ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଛନ୍ତି ପୂର୍ବତନ ବିଧାୟକ ନବୀନ ନନ୍ଦ। ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି, ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ନିଷ୍ପତ୍ତି କ୍ରମେ ୩୭ହେକ୍ଟର ଜଙ୍ଗଲ ଜମିକୁ ରେଳ ବିଭାଗର ଖାରପଡ଼ା ଓ ବୁଢ଼ାପଙ୍କ ତୃତୀୟ, ଚତୁର୍ଥ ରେଳ ଲାଇନ ପାଇଁ ରାଜ୍ୟ ସରକାର ହସ୍ତାନ୍ତର ପ୍ରତିବଦଳରେ ନିଶ୍ଚିନ୍ତା ରିଜର୍ଭ ପାହାଡ଼ରେ କ୍ଷତିପୂରଣ ନିମନ୍ତେ ବନୀକରଣ ପାଇଁ ୩୭ହେକ୍ଟର ଜଙ୍ଗଲ ଜମି ହସ୍ତାନ୍ତର ହୋଇଥିଲା। ଏହି ବନୀକରଣ କାର୍ଯ୍ୟ ୧୮ଠାରୁ ୬୬ପିଲାର ମଧ୍ୟରେ ହେବା ପାଇଁ


ନିଶ୍ଚିନ୍ତା ପାହାଡ଼ ପ୍ରସ୍ତାବିତ ବନୀକରଣ ସ୍ଥାନ।

ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଏହି ବନୀକରଣ କାର୍ଯ୍ୟକ୍ରମ ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ। ଏହାକୁ ଆସନ୍ତା ବର୍ଷ ବର୍ଷାଋତୁ ପୂର୍ବରୁ ସାରିବା ପାଇଁ ପୂର୍ବତନ ବିଧାୟକ ତଥା ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତି ନନ୍ଦ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଏହି ବନୀକରଣ କାର୍ଯ୍ୟକୁ ତୁରନ୍ତ ସମ୍ପାଦନ କରାଗଲେ ନିଶ୍ଚିନ୍ତା ପାହାଡ଼ରେ ଯେଉଁ ବେଆଇନ କଳାପଥର ଚୋରି ହେଉଛି, ତାହା ରୋକାଯିବା ସହିତ ପରିବେଶ ସୁରକ୍ଷାରେ ସହାୟକ ହେବ ବୋଲି ପୂର୍ବତନ ବିଧାୟକ ଦର୍ଶାଇଛନ୍ତି।

# ୨ ସପ୍ତାହ ବିତିଲା, ନାବାଳିକାଙ୍କୁ ଖୋଜୁନି ପୋଲିସ

## ନ୍ୟାୟ ପାଇଁ ପରିବାର ପ୍ରଶାସନର ଦ୍ୱାରସ୍ଥ

ଢେଙ୍କାନାଳ,୫।୮ (ରତନ ନାୟାର)

ଢେଙ୍କାନାଳ ଜିଲ କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୨୩ ତାରିଖରୁ ଅପହରଣ କରାଯାଇଥିବା ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ନିକଟସ୍ଥ ଖୁରୁସିଆ ଗ୍ରାମର ଜଣେ ଯୁବକ କୌଣସି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ଅପହରଣ କରିଥିବା ପରିବାର ଲୋକ ଅଭିଯୋଗରେ ଦର୍ଶାଇଥିଲେ। ଏ ସଂକ୍ରାନ୍ତରେ କାମାକ୍ଷାନଗର ଥାନାରେ ନଂ. ୩୭୧/୨୫ରେ ଏକ ମାମଲା ହୋଇଛି। ହେଲେ ୨ ସପ୍ତାହେ ବିତିବା ପରେ ମଧ୍ୟ ନାବାଳିକାଙ୍କ ସନ୍ଧାନ ମିଳି ନ ଥିବାବେଳେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିନାହିଁ। ଏହି ଘଟଣାକୁ ନେଇ ପରିବାର ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶେଷରେ ନ୍ୟାୟ ପାଇଁ ପରିବାର ସଦସ୍ୟ ମଙ୍ଗଳବାର ଢେଙ୍କାନାଳ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର ସହିତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପରିବାର ପକ୍ଷରୁ ଦାବି କରାଯାଇଛି।

# ପିକ୍‌ଅପ୍ ଭ୍ୟାନ୍-କାର୍ ଧକ୍କା, ଜଣେ ମୃତ


ଦୁର୍ଘଟଣାଗ୍ରସ୍ତ କାର୍ ଓ ପିକ୍‌ଅପ ଭ୍ୟାନ୍।

ଗଁଦିଆ,୫।୮ (ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ-ଭୁବନ ମୁଖ୍ୟ ରାସ୍ତାର ଗଁଦିଆ ଥାନା ଖାରଦା ଛକ ନିକଟରେ ଏକ ରଡ୍ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓ କାର୍ ମଧ୍ୟରେ ମଙ୍ଗଳବାର ସକାଳ ୯ଟାରେ ଧକ୍କା ହୋଇଥିଲା। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ଗଁଦିଆରୁ ଷଡ଼ଙ୍ଗୀ ଅଭିମୁଖେ ଯାଉଥିବା ପିକ୍‌ଅପ ଭ୍ୟାନ୍ (ନଂ. ଓଡି.୩୩-ଏଡି-୯୯୯୧) ସହିତ ବିପରୀତ ଦିଗରୁ ଆସୁଥିବା କାର୍ (ନଂ. ଓଡି.୩୪-ଏଫ୍-୨୯୮୪) ମୁହାଁମୁହିଁ ଧକ୍କା ହୋଇଥିଲା। କାର୍‌ରେ ଥିବା ଚାଳକଙ୍କୁ ମିଶାଇ ୪ଜଣ କରମୂଳ ଗ୍ରାମର ବ୍ରଜବନ୍ଧୁ ପୋଇ ଏବଂ ସ୍ତ୍ରୀ ଝରଣା ପୋଇ, ଭୁବନ ଥାନା ମୃଦଙ୍ଗା ଗ୍ରାମର ଶାଶୁ ଗୌରୀ ବେହେରା ଏବଂ ଭୁବନ ବେଣ୍ଟଶାଳିଆ ଗ୍ରାମର ଲିଟୁନ ଦାସ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଗୌରୀ ବେହେରାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ୩ଜଣଙ୍କୁ କଟକର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗଁଦିଆ ପୋଲିସ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ନଂ.୨୯୨।୨୫ରେ ଗଁଦିଆ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି।

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत
In assessment, India trusts us
वेबसाईट देखने हेतु स्कैन करें Scan to visit Website

ସିଆର୍‌ପି ସିଏସ୍‌ଏ - XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)

ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।**
ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।
ମୁମ୍ବାଇ
ତାରିଖ: ୦୧.୦୮.୨୦୨୫ ନିର୍ଦ୍ଦେଶକ

# ଗଡ଼ଜାତ ଗାନ୍ଧୀଙ୍କ ଅମ୍ଳାନ ସ୍ମୃତିକୁ ନୂତନ ଭାବେ ଗଢ଼ାଯାଉ


ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ହରେକୃଷ୍ଣପୁର ଗ୍ରାମର ୧୧ନଂ. ୱାର୍ଡବାସୀ।

ଢେଙ୍କାନାଳ,୫।୮ (ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ନାଗିଆପଶି ପଞ୍ଚାୟତର ହରେକୃଷ୍ଣପୁର ଗ୍ରାମରେ ଥିବା ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ଗଡ଼ଜାତ ଗାନ୍ଧୀ ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ଅମ୍ଳାନ ସ୍ମୃତିକୁ ନୂତନ ଭାବେ ଗଢ଼ି ତୋଳିବା ପାଇଁ ଗ୍ରାମର ୧୧ନଂ ୱାର୍ଡବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ୱାର୍ଡବାସୀ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଦାବି କରିଛନ୍ତି। ୱାର୍ଡବାସୀ ଦର୍ଶାଇଛନ୍ତି, ସେମାନେ ଗଡ଼ଜାତ ଗାନ୍ଧୀଙ୍କ ଜମିରେ ଘରଦ୍ୱାର କରି ରହିଛନ୍ତି। ପ୍ରାୟ ୩ ପୁରୁଷ ହେବ ଗଡ଼ଜାତ ଗାନ୍ଧୀଙ୍କ ଜମିରେ ଚାଷବାସ କରି ପରିବାର ପୋଷଣ କରୁଛନ୍ତି। ସାରଙ୍ଗଧର ଟ୍ରଷ୍ଟ ଗଠନର ୨ବର୍ଷ ପୂର୍ବରୁ ଅନ୍ୟାୟ ଅତ୍ୟାଚାର କରାଯାଉଥିଲା। ଗ୍ରାମର କେତେଜଣ ବ୍ୟକ୍ତି ସ୍ୱାର୍ଥ ହାସଲ ପାଇଁ ଦୁର୍ନୀତି କରୁଛନ୍ତି। ଟ୍ରଷ୍ଟର ସମସ୍ତ ସମ୍ପତ୍ତିକୁ ଅନ୍ଧକାରରେ ରଖିବା ପାଇଁ ଆଉ ଏକ ସଙ୍ଗଠନ କରିଛନ୍ତି। ଚଳିତବର୍ଷ ଗଡ଼ଜାତ ଗାନ୍ଧୀଙ୍କ ନିଜ ଗ୍ରାମର ଲୋକମାନେ ଆମ୍ବ ବଗିଚାକୁ ନିଲାମ ଦେଇ ୪୦ ହଜାର ଟଙ୍କା ଗ୍ରହଣ କରି ରସିଦ ମଧ୍ୟ ଦେଇଛନ୍ତି। କିନ୍ତୁ କିଛି ଲୋକ କାଜୁ ବଗିଚାରେ ବେଆଇନ ଭାବେ କାଜୁ ତୋଳି ନେଇଥିବା ଅଭିଯୋଗ ହୋଇଛି। ଟ୍ରଷ୍ଟରେ ଖାଲି ପଡିଥିବା ପଦବୀରେ ବରିଷ୍ଠ ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବେ ଗ୍ରହଣ କରିବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି ବୋଲି ଗ୍ରାମର ସୁଦର୍ଶନ ବେହେରା, ଶୁଭେନ୍ଦୁ ବେହେରା, ସନାତନ ବେହେରା, ସାଗର ବେହେରା ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଦ.ପୂ. ରେଳପଥ - ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ(ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ **www.ireps.gov.in** ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ସମ୍ପୃକ୍ତ ଠିକାଦାରମାନଙ୍କୁ ତାହା କେବଳ ଅନ୍‌ଲାଇନ୍ କରିଆରେ **www.ireps.gov.in** ୱେବ୍‌ସାଇଟ୍‌ରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି। ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। **ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏଚ୍‌ଜି-୨୫-୨୬-ଆରଓ୍ୱାଇ୭୫୦-୧୬, ତାରିଖ: ୦୪।୦୮।୨୦୨୫**। **କାର୍ଯ୍ୟର ନାମ:** ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ରିସେପ୍ସନ୍ ୟାର୍ଡ ଲାଇନଠାରେ ଇଓଜି କୋଚ୍‌ଗୁଡ଼ିକ ପାଇଁ ୭୫୦ଭି ଯୋଗାଣର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ:** ₹୩,୨୯,୯୭,୦୧୫.୭୨ । **ଇଏମ୍‌ଡି/ବିଡ୍ ଅମାନତ:** ₹୩,୧୫,୦୦୦। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ୨୭।୦୮।୨୦୨୫। ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଓ ଅନ୍ୟାନ୍ୟ ବିବରଣୀ **www.ireps.gov.in**ରେ ଦିଆଯାଇଛି। (PR-484)

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Great Place To Work Certified
ENGAGEMENT OF APPRENTICES UNDER THE APPRENTICES ACT, 1961

Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
➤ TRADE APPRENTICES (ITI Passed out) : 440 ➤ TECHNICIAN APPRENTICES (Diploma Passed out) : 271 ➤ GRADUATE APPRENTICES (B.Tech. Passed out) : 105
- AGE CRITERIA: Minimum 18 years and maximum 28 years as on date 31st August, 2025
- STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.
- RESERVATION: As per the guidelines of Govt. of Odisha, shall be followed with applicable age relaxation.
- SELECTION: Selection for engagement of Apprentices for training would be on merit basis, considering their percentage (%) of final marks obtained in the basic prescribed qualifications as applicable to respective branch/trade.
- Last date for applying in the portal: 31st August, 2025.
- REQUIREMENT BEFORE FILLING ON-LINE REGISTRATION
  I. Before applying for above apprentices positions, candidates have to first register themselves in online portals of the following agencies of Govt. of India: (a) For Trade Apprentices: In the link https://apprenticeshipindia.gov.in (b) For Graduate/Technician Apprentices: National Apprenticeship Training Scheme (NATS) in the link https://nats.education.gov.in
  II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.
  III. The candidate must ascertain the correctness of all information before filling in the online registration and its final submission.
  IV. The candidate shall be wholly/exclusively responsible for the information provided in his/her online registration.
  V. After successfully registration/apply online, the candidate must take a print out of the filled-in online application for future reference.
- HOW TO APPLY : A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity than click search by *Establishments Name (SAIL ROURKELA STEEL PLANT)* to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal. B) For Degree/Diploma: Candidates are advised to register as a student online on https://nats.education.gov.in. After registering oneself, one can login into the home page of NATS portal as candidate then go to *Establishments Requests* than click *Find Establishments*. Candidate should select *STEEL AUTHORITY OF INDIA LIMITED, Rourkela Steel Plant, Rourkela* apply in passed out branch of engineering appearing on the portal.
- Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.
- Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/discipline. The vacancies in each apprenticeship trade are indicative and may vary during selection process.
- RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.

Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life

# ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତ୍ତି



ବୈଠକରେ ଯୋଗ ଦେଇଥିବା ଓଡ଼ିଶା ରାଜସ୍ୱ ଅମଲା ସଂଘ ଅନୁଗୋଳ ଶାଖାର କର୍ମକର୍ତ୍ତାମାନେ।

**ଅନୁଗୋଳ,୫।୮ (ଜ୍ୟୋତିରଞ୍ଜନ ସାହୁ)**

ଓଡ଼ିଶା ରାଜସ୍ୱ ଅମଲା ସଂଘ ଅନୁଗୋଳ ଜିଲା ଶାଖା ସଭାପତି ରଜନୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାର ବିଧାୟକମାନଙ୍କୁ ପ୍ରଦାନ କରାଯାଇଛି। ୧୦ ତାରିଖ ସୁଦ୍ଧା ଦାବିଗୁଡିକ ପୂରଣ ନ ହେଲେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୧ ତାରିଖଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ରଜନୀକାନ୍ତ ପ୍ରଧାନ, ଦେବେଶ ମିଶ୍ର ଜଣାଇଛନ୍ତି।

ସଂଘ ପକ୍ଷରୁ କୁହାଯାଇଛି, ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁ ଜିଲାସ୍ତରରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟତଃ ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି ୨୦୧୭ ନିୟମ ଅନୁଯାୟୀ ଲେଭଲ- ୯କୁ ବୃଦ୍ଧି କରାଯାଉ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ଅନୁଯାୟୀ ସମସ୍ତ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ। ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ। ୨୦୨୦ରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ। ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି ଦିଆଯାଉ। ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ।

**୧୧ରୁ ଅନିର୍ଦ୍ଦିଷ୍ଟ କାଳ ଯାଏ କାର୍ଯ୍ୟ ବନ୍ଦ**

# ବେଆଇନ ବାଲି ଚାଲାଣ, ୨ ଟ୍ରାକ୍ଟର ଜବତ

**ଛେଣ୍ଡିପଦା,୫।୮ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଦେଇ ଯାଇଥିବା ୬୩ନଂ. ରାଜ୍ୟ ରାଜପଥର କୁକୁରପେଟା ଗୋପୀନାଥପୁର ଛକରୁ ମଙ୍ଗଳବାର ପୋଲିସ ବେଆଇନ ବାଲି ଚାଲାଣ କରୁଥିବା ୨ ଟ୍ରାକ୍ଟରକୁ ଜବତ କରିଛି। ପୋଲିସ କହିଛି, ୬୩ନଂ ରାଜ୍ୟ ରାଜପଥ ଦେଇ ପ୍ରତ୍ୟେକ ଦିନ ବେଆଇନ ବାଲି ଗାଡ଼ି ଯାତାୟାତ କରୁଥିବା ବେଳେ ଉକ୍ତ ଗାଡ଼ିଗୁଡ଼ିକରୁ ବାଲି ପଡି ଦୁର୍ଘଟଣା ଘଟୁଛି। ଏ ନେଇ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବେଆଇନ ଭାବେ ବାଲି ବୋଝେଇ ହୋଇ ୨ଟି ଟ୍ରାକ୍ଟର କୁକୁରପେଟା ଅଭିମୁଖେ ଯାଉଥିବା ବେଳେ ତାହାକୁ ଅଟକାଇ କାଗଜ ପତ୍ର ଯାଞ୍ଚ କରାଯାଇଥିଲା। ବାଲି ପରିବହନ ନେଇ ଠିକ୍ କାଗଜପତ୍ର ଚାଳକ ଦେଖାଇ ନ ପାରିବାରୁ ପୋଲିସ ଉକ୍ତ ୨ଟି ଟ୍ରାକ୍ଟରକୁ ଜବତ କରିଛି। ଏଥିସହିତ ଟ୍ରାକ୍ଟର ଚାଳକଙ୍କୁ ଅଟକ ରଖି ବାଲି ଚାଲାଣ ସମ୍ପର୍କରେ ତଦନ୍ତ ଚଳାଇଛି।

# ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ



କଣିହାଁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପବିତ୍ରନଗର,୫।୮ (ନିରୋଜ ପ୍ରଧାନ)**

ରାଜ୍ୟରେ ଛାତ୍ରୀ, ମହିଳା ଅସୁରକ୍ଷିତ ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଥିବା ଦର୍ଶାଇ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନୁଗୋଳ ଜିଲା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଆହ୍ୱାନ କ୍ରମେ କଣିହାଁ ବ୍ଲକ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ କଣିହାଁ ବ୍ଲକ ଓ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଲେଜ ଛାତ୍ରୀଛାତ୍ରମାନେ କଣିହାଁ ମେଡିକାଲ ଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କଣିହାଁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଜୁ ଯୁବ ଜନତା ଦଳ ନେତା ଲିପୁନା ଭୁକ୍ତା, ଅନୁଗୋଳ ଜିଲା ବିଜେଡି ଛାତ୍ର ସଭାପତି ରାଜୀବ ସାହୁ, ଜିଲା ଉପସଭାପତି ଅମିତ ଓ କଣିହାଁ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ରେଙ୍ଗାଳି ସ୍ଥିତ ପବିତ୍ର ମୋହନ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ କଣିହାଁ ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଏକ ଶୋଭାଯାତ୍ରା ବାହାରି ରେଙ୍ଗାଳି ଥାନାରେ ପହଞ୍ଚି ଥାନା ଅଧିକାରୀ ଜୟନ୍ତ ମହାନ୍ତିଙ୍କୁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ କୁମାର ପାଲଙ୍କ ଆହ୍ୱାନ କ୍ରମେ ଛାତ୍ର ନେତା ତଥା ରେଙ୍ଗାଳି ସମିତି ସଭ୍ୟ ଦେବାଶିଷ ମହାନ୍ତିଙ୍କ ସଭାପତିତ୍ୱରେ ଏହି ଏହି କାର୍ଯ୍ୟକ୍ରମରେ ଛାତ୍ର ସଭାପତି ସଞ୍ଜୟ ମାଝୀ, ମଣ୍ଟୁ ମହାନ୍ତି, ବିଶ୍ୱଜିତ ଧୀର, ପ୍ରଶାନ୍ତ ପ୍ରଧାନ, ବିକ୍ରମ ପ୍ରଧାନ, ଗଗନ ରାଉତ, ଅଭିମନ୍ୟୁ ପ୍ରଧାନ, ରାଜେଶ ସାହୁ, ଶ୍ରୀକାନ୍ତ ବେହେରା, ସୁବାସ ମହାନ୍ତି, ପ୍ରଜ୍ଞାବୀର ଦାସ, ନନ୍ଦ କିଶୋର ସାହୁ, ପ୍ରଭାତ ଧୀର ପ୍ରମୁଖ ଯୁବ ଛାତ୍ର ନେତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ବିଜେଡି ନେତା ହିମାଚଳ ପଣ୍ଡା, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ପ୍ରଦୀପ ଦାସ, ପ୍ରମୋଦ ସାମଲ, ମାଧବ ସାମଲ, ସୁନୀଲ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଠିକ୍ ଭାବେ ମିଳୁନି ବ୍ୟାଙ୍କ ସେବା

**ବଇଣ୍ଡା, ୫।୮ (ପରିକ୍ଷିତ ସାହୁ)**

**ଜିଲାପାଳଙ୍କ ଠାରେ ଅଭିଯୋଗ**

ଅନୁଗୋଳ ଜିଲା ହଣ୍ଡପା ଥାନା ଜାମୁନାଳି ନିକଟରେ ଥିବା ଏକ ବ୍ୟାଙ୍କରେ ଗ୍ରାହକମାନଙ୍କୁ ଠିକ୍ ଭାବେ ସେବା ଯୋଗାଇ ଦିଆଯାଉ ନାହିଁ। ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ସୋମବାର ମଧୁପୁର ଅଞ୍ଚଳର ଯୁବଗୋଷ୍ଠୀ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଯୁବଗୋଷ୍ଠୀ ଦର୍ଶାଇଛନ୍ତି, ଜାମୁନାଳୀ ଠାରେ ଥିବା ବ୍ୟାଙ୍କ ଉପରେ କିଶୋରନଗରର ୧୫ ଓ ଆଠମଲ୍ଲିକ ବ୍ଲକର ୬ ପଞ୍ଚାୟତବାସୀ ନିର୍ଭରଶୀଳ। ହେଲେ ଉକ୍ତ ବ୍ୟାଙ୍କରେ ବର୍ତ୍ତମାନ ଗ୍ରାହକମାନଙ୍କୁ ଠିକ୍ ଭାବେ ସେବା ଯୋଗାଇ ଦିଆ ଯାଉନାହିଁ। ବିଶେଷକରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମିକମାନଙ୍କ ଆକାଉଣ୍ଟକୁ ଆସୁଥିବା ମଜୁରି ଟଙ୍କା ପାସ୍‌ବୁକକୁ ପ୍ରିଣ୍ଟ ପାଇଁ ନେଲେ ତାହା ଫେରାଇ ଦିଆଯାଉଛି। ସେହିପରି ଟଙ୍କା ଉଠାଣରେ ଅସୁବିଧା ସୃଷ୍ଟି କରାଯାଉଛି। ଅନେକ ବୃଦ୍ଧାବୃଦ୍ଧ ଭତ୍ତାଟଙ୍କା ଉଠାଇବା ପାଇଁ ଯାଉଥିଲେ ମଧ୍ୟ ସେମାନଙ୍କ ଅସୁବିଧା ଦୂର କରାଯାଉ ନାହିଁ। ଏପରିକି କେତେଜଣ କର୍ମଚାରୀ ଗ୍ରାହକମାନଙ୍କୁ ଭଲ ବ୍ୟବହାର ଦେଖାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଜଳଭଣ୍ଡାର ନିର୍ମାଣ, ଚାରାରୋପଣ ନିମନ୍ତେ ଦାବିପତ୍ର

**ତାଳଚେର,୫।୮ (ମନୋଜ ନନ୍ଦ)**

- ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନାହିଁ
- ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କ ନିକଟରେ ଅଭିଯୋଗ କଲେ ପୂର୍ବତନ ବିଧାୟକ

ରାଜ୍ୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶକୁ ଅନୁଗୋଳ ଜିଲା ପ୍ରଶାସନ କାର୍ଯ୍ୟକାରୀ କରୁନାହିଁ। ଏପରି କି ଅନୁଗୋଳ ଜିଲାର ତାଳଚେର ଓ ଛେଣ୍ଡିପଦା ବ୍ଲକର ପ୍ରତ୍ୟେକ ଗ୍ରାମରେ ଜଳଭଣ୍ଡାର ନିର୍ମାଣ ସହ ଚାରାରୋପଣ ନିମନ୍ତେ କମିଶନଙ୍କ ନିର୍ଦ୍ଦେଶନାମାର ୨୭ ମାସ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରି ନ ଥିବା ପୂର୍ବତନ ବିଧାୟକ ତଥା ବ୍ରାହ୍ମଣୀ ଅଞ୍ଚଳ ସୁରକ୍ଷା ପରିଷଦର ସଭାପତି ବିଭୁଧେନ୍ଦ୍ର ପ୍ରତାପ ଦାସ ଅଭିଯୋଗ କରିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଶାଶ୍ୱତ ମିଶ୍ର(ଆଇଏଏସ୍)ଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ନିବେଦନ କରିଛନ୍ତି।

ପୂର୍ବତନ ବିଧାୟକ ଦାସ ଉଲ୍ଲେଖ କରିଛନ୍ତି, ତାଳଚେର ଓ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଖଣିଖନନ ଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଇ ନଳକୂପ ଓ ଖୋଲାକୂପଗୁଡ଼ିକରେ ଜଳାଭାବ ସୃଷ୍ଟି ହୋଇଛି। ଏହାସହିତ ବାୟୁମଣ୍ଡଳ ମଧ୍ୟ ପ୍ରଦୂଷିତ ହୋଇଚାଲିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସର୍ଭେରେ ଉକ୍ତ ୨ଟି ଅଞ୍ଚଳ ସାଂଘାତିକ ଭାବେ ପ୍ରଦୂଷିତ ବୋଲି ଜଣାଇଛନ୍ତି। ଏହାର ପ୍ରତିକାର ନିମନ୍ତେ ସେ ଓଡ଼ିଶା ମାନବ ଅଧିକାର କମିଶନଙ୍କ କୋର୍ଟରେ ନଂ. ୧୮୧୬/୨୦୧୫ରେ ମୋକଦ୍ଦମା ଦାଏର କରିଥିଲେ। ଉକ୍ତ ଦୁଇ ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ଏମ୍‌ସିଏଲ୍ ଓ ନାଲ୍‌କୋ ପକ୍ଷରୁ ସିଏସ୍‌ଆର୍ ପାଣ୍ଠିରୁ ଜଳଭଣ୍ଡାର ନିର୍ମାଣ ସହ ଚାରା ରୋପଣ ନିମନ୍ତେ ଏଥିରେ ଆବେଦନ କରିଥିଲେ। କୋର୍ଟ ଏହାର ବିଚାର କରି ୨୧ ମାର୍ଚ୍ଚ ୨୦୨୩ରେ ପ୍ରତ୍ୟେକ ଗ୍ରାମରେ ଜଳଭଣ୍ଡାର ନିର୍ମାଣ ସହ ଚାରାରୋପଣ ନିମନ୍ତେ ଅନୁଗୋଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏମ୍‌ସିଏଲ୍ ଓ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ସଦସ୍ୟ ଭାବେ ରଖି ଏହା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶରେ କହିଥିଲେ। ହେଲେ ଏଯାଏ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବା ପୂର୍ବତନ ବିଧାୟକ ଦାସ ଦାବିପତ୍ରରେ ଉଲ୍ଲେଖ କରିବା ସହ ଏ ଦିଗରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ମୁଖ୍ୟମନ୍ତ୍ରୀଙ୍କ ସଚିବ ମିଶ୍ରଙ୍କୁ ପତ୍ର ଜରିଆରେ ଅନୁରୋଧ ଜଣାଇଛନ୍ତି।

# ବୃତ୍ତିଗତ ପରାମର୍ଶ ଶିବିର



ବୃତ୍ତିଗତ ପରାମର୍ଶଦାତା ଶିବିରରେ ଅତିଥିଙ୍କ ସହ ଅନ୍ୟମାନେ।

**ତାଳଚେର,୫।୮ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବଡ଼ଯୋରଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବୃତ୍ତିଗତ ପରାମର୍ଶଦାତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଗୌର ଚନ୍ଦ୍ର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ସମୀର କୁମାର ଜେନା ଯୋଗ ଦେଇ ସଫଳ ବ୍ୟକ୍ତି ଜୀବନର ପ୍ରମୁଖ ପରିଚୟ ହେଉଛି ତାର ଶିକ୍ଷା। ଠିକ୍ ପରିଶ୍ରମ, ଆତ୍ମଚେଷ୍ଟା ଓ ଲକ୍ଷ୍ୟକୁ ବଜାୟ ରଖିବାକୁ ହେଲେ ପରିଶ୍ରମ କରିବାକୁ ହେବ। ଛାତ୍ର ଜୀବନରେ ୮ମଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଅଧିକ ପରିଶ୍ରମ କରିବାକୁ ହୋଇଥାଏ ବୋଲି ପରାମର୍ଶ ଦେଇଥିଲେ। ସମ୍ପାଦକ ଗଗନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ଜବାହରଲାଲ ପ୍ରଧାନ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ପଦ୍ମିନି ପ୍ରଧାନ, ବବିତା ବିଶ୍ୱାଳ, ସୁଶାନ୍ତ ବେହେରା ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ସ୍ଥାନୀୟ ଦେଉଳବେଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆୟୋଜିତ ୧ମ ଅନୁଗୋଳ ଜିଲା ଯୋଗାସନ ପ୍ରତିଯୋଗିତାର ୩ ଜଣ କୃତୀ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ଭାଗସ୍ତରୀୟ ଶୈକ୍ଷିକ ପ୍ରମୁଖ କାର୍ଯ୍ୟଶାଳା

**ବଇଣ୍ଡା, ୫।୮ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ୩ ଦିନ ଧରି ଶିକ୍ଷା ବିକାଶ ସମିତି ଓଡ଼ିଶା ମଧ୍ୟ ସମ୍ଭାଗର ସମ୍ଭାଗସ୍ତରୀୟ ଶୈକ୍ଷିକ ପ୍ରମୁଖ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟଶାଳାରେ ଅନୁଗୋଳ ଓ ଢେଙ୍କାନାଳ ଜିଲାର ପ୍ରାୟ ୭୬ଟି ବିଦ୍ୟାଳୟରୁ ୧୧୫ ଜଣ ଶୈକ୍ଷିକ ପ୍ରମୁଖ ଆଚାର୍ଯ୍ୟା ଆଚାର୍ଯ୍ୟ ଯୋଗ ଦେଇଥିଲେ। ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ କୁମାର ନାୟକ, ମଧ୍ୟସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ, ଅନୁଗୋଳ ଜିଲା ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ନୂତନ ଶିକ୍ଷାନୀତି ମାଧ୍ୟମରେ ଶ୍ରେଣୀ କାର୍ଯ୍ୟ ପରିଚାଳନା ପାଇଁ ସୁଶାନ୍ତ କୁମାର ତ୍ରିପାଠୀ, କୀର୍ତ୍ତିମୟୀ ଦାସ, ସ୍ମୃତିଲିପା ମିଶ୍ର ବିଭିନ୍ନ କାଳାଂଶ ନେଇ ଗୁରୁମା ଗୁରୁଜୀଙ୍କ ଆଶଙ୍କା ଦୂର କରିଥିଲେ। କାର୍ଯ୍ୟଶାଳାରେ ବଇଣ୍ଡା ସଙ୍କୁଳ ପ୍ରମୁଖ ରଜତ ବିଶ୍ୱାଳ, ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଓ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନ, ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନ ଉପସ୍ଥିତ ଥିଲେ।

# ବିଦ୍ୟାଳୟକୁ ଆସବାବପତ୍ର ପ୍ରଦାନ

**ପାଲଲହଡା,୫।୮ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଗୁରୁସୁଲେଇ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସୋମବାର ଆଇଡିବିଆଇ ବ୍ୟାଙ୍କ ଖେମଲା ଶାଖା ପକ୍ଷରୁ ଆସବାବପତ୍ର ଏବଂ ଅନ୍ୟାନ୍ୟ ଉପକରଣ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, କରଡ଼ାପାଳ ପଞ୍ଚାୟତସ୍ଥିତ ଗୁରୁଜାଙ୍ଗ ଗ୍ରାମରେ ଥିବା ଗୁରୁସୁଲେଇ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆଇଡିବିଆଇ ବ୍ୟାଙ୍କ ଖେମଲା ଶାଖା ପକ୍ଷରୁ ୪୫ ଟି ଚେୟାର ଏବଂ ୨ ଟି ଆଲମିରା ପ୍ରଦାନ କରାଯାଇଥିଲା। ଏଥିପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବ୍ୟାଙ୍କ ଶାଖା ପରିଚାଳକ ପ୍ରୀତି ରଞ୍ଜନ ସେଠୀ ଏବଂ ଦେବଗଡ଼ ଜିଲା ବ୍ୟାଙ୍କ ଶାଖା ପରିଚାଳକ ଶକ୍ତି ପ୍ରସାଦ ମହାନ୍ତି ଯୋଗଦେଇ ଉକ୍ତ ଉପକରଣଗୁଡିକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଶୁଣ୍ଢୀଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଳନ୍ଦୀ ଚରଣ ବିଶ୍ୱାଳ, ପ୍ରଦୀପ କୁମାର ଗଡ଼ନାୟକ ଏବଂ ପ୍ରମୋଦ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଗୁରୁଶୁଲେଇ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆଇଡିବିଆଇ ବ୍ୟାଙ୍କ ଖେମଲା ଶାଖା ପକ୍ଷରୁ ଆସବାବପତ୍ର ପ୍ରଦାନ କରାଯାଉଛି।

# ମଦ ଜବତ, ଜଣେ ଗିରଫ

**ଛେଣ୍ଡିପଦା,୫।୮ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବାଗଡିଆ ଥାନା ଅନ୍ତର୍ଗତ କଣଲୋଇ ଗ୍ରାମରେ ପୋଲିସ ମଙ୍ଗଳବାର ଚଢ଼ାଉ କରି ୩୦ ଲିଟର ମହୁଲି ମଦ ଜବତ କରିବା ସହିତ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଣଲୋଇ ଗ୍ରାମର ଜିତେନ୍ଦ୍ରୀୟ ସାହୁ। ପୋଲିସ କହିଛି, ବାଗଡ଼ିଆ ଥାନା ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ କଣଲୋଇ ଗ୍ରାମର ଜିତେନ୍ଦ୍ରୀୟଙ୍କ ଘରେ ଦେଶୀମଦ ଥିବାନେଇ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଚଢ଼ାଉ କରାଯାଇ ୩୦ ଲିଟର ମଦ ଜବତ କରାଯାଇଥିଲା। ଜିତେନ୍ଦ୍ରୀୟଙ୍କୁ ଅଟକ ରଖାଯାଇଥିଲା। ଏ ସଂକ୍ରାନ୍ତରେ ବାଗଡିଆ ଥାନାରେ ନଂ. ୧୫୩/୨୫ରେ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ପରେ ଜିତେନ୍ଦ୍ରୀୟଙ୍କୁ ବେଆଇନ ମଦ ବିକ୍ରି ଅଭିଯୋଗରେ ଗିରଫ କରାଯାଇଥିଲା।

# ମୃତ ପରିବାରକୁ ସହାୟତା ପ୍ରଦାନ

**ବଇଣ୍ଡା, ୫।୮ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁହାସିଂହା ଗ୍ରାମର ସାନୁ ପ୍ରଧାନ, ମନୁ ପ୍ରଧାନଙ୍କ କାନ୍ଥ ତଳେ ଚାପି ହୋଇ କିଛି ଦିନ ତଳେ ମୃତ୍ୟୁ ହୋଇଥିଲା। ଏହି ଖବରପାଇ ବିନିକେୟୀ ବଜରଙ୍ଗୀ ଦଳ ପକ୍ଷରୁ ମଙ୍ଗଳବାର ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସଂଘର ଶ୍ରୀବତ୍ସ ପ୍ରଧାନ, କେଶବ ପ୍ରଧାନ, ଜ୍ଞାନ ରଞ୍ଜନ ଜେନା, ଛବି ନାରାୟଣ ସେଠ, ବଳଭଦ୍ର ସାହୁ, ପ୍ରକାଶ ସାହୁ, ଅନିଲ ପ୍ରଧାନ, ସୁଗ୍ରୀବ ପ୍ରଧାନଙ୍କ ସମେତ ସଂଘର କର୍ମକର୍ତ୍ତାମାନେ ଯାଇ ସହାୟତା ଯୋଗାଇ ଦେଇଥିଲେ।

# ମରଣାନ୍ତକ ଆକ୍ରମଣ ଅଭିଯୋଗ, ୪ ଗିରଫ

**ଛେଣ୍ଡିପଦା,୫।୮ (ଅଜିତ ଧଳ)**

ଜଣେ ଯୁବକଙ୍କୁ କଟୁରିରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଅନୁଗୋଳ ଜିଲା ଜରପଡ଼ା ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢୁକୁଡ଼ା ଧୋବାନାଳୀ ଗ୍ରାମର ପ୍ରଭାତ ମାହାର, ବିଜୟ ମାହାର, ଚଗଲା ମାହାର ଓ ଶରତ ମାହାର। ପୋଲିସ କହିଛି, ଢୁକୁଡା ଧୋବାନାଳୀ ମାହାରସାହିରେ ୧୮ନଭେମ୍ବର ୨୦୨୪ରେ ଗୁରୁବାରୀ ମାହାରଙ୍କ ଘରେ ପଶି ତାଙ୍କ ପୁଅ ଦୁର୍ଲଭ ମାହାରଙ୍କୁ ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହିତ କଟୁରିରେ ଆକ୍ରମଣ କରିଥିଲେ। ଏ ନେଇ ଦୁର୍ଲଭଙ୍କ ମା' ଗୁରୁବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୬୫/୨୪ରେ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଶରତ, ବିଜୟ, ପ୍ରଭାତ ଓ ଚଗଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମା'ଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୫।୮ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଥାନା ବାମୁର ଅଞ୍ଚଳର ବାସନ୍ତୀ ପ୍ରଧାନଙ୍କୁ ତାଙ୍କ ଝିଅ ଦୀପ୍ତିମୟୀ ପ୍ରଧାନ ଓ ପୁଅ ପ୍ରଦୀପ ପ୍ରଧାନ ମାଡ଼ ମାରୁଥିବା ବାସନ୍ତୀ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଜମିବାଡ଼ି ସମସ୍ୟାକୁ ନେଇ ଅନେକ ସମୟରେ ଝିଅ ଓ ପୁଅ ବାସନ୍ତୀଙ୍କୁ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ପାଲଲହଡ଼ା,୫।୮ (ଦିବ୍ୟଜ୍ୟୋତି ଦାଶ)**

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ତଥା ନାରୀ ଓ ଛାତ୍ରୀ ଅସୁରକ୍ଷିତ ଅଭିଯୋଗ କରି ବିଜୁ ଯୁବ ଛାତ୍ର ଜନତା ଦଳ ଓ କଲେଜ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ମଙ୍ଗଳବାର ପାଲଲହଡାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶତାଧିକ ଛାତ୍ରୀଛାତ୍ର ପାଲଲହଡ଼ା ସଦରମହକୁମାସ୍ଥିତ ପଞ୍ଚାୟତ ଭବନଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମୁକେଶ କୁମାର ପାଲ ଉପସ୍ଥିତ ରହି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଭିତରେ ମହିଳା, ଛାତ୍ରୀ ସୁରକ୍ଷିତ ନୁହନ୍ତି ବୋଲି ଅଭିଯୋଗ କରିଥିଲେ। ରାଜ୍ୟରେ ନାରୀ, ଛାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଦାବି କରାଯାଇଥିଲା। ବ୍ଲକ ବିଜେଡି ଛାତ୍ର ସଭାପତି ସବ୍ୟସାଚୀ କପରଦାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ନରେନ୍ଦ୍ର ଭୁକ୍ତା, ଗିରିଧାରୀ ବେହେରାଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଓ ବିଜୁ ଛାତ୍ର ଜନତା ଦଳର ନେତା ଓ କର୍ମୀ ସାମିଲ ହୋଇଥିଲେ।



ପାଲଲହଡ଼ା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଶିକ୍ଷକ ପଦବୀ ପୂରଣ ଦାବିରେ ଆନ୍ଦୋଳନ

**୫ ଜଣଙ୍କ ସ୍ଥାନରେ ଅଛନ୍ତି ୨ ଜଣ**

**ବନ୍ତଲା,୫।୮ (ସୁଶିତ ସାହୁ)**

ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ଜିଲା ଶିକ୍ଷା ଅଧିକାରୀ ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ମଙ୍ଗଳବାର ଅନୁଗୋଳ ବ୍ଲକ ପୋକତୁଙ୍ଗା ପଞ୍ଚାୟତ ପୋକତୁଙ୍ଗା ନୋଡାଲ ଉଚ୍ଚବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅଭିଭାବକମାନେ ମିଳିତ ଭାବେ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, ପୋକତୁଙ୍ଗା ନୋଡାଲ ଉଚ୍ଚବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୧୭ ଛାତ୍ରୀଛାତ୍ର ପଢୁଛନ୍ତି। ନବମ ଓ ଦଶମ ଶ୍ରେଣୀରେ ୧୫୮ ଛାତ୍ରୀଛାତ୍ର ରହିଛନ୍ତି। ନିୟମ ଅନୁଯାୟୀ ଏହି ୩ ଶ୍ରେଣୀ ପାଇଁ ବିଦ୍ୟାଳୟରେ ୫ଜଣ ଶିକ୍ଷକ ରହିବା କଥା। ହେଲେ ବର୍ତ୍ତମାନ ମାତ୍ର ୨ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପ୍ରାୟ ଏକ ବର୍ଷ ହେବ ହିନ୍ଦୀ ଶିକ୍ଷକ ନାହାନ୍ତି। ଫଳରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପାଇଁ ନିଯୁକ୍ତ ଶିକ୍ଷକମାନେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପଢ଼ାଉଛନ୍ତି। ଏହାଦ୍ୱାରା ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ପ୍ରାୟ ୨ଘଣ୍ଟା ଧାରଣାରେ ବସିବା ପରେ ଜିଲା ସହ ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ଓ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ। ଆଗାମୀ ୩ ଦିନ ଭିତରେ ସ୍ଥାୟୀ ହିନ୍ଦୀ ଶିକ୍ଷକ ଓ ୭ଦିନ ମଧ୍ୟରେ ଅନ୍ୟ ୨ଜଣ ଏଲିମେଣ୍ଟାରି ଶିକ୍ଷକ ପଦବୀ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ କୁମାର ସାହୁ କହିଛନ୍ତି, ବାରମ୍ବାର ଅଭିଯୋଗ କରିଆସୁଛୁ। ହେଲେ ସୁଫଳ ମିଳିନାହିଁ। ପୂର୍ବରୁ ଅନେକ ପ୍ରତିଶ୍ରୁତି ମିଳିଛି। ଯଦି ନିର୍ଦ୍ଧାରିତ ସମୟରେ ଶିକ୍ଷକ ପଦବୀ ପୂରଣ କରା ନ ଯାଏ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ।


ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆନ୍ଦୋଳନ କରୁଛନ୍ତି।

# ଭିନ୍ନକ୍ଷମ ଚିହ୍ନଟୀକରଣ, ସହାୟକ ଉପକରଣ ବଣ୍ଟନ

ଢେଙ୍କାନାଳ,୫।୮ (ରତନ ନାୟାର)

ଢେଙ୍କାନାଳ ଜିଲା ସମଗ୍ର ଶିକ୍ଷା ସଦର ବ୍ଲକ ଆନୁକୂଲ୍ୟରେ ଏକ ଭିନ୍ନକ୍ଷମ ଛାତ୍ରାଛାତ୍ରୀ ଚିହ୍ନଟୀକରଣ ଓ ସହାୟକ ଉପକରଣ ବଣ୍ଟନ ଶିବିର ବ୍ରଜନାଥ ବଡ଼ଜେନା ହାଇସ୍କୁଲଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଆରସିସି ଦେବବ୍ରତ ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଶିକ୍ଷା ଅଧିକାରୀ ଦିବ୍ୟ ପ୍ରକାଶ ପ୍ରଧାନ ଓ ପୂର୍ବତନ ବିଜ୍ଞାନ ଶିକ୍ଷକ ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଜିଲା ଅନ୍ତର୍ଭୁକ୍ତିକରଣ ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ଅଡିଓଲୋଜିଷ୍ଟ, ଭୌତିକ ଚିକିତ୍ସକ, ମନସ୍ତତ୍ତ୍ୱବିତ୍, ସାଇକ୍ରୋ ସେଭର, ଚକ୍ଷୁବିଶେଷଜ୍ଞ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମତା ଚିହ୍ନଟ କରିଥିଲେ। ଶିବିରରେ ମୋଟ ୧୩୪ ଜଣ ଭିନ୍ନକ୍ଷମ ଛାତ୍ରାଛାତ୍ର ଯୋଗ ଦେଇଥିଲେ। ୧୦ ଜଣ ବଧିର ଛାତ୍ରାଛାତ୍ରୀଙ୍କୁ ଶ୍ରବଣ ଯନ୍ତ୍ର, ୯ ଜଣଙ୍କୁ ହୁଇଲ ଚେୟାର, ଜଣଙ୍କୁ ଟ୍ରାଇ ସାଇକେଲ, ୧୭ ଜଣଙ୍କୁ ଶିକ୍ଷଣ ସାମଗ୍ରୀ କିଟ୍, ୫ଜଣଙ୍କୁ ସିପି ଚେୟାର ଓ ୨ଜଣଙ୍କୁ ଆଶାବାଡି ଏଏଲଆଇଏମସିଓ ସଂସ୍ଥା ତରଫରୁ ବିତରଣ କରାଯାଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ଇତିଶ୍ରୀ ମହାନ୍ତି, ବୀଣାପାଣି ସେନାପତି, ଅର୍ଚ୍ଚନାଦେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଓ ସିଆରସିସିମାନେ ସହଯୋଗ କରିଥିଲେ।


ଭିନ୍ନକ୍ଷମ ଛାତ୍ରାଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଉଛି।

# ଦୁର୍ଘଟଣାରେ ମହିଳା ମୃତ

ରାସୋଳ,୫।୮ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା କାରାଦା ରାଧାଘର ଛକ ନିକଟରେ ମଙ୍ଗଳବାର ଏକ ଗାଡ଼ି ଧକ୍କାରେ ଗୀତାଞ୍ଜଳି ବେହେରା(୪୨)ଙ୍କ ମୃତ୍ୟୁ ଘଟିଛି। ମୋଟଙ୍ଗା ଥାନା ଆଉସାନ୍ତରାକାଟେଣି ଗ୍ରାମର ଗୀତାଞ୍ଜଳି ପୁଅ ଓ ପୁତୁରାଙ୍କ ସହିତ କାରାଦାସ୍ଥିତ ସମ୍ପର୍କୀୟଙ୍କ ଘରୁ ଏକ ସ୍କୁଟିରେ ଫେରୁଥିବା ବେଳେ କାରାଦା ରାଧାଘର ଛକ ନିକଟରେ ଏକ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଗୀତାଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା। ପୁଅ ଓ ପୁତୁରା ଆହତ ହୋଇଥିଲେ। ରାସୋଳ ପୋଲିସ ମୃତଦେହ ଜବତ କରି ହିନ୍ଦୋଳ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ନଂ. ୨୨୬/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ସାପ କାମୁଡ଼ା ଓ ବଜ୍ରପାତ ସଚେତନତା ଶିବିର


ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

ଢେଙ୍କାନାଳ,୫।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଗଣ୍ଡିଆ ବ୍ଲକ ଛୋଟତେଣ୍ଡୁଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ କୈଳାଶ ଚନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ପ୍ରିୟ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସାପ କାମୁଡ଼ା ଓ ବଜ୍ରପାତରୁ ଜୀବନ ରକ୍ଷା ନିମନ୍ତେ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସେହିପରି ବେଗା ଓ ନେହେଜ଼ୋରା ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ହରିହର ଦଳେଇ, ଅଙ୍ଗନୱାଡ଼ି ଓ ଆଶା କର୍ମୀମାନେ ଉପସ୍ଥିତ ରହି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରିୟ ଅନୁଷ୍ଠାନର ନିର୍ଦ୍ଦେଶକ ଚନ୍ଦ୍ରଧର ବାରିକ ପ୍ରଚାର ପତ୍ର ମାଧ୍ୟମରେ ସାପ କାମୁଡ଼ା ଓ ବଜ୍ରାଘାତରୁ ଜୀବନ ରକ୍ଷା ପାଇଁ ଉପାୟ ଏବଂ କୌଶଳ ସମ୍ପର୍କରେ ବୁଝାଇଥିଲେ। ଇଲାନପ୍ରଭା ସେନାପତି, ଅନସୂର୍ଯ୍ୟା ଧଳ, ସୋନାଲି ଧଳ, ସୌଭାଗ୍ୟଲକ୍ଷ୍ମୀ ତରାଇ, ସ୍ୱାଗତିକା ରାଉତ ଓ ଲକ୍ଷ୍ମୀପ୍ରିୟା ନାୟକ ସହଯୋଗ କରିଥିଲେ।

# କାଦୁଆ ଗ୍ରାମରେ ହାତୀପଲଙ୍କ ଭଙ୍ଗାରୁଜା


ଭାଙ୍ଗି ଯାଇଥିବା ପାଚେରି।

ଢେଙ୍କାନାଳ,୫।୮ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ପଞ୍ଚାୟତର କାଦୁଆ ଗ୍ରାମରେ ହାତୀପଲ ପଶି କିଛିଦିନ ହେଲା ବ୍ୟାପକ ଭଙ୍ଗାରୁଜା କରିଛନ୍ତି। କାଦୁଆ ଗ୍ରାମସ୍ଥିତ ମହିମା ଆଶ୍ରମ ସାମ୍ନା ଓ ପଛ ପ୍ରାଚିର ଏବଂ ଗଜଗୁଡ଼ ପ୍ରବେଶ ଦ୍ୱାରକୁ ହାତୀମାନେ ଭାଙ୍ଗି ଦେଇଛନ୍ତି। ଏକାକୀନ ୪/୫ଟି ଜାଗାରେ ପ୍ରାଚିର ଭଙ୍ଗାଯାଇଥିବାବେଳେ ସନ୍ନିକଟ ପ୍ରାଥମିକ ବିଦ୍ୟାଳୟ ପ୍ରାଚିର ଓ ପ୍ରବେଶ ଦ୍ୱାରକୁ ମଧ୍ୟ ହାତୀ ଭାଙ୍ଗି ଦେଇଛନ୍ତି। ବନବିଭାଗ ତରଫରୁ ସହ ଏହାର ମାପଚୁପ କରି ଅବିଳମ୍ବେ କ୍ଷତିପୂରଣ ପ୍ରଦାନ କରିବାକୁ କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା, କରୁଣାକର ବାବା, ମହିମା ଜ୍ୟୋତିପତ୍ରର ସଂଯୋଜକ ପ୍ରଦ୍ୟୁମ୍ନ ରଥ ଓ ଆବାହକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

# ଚାରାରୋପଣ କରି ସବୁଜିମା କରିବାକୁ ଶପଥ

ପରଜଙ୍ଗ,୫।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ରେଣ୍ଡାପାଟ ପଞ୍ଚାୟତ ପାଣି ଗେଙ୍ଗୁଟିଆ ହନୁମାନ ମନ୍ଦିର କମିଟି ପକ୍ଷରୁ ସୋମବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଣି ଗେଙ୍ଗୁଟିଆସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣ ନିକଟ ବ୍ରାହ୍ମଣୀ ନଦୀ କୂଳରେ ୧୫୦ରୁ ଊର୍ଦ୍ଧ୍ୱ ଚାରା ଲଗାଯାଇଛି। ମୁଖ୍ୟ ଅତିଥି ଭାବେ ଯାତ୍ରା ଜଗତର ଖଳନାୟକ ଦେବିଦାସ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ମହାବିରୋଡ୍ ରେଞ୍ଜର ହରିଶ କିଷାନ ଯୋଗଦେଇଥିଲେ। କୋଣାର୍କ ଗଣନାଟ୍ୟର ବିଶିଷ୍ଟ ଅଭିନେତା ମଧୁ ଉକ୍ତ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସ୍ଥାନୀୟ ଯୁବ ସାମାଜିକ କର୍ମୀ ଆଶିଷ ପଣ୍ଡା ଓ ସମାଜସେବୀ ରମେଶ ମାଟିଆ ମିଶ୍ର, ହନୁମାନ ମନ୍ଦିର କମିଟିର ବିଭିନ୍ନ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଦେବିଦାସଙ୍କ ସହ ରେଞ୍ଜର କିଷାନ ଗଛର ଉପକାରିତା ବୁଝାଇଥିଲେ। ଗ୍ରାମବାସୀ ସମସ୍ତ ଚାରା ବଞ୍ଚାଇବା ସହ ଆହୁରି ଚାରା ଲଗାଇ ଗାଁକୁ ସବୁଜିମା କରିବେ ବୋଲି ଶପଥ ନେଇଥିଲେ।


ବ୍ରାହ୍ମଣୀ ନଦୀ କୂଳରେ ଚାରା ରୋପଣ କରାଯାଉଛି।

# ପକେଟରେ ଥିବା ବୋମା ଫୁଟି ଯୁବକ ଗୁରୁତର

ପବିତ୍ରନଗର,୫।୮ (ନିରୋଜ ପ୍ରଧାନ)

ବାରହା ଶିକାର ପାଇଁ ପକେଟରେ ବୋମା ନେଇ ଯାଉଥିବା ବେଳେ ତାହା ଫାଟି ଯିବାରୁ ଅନୁଗୋଳ ଜିଲା ସମଲ ଥାନା ସମଲ ଗ୍ରାମର ହଗୁରୁ ସାମଲ (୨୭) ସୋମବାର ଗୁରୁତର ହୋଇଛନ୍ତି। ଅତ୍ୟଧିକ ମଦ୍ୟପାନ ଯୋଗୁ ଭାରସାମ୍ୟ ହରାଇ ସେ ଖସି ପଡିବାରୁ ପକେଟରେ ଥିବା ବୋମା ଫାଟିଯାଇଥିଲା। ଖବରପାଇ ସମଲ ପୋଲିସ ପହଞ୍ଚି ଗୁରୁତର ହଗୁରୁଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ଝୁଲଣପର୍ବ

ଢେଙ୍କାନାଳ,୫।୮ (ରତନ ନାୟାର)

ଢେଙ୍କାନାଳ କୈଳିକ୍ୟ ବଜାରସ୍ଥିତ ଶ୍ରୀଶ୍ରୀ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ସୋମବାର ଠାରୁ ଝୁଲଣପର୍ବ ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ଆଳତୀ ପରେ ମଦନ ମୋହନଙ୍କୁ ଝୁଲଣ ମଣ୍ଡପକୁ ନିଆଯାଉଥାଏ। ସେଠାରେ ବିଭିନ୍ନ ପ୍ରକାର ଭୋଗ ଲାଗି କରାଯାଇ ପୂଜାର୍ଚ୍ଚନା କରାଯାଉଥାଏ। ରାଖୀ ପୂର୍ଣ୍ଣମୀ ପୂଜାର୍ଚ୍ଚନା କରାଯିବା ପରେ ୧୦ ତାରିଖରେ ଝୁଲଣପର୍ବ ଉଦ୍‌ଯାପିତ ହେବ। ପୂଜକ ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶ୍ରୀଜଗନ୍ନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଝୁଲଣପର୍ବ ଅନୁଷ୍ଠିତ ହେଉଛି।

# ୨୧ ବୋମା ଜବତ, ଜଣେ ଗିରଫ

ପରଜଙ୍ଗ,୫।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ରଙ୍ଗଥାଳି ଗ୍ରାମର ଜିତେନ୍ଦ୍ର କୁମାର ବର୍ମା(୩୧)ଙ୍କ ଘରୁ ୨୧ଟି ବୋମା ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ପରଜଙ୍ଗ ପୋଲିସର ଏକ ଟିମ୍ ମଙ୍ଗଳବାର ଅପରାହ୍ନରେ ଜିତେନ୍ଦ୍ରଙ୍କ ଘରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ଜିତେନ୍ଦ୍ରଙ୍କ ଠାକୁର ଘରେ ବାରହା ଶିକାର ପାଇଁ ଉଦ୍ଦିଷ୍ଟ ୨୧ଟି ବୋମା ଏବଂ ଏହାକୁ ତିଆରି କରିବା ନିମନ୍ତେ ବ୍ୟବହୃତ ୧୨ଶହ ଗ୍ରାମ ବାରୁଦ ଜବତ କରାଯାଇଥିଲା। ବେଆଇନ ସାମଗ୍ରୀ ରଖିବା ଅଭିଯୋଗରେ ଜିତେନ୍ଦ୍ରଙ୍କୁ ଗିରଫ କରାଯାଇଥିବାବେଳେ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଏ ସମ୍ପର୍କରେ ପରଜଙ୍ଗ ଥାନାରେ ନଂ. ୩୧୭/୨୫ରେ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉ ବେଳେ ପରଜଙ୍ଗ ଥାନା ଅଧିକାରୀ ଧୀରେନ କୁମାର ବେହେରା, ଦଦରାଘାଟି ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ, ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ସୁଶ୍ରୀ ଅନାମିକା, ଏଏସ୍‌ଆଇ ଯୁଗଳ ପ୍ରଧାନ, ଜଳଧର ବାରିକ ଓ ପୋଲିସ ଫୋର୍ସ ସାମିଲ ଥିଲେ।


ଜବତ ହୋଇଥିବା ବୋମା।

# ମୁକୁଳା ଡ୍ରେନ୍‌କୁ ନେଇ ବ୍ୟବସାୟୀ ସଂଘର ଅସନ୍ତୋଷ

ପରଜଙ୍ଗ,୫।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପରଜଙ୍ଗ ମୁଖ୍ୟ ବଜାରରେ ଡ୍ରେନ୍‌ଗୁଡ଼ିକ ମୁକୁଳା ଥିବା ଓ ପାଣି ନିଷ୍କାସନ ହୋଇପାରୁ ନ ଥିବା ପରଜଙ୍ଗ ବ୍ୟବସାୟୀ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ପରଜଙ୍ଗ ବାରିହାପୁର ବାଇପାସ୍ ରୋଡ୍‌ଠାରୁ ପରଜଙ୍ଗ ବଜାର ଦେଇ ହାତୀ ଲୁଡାଣି ବାଇପାସ୍ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ୨ ବର୍ଷ ଧରି ନିର୍ମାଣ ହେଉଥିଲେ ହେଁ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୋକାନୀମାନେ ବାରମ୍ବାର ଏ ବିଷୟରେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଠିକାଦାରଙ୍କ ମନମୁଖୀ ଓ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ବିଭିନ୍ନ ସ୍ଥାନରେ କେଉଁଠି ପିଚୁ ରାସ୍ତା ଅଧା ଖଣ୍ଡିଆ ରହିଛି ତ କେଉଁଠି ଡ୍ରେନ୍ ନିର୍ମାଣ, କେଉଁଠି ଡ୍ରେନ୍ ଉପରେ ସ୍ଲାବ ପକାଇବା, ରାସ୍ତାକଡ଼ରେ ୱାଲ କରିବା, କଲଭର୍ଟ କାର୍ଯ୍ୟ ବାକି ରହିଛି। ଅନେକ ସ୍ଥାନରେ ଡ୍ରେନ୍ ମୁକୁଳା ପଡ଼ି ଅଳିଆ ଆବର୍ଜନାରେ ପୋତି ହୋଇଯାଇଛି। କିଛି ଜାଗାରେ ପିଚୁ ହୋଇ ନ ଥିବାରୁ ପାଣି ଜମି ରହୁଛି। ପରଜଙ୍ଗ ମୁଖ୍ୟ ବଜାରର କିଛି ଜାଗାରେ ଡ୍ରେନ୍ ହୋଇ ନ ଥିବାରୁ ପାଣିଯିବାରେ ଅସୁବିଧା ସୃଷ୍ଟି ହେଉଛି। ଆଉ କିଛି ସ୍ଥାନରେ ଡ୍ରେନ୍ ଉପରେ ସ୍ଲାବ ପଡ଼ି ନ ଥିବାରୁ ତାହା ମୁକୁଳା ପଡ଼ିଛି। ଫଳରେ ସେଥିରେ ଗୋଡ଼ ପଡ଼ି ଜୀବନ ହରାଉଛନ୍ତି। ଡ୍ରେନ୍‌ରେ ପାଣି ଜମି ରହୁଥିବାରୁ ଦୁର୍ଗନ୍ଧ ହେଉଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବ୍ୟବସାୟୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି। କାର୍ଯ୍ୟ କରୁଥିବା ଠିକାସଂସ୍ଥା ପୁରଣ୍ଡାଖାନ ଦିଲୀପ ପ୍ରଧାନ ଖୁବଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମୋହନଲାଲ ଘୋଷ ତୁରନ୍ତ କାମ ସାରିବାକୁ ଠିକାଦାରଙ୍କୁ କୁହାଯାଇଛି ବୋଲି କହିଛନ୍ତି।


ମୁକୁଳା ପଡ଼ିଥିବା ଡ୍ରେନ୍।

# ବେଡ୍ ଉପରେ ପକାଯାଉନି ବେଡ୍‌ଶିଟ୍, ଅସନ୍ତୋଷ

ପରଜଙ୍ଗ,୫।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବେଡ୍ ଉପରେ ବେଡଶିଟ୍ ପକାଯାଉ ନ ଥିବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପରଜଙ୍ଗ ଓ କଙ୍କଡ଼ାହାଡ ବ୍ଲକର ୧୦ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ରୋଗୀ ଏଠାକୁ ଆସୁଥିଲେ ସୁଦ୍ଧା ବିଭିନ୍ନ ସମୟରେ ସ୍ୱାସ୍ଥ୍ୟସେବା ନ ପାଇ ଫେରୁଥିବା ଅଭିଯୋଗ ହେଉଛି। ବେଳେବେଳେ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯାଉଛି। ଯେଉଁ କିଛି ରୋଗୀ ଆଡ୍‌ମିଶନ ହେଉଛନ୍ତି ସେମାନଙ୍କ ବେଡ୍‌ରେ



ବେଡ୍‌ଶିଟ୍‌ଏ ପକାଯାଉ ନାହିଁ କି କନ୍‌ଟିଏ ଦିଆଯାଉ ନାହିଁ। ଫଳରେ ହଠାତ ଘରୁ ଆସିଥିବା ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭିଯୋଗକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁବ୍ରିରଞ୍ଜନ ବିଶ୍ୱାଳ ସ୍ୱୀକାର କରିଥିଲେ। ଗତ ସପ୍ତାହରୁ ନିର୍ମଳ ଗାଇଡ଼ଲାଇନରେ ଏକ ସ୍ୱତନ୍ତ୍ର ରଙ୍ଗର ବେଡ୍‌ଶିଟ୍ ଯୋଗାଇଦେବାକୁ ସ୍ଥିର ହୋଇଛି ବୋଲି କହିଛନ୍ତି।

# ଗଞ୍ଜେଇ ଜବତ, ୨ ଗିରଫ

ତାଳଚେର,୫।୮ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଅବକାରୀ ବିଭାଗ ତରଫରୁ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ କନିହା ଥାନା ଅନ୍ତର୍ଗତ ବସୁଣ୍ଡ ଠାରେ ଚଢ଼ାଉ କରି ଆଠମଲ୍ଲିକ ଅଞ୍ଚଳର ସୁଧୁ ବେହେରାଙ୍କୁ ଧରିବା ସହ ତାଙ୍କ ଠାରୁ ୪ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ସେହିପରି ତାଳଚେର ଅବକାରୀ ବିଭାଗର ଓଆଇସି ହରିଆ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପବିତ୍ରନଗର ଅଞ୍ଚଳରେ ଚଢ଼ାଉ କରି ବିକି ଅଞ୍ଚଳର ଭରତ ବେହେରାଙ୍କୁ ଧରିବା ସହ ତାଙ୍କ ଠାରୁ ୪ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮୧,୦୦୦ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଟ୍ରାକ୍ଟର ଜବତ, ଚାଳକ ଗିରଫ

ପବିତ୍ରନଗର,୫।୮ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହା ବ୍ଲକ ଏନ୍‌ଟିପିସି ଥାନା ପୋଲିସ ଗୋରା ବାଲି ଚାଲାଣ ଅଭିଯୋଗରେ ଏକ ଟ୍ରାକ୍ଟର ଚାଳକ ସାନ୍ତ୍ରିଗ୍ରିଡା ଗ୍ରାମର ସିଲୁ ବେହେରା(୨୫)ଙ୍କୁ ଗିରଫ କରିଛି। ଏହା ସହ ଟ୍ରାକ୍ଟରକୁ ଜବତ କରିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

**EOI Cancellation Notice**

No.PP- "EOI" for Installation of permanent lighting system at **Odisha Crafts Museum-Kalabhoomi** invited vide EOI call notice no.1698 **floated on 12.07.2025** is hereby **CANCELLED.**

Sd./- Member Secretary
State Institute for Development of Arts & Crafts
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
Tel.No.+91 (0)674-2350138, Email:sidacorissa@gmail.com, www.sidacodisha
OIPR-31036/11/0027/2526

**GOVERNMENT OF ODISHA** No.i-262
**OFFICE OF THE PANCHAYAT SAMITI, BEGUNIA**
**"e" Procurement Notice**

1. Name of the Work : Construction of GPLF Office building with market complex at Sarua GP under Begunia Block
2. Total Number of Works : 01 No.
3. Estimated Cost : Rs.22,58,456.00
4. Class of Contractor : C & Equivalent
5. Period of Completion : 6 Calendar Months
6. Availability of Tender for online : Dt.04.08.2025 at 11.00 A.M. to DT.16.08.2025 at 5.00 P.M.
7. Last date & time of seeking tender clarification : Dt.12.08.2025 at 5.00 P.M.
8. Date & time of opening of tender : Dt.18.08.2025 at 11 A.M.

Further details can be seen from the website www.tenderodisha.gov.in
Sd./- Block Development Officer
Begunia
OIPR-19302/11/0013/2526

**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA), PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/Tech-W-202/8/4446 Date : 02.08.2025
**e-TENDER CALL NOTICE NO. HHEP-42/2025**
No.CAD-1387 : Unit Head, HHEP, Burla invites percentage rate e-tender in double cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt. / MES / Railway to be received online mode only for the following work in the portal https://tendersodisha.gov.in

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC | Class of contractor |
|---|---|---|---|---|
| AMC of Non-Residential Buildings of HHEP, Burla | 12,55,642/- | Rs.7080/- (Rs.6000/- + GST 18%) | 12600/- | 'D' & 'C' |

- Sale of tender paper : 06.08.2025 (11.00 AM) to 18.08.2025 upto 03.30 PM
- Receipt of tender paper : 18.08.2025 upto 03.30 PM
- Date & time of opening of tender : 18.08.2025 at 04.00 PM
- Further details can be seen from the e-procurement portal https://tendersodisha.gov.in / www.ohpcltd.com

OIPR-04007/11/0061/2526 Sd./- UNIT Head, HHEP, Burla

**GOVERNMENT OF ODISHA** No.O-513
**OFFICE OF THE SUPERINTENDING ENGINEER, RURAL WORK DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.co.in
INVITATION FOR BIDS
**NATIONAL COMPETITIVE BIDDING**
**Bid Identification No. : RWDSE_MKG_II_ONLINE_05/2025-26**
The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work : Building Repair Works, 2. No. of Works : 37 Nos, 3. Estimated Cost : Rs.1.68 lakhs and Rs.4.20 Lakhs, 4. Tander Paper Cost : Rs. 600/- & Rs.2,000/- , 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding From | To | Last Date of Seeking Tender Clarification | Date of Opening of Tender |
|---|---|---|---|---|---|
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_05 of 2025-26 | 08.08.2025 at 11.00 AM | 20.08.2025 up to 05.30 PM | 19.08.2025 up to 3.00 P.M. | 21.08.2025 up to 11.00 A.M. |

❖ Further details can be seen in the bidding documents, which is available in there-procurement portal https://www.tendersorissa.gov.in.
❖ Subsequent corrigendum if required shall be appeared in the website.
❖ Authority reserves the right to reject any or all tenders without assigning any reason thereof.
Sd/- Superintending Engineer
Rural Works Division-II, Malkangiri
OIPR-25079/11/0029/2526

**ZILLA SWASTHYA SAMITI, NABARANGPUR**
OFFICE OF CDM & PHO-CUM-DISTRICT MISSION DIRECTOR
NABARANGPUR
No.7801 Date : 04.08.2025
**CORRIGENDUM**
No.E-289 : In pursuance to the advertisement No 7289 dtd-23.07.2025 of the undersigned, the Walk-in-Interview for the post of Consultant Medicine (NPHCE), Ophthalmic Surgeon (NPCB & VI), Paediatrician DEIC, Medical Officer MBBS-DEIC and Medical Officer SNCU which was scheduled on **05.08.2025** has been postponed and scheduled to be held on **20.08.2025**. The Registration time, venue and other terms and conditions of the advertisement remain unaltered.
Sd/- (Dr. Santosh Kumar Panda)
CDM & PHO-cum-District Mission Director
Nabarangpur
OIPR-10164/11/0006/2526

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଗ, ଆନନ୍ଦପୁର**
**OFFICE OF THE SUPERINTENDING ENGINEER, M.I.DIVISION, ANANDAPUR**
AT/P.O.: Salapada, Dist-Keonjhar, Pin Code-758020
E-mail Id:miandandapur@yahoo.co.in,eemidanandapur@gmail.com
No.1874/ MIDA/ Dt.01.08.2025
**e-Procurement Notice**
Bid Identification No.06/MIDA/2025-26
e-mail ID: miandandapur@yahoo.co.in
No.A-462:The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" Procurement for the works as detailed in the Annexure to this bid notice.

| | |
|---|---|
| Name of the Work | Improvement and Repair works of MIPs under DPIW and Critical Scheme |
| No.of Works | 09 (Nine) Nos only |
| Estimated Cost | Varies from 15.81 lakhs to 33.33 lakh (Approximately) |
| Cost of Tender Paper: | Varies from 6000/- (Non-refundable) |
| Period of Completion | 4 (Four) Calendar Months |
| Availability of bid documents for sale and receipt through online | From Dt.11.08.2025, 10.00 AM to dt.20.08.2025, upto 5.00 P.M. |
| Last date/time of receipt of bids in the portal | 20.08.2025 (5.00 PM) |
| Date of Technical bid opening through online | On dt.21.08.2025 at 10.00 AM in the Office of the S.E., M.I. Division, Anandapur |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess Compatible Digital Signature Certificate (DSC). |
| The detail tender call notice can also be seen in the DOWR website http://dowrorissa.gov.in. | |
| Name & Address of the OIT: | Superintending Engineer, Minor Irrigation Division, Anandapur, At/Po/District- Keonjhar Email ID: miandandapur@yahoo.co.in |
| Further details can be seen from the e-Procurement market place http://tendersorissa.gov.in | |

Sd./- Superintending Engineer
M.I.Division, Anandapur
OIPR-32108/11/0032/2526

**ପୌରପରିଷଦ କାର୍ଯ୍ୟାଳୟ, ଜୟପୁର**
**OFFICE OF THE MUNICIPAL COUNCIL: JEYPORE**
Letter No.3703/JM, Date:02. Aug 2025
ଜୟପୁର ପୌରପାଳିକା ଅଧୀନସ୍ଥ ବିଭିନ୍ନ ୱାର୍ଡରେ ନିର୍ମାଣ କରାଯାଇଥିବା ପାର୍କଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ/ଯୁବ ଗୋଷ୍ଠୀମାନଙ୍କଠାରୁ ଇଚ୍ଛାପତ୍ର ଆହ୍ୱାନ
[illegible]

| କ୍ର. ସଂଖ୍ୟା | ପାର୍କର ବିବରଣୀ | offset price | Entry Fee The selected group shall not charge an entry fee exceeding the fixed rate as specified |
|---|---|---|---|
| ୦୧ | [illegible] | ୧୫,୦୦୦/- | ୦୫/- |
| ୦୨ | [illegible] | ୧୫,୦୦୦/- | ୧୦/- |
| ୦୩ | [illegible] | ୫,୦୦୦/- | ୦୫/- |
| ୦୪ | ଲକ୍ଷ୍ମୀସାଗର ପାର୍କ, [illegible] | ୫,୦୦୦/- | ୦୫/- |
| ୦୫ | ପେନସନ ଫେରେଷ୍ଟ ପାର୍କ (କୋର୍ଟ ସାମ୍ନା) | ୫,୦୦୦/- | ୦୫/- |

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପରିଷଦ
OIPR-13079/11/0055/2526

**Bhubaneswar Municipal Corporation**
No.38435/Date:04.08.25
Phone:0674-2431253, Fax:0674-2432895,
E-mail:info@bmc.gov.in, Web:bmc.gov.in
**"ନଗରବନ୍ଧୁ" ନିମନ୍ତେ ବିଜ୍ଞପ୍ତି**
ସବୁଜ ସବୁଜ ଭୁବନେଶ୍ୱର ପାଇଁ ଏକ ଆହ୍ୱାନ
[illegible]
ସ୍ୱା./-ଉପ ଆୟୁକ୍ତ, ଭୁବନେଶ୍ୱର ମହାନଗର ନିଗମ
Bhubaneswar-751007, Odisha
OIPR-13002/11/0229/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...................................



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଲ୍ ନ୍ୟୁ ରେନୋ ଟ୍ରାଇବର ଉନ୍ମୋଚିତ

ଭୁବନେଶ୍ୱର,୫।୮(ଅନୁରାଧା ମହାରଣା)

ଫ୍ରାନ୍ସର ଅଗ୍ରଣୀ କାର୍ ନିର୍ମାତା ରେନୋ ଗ୍ରୁପ୍‌ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ରେନୋ ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଅଲ୍ ନ୍ୟୁ ରେନୋ ଟ୍ରାଇବର ଉନ୍ମୋଚିତ ହୋଇଯାଇଛି। ପାହାଲସ୍ଥିତ ସୁପରସେଲ୍ ରେନଲ୍ଟ ନର୍ଥଠାରେ ଆୟୋଜିତ ଉନ୍ମୋଚନ କାର୍ଯ୍ୟକ୍ରମରେ କାନାରା ବ୍ୟାଙ୍କର ରିଟେଲ ଆସେଟ୍ ହେଡ୍ ଅରବିନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସୁପରସେଲ୍ ଅଟୋମୋବାଇଲ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଆଦର୍ଶ ଧାୱନ, ସେଲସ୍ ଜିଏମ୍ ବିଭୂତି ଭୂୟାଁ, ଏରିଆ ସେଲ୍‌ସ ମ୍ୟାନେଜର ଅମର ପ୍ରତାପ ସିଂହ, ସର୍ଭିସ୍ ଜିଏମ୍ ଦେବାଶିଷ ମଜୁମଦାର, ରେନଲ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଆର୍‌ଏମ୍ ସୋମଶୁଭ୍ର ଶାହ ପ୍ରମୁଖ ଉପସ୍ଥିତ ରହି ଏହାର ଉନ୍ମୋଚନ କରିଥିଲେ। ଉନ୍ମୋଚିତ ୭ ସିଟର୍ ଏହି ମଡେଲର ମୂଲ୍ୟ ୬.୨୯ରୁ ୯.୧୬ ମଧ୍ୟରେ ରହିଛି। ଏଥିରେ ୨୧ଟି ଷ୍ଟାଣ୍ଡାର୍ଡ ସୁରକ୍ଷା ସୁବିଧା ରହିଛି, ଯେଉଁଥିରେ ୬ଟି ଏୟାରବ୍ୟାଗ୍, ଇଏସ୍‌ପି, ଟିପିଏମ୍‌ଏସ୍, ଇବିଡି ସହ ବ୍ରେକ୍ ଆସିଷ୍ଟ ଆଦି ସୁବିଧା ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ନିର୍ମିତ ଏହି ମଡେଲ ୬ଟି ମୋନୋଟୋନ୍ ଏବଂ ୩ଟି ଡୁଆଲ ଟୋନ୍‌ରେ ଉପଲବ୍ଧ ହେଉଛି। ଅଟୋ ହେଡ୍ ଲ୍ୟାମ୍ପ, ବିଲ୍ଟିଂ ଟେକ୍ ଆୱେ ରିମାଇଣ୍ଡର, ରେନ୍ ସେନ୍ସିଂ ୱାଇପର, ସାମ୍ନା ପାର୍କିଂ ସେନ୍ସର, ଫଲୋ ମି ହୋମ୍ ଫଙ୍କ୍‌ଶନ ଆଦି ବୈଶିଷ୍ଟ୍ୟ ରହିଛି। ନୂଆ ଉତ୍ପାଦ ଉନ୍ମୋଚନ ଅବସରରେ ରେନା ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଭେଙ୍କଟରାମ୍ ମାମିଲ୍ଲାପିଲେ କହିଛନ୍ତି, ଭାରତ ରେନୋର ବିଶ୍ୱସ୍ତରୀୟ ରଣନୀତିର ଏକ ମୁଖ୍ୟ ଆଧାର ହୋଇରହିଛି। ଏହି ମଡେଲ ଭାରତରେ ପ୍ରଥମଥର ପାଇଁ ରେନୋର ନୂତନ ବ୍ରାଣ୍ଡ୍ ଲୋଗୋ ସହ ଆସିଛି ଏବଂ ଏହା କମ୍ପାନୀର ଆଧୁନିକ ଦିଗ ଏବଂ ଭାରତୀୟ ଆକାଂକ୍ଷା ସହିତ ଗଭୀର ଭାବେ ସମନ୍ୱିତ ରହିଛି। ସେହିପରି ରେନୋ ଇଣ୍ଡିଆର ଉପସଭାପତି (ବିକ୍ରି ଏବଂ ମାର୍କେଟିଂ) ଫ୍ରାନ୍‌ସିସ୍କୋ ହିଡାଲଗୋ କହିଛନ୍ତି, ଅଲ ନ୍ୟୁ ଟ୍ରାଇବର ସହିତ 'ରିଥିଙ୍କ ସ୍ପେସ୍' ଦର୍ଶନକୁ ବଢ଼ାଇବ। ଭାରତରେ ଆମର ଗତିକୁ ଏହା ଆହୁରି ତ୍ୱରାନ୍ୱିତ କରିବ।




# ଏସ୍‌ପିଆଇଏଲ୍‌ର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୫।୮

ଶକ୍ତି ପମ୍ପସ୍ ଇଣ୍ଡିଆ ଲିମିଟେଡ୍ (ଏସ୍‌ପିଆଇଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର କାରବାର ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଶକ୍ତି ପମ୍ପସ୍ (ଇଣ୍ଡିଆ) ଲିମିଟେଡ୍‌ର ଅଧ୍ୟକ୍ଷ ଦିନେଶ ପଟିଦାର କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆମେ ଏକ ଦୃଢ଼ ଆରମ୍ଭ ସହ ଉନ୍ନତ ଫଳାଫଳ ରିପୋର୍ଟକରି ବେଶ୍ ଉତ୍ସାହିତ ଅଛୁ। ଏହା ଆମର ବିବିଧ ବ୍ୟବସାୟ ମଡେଲର ଶକ୍ତିକୁ ପ୍ରତିଫଳିତ କରିଥାଏ। ଏହି ତ୍ରୈମାସିକରେ ଆମର ପ୍ରଦର୍ଶନ ସୌର ପମ୍ପ ସେଗ୍‌ମେଣ୍ଟରେ ଦୃଢ଼ କାର୍ଯ୍ୟକାରିତା, ସ୍ଥିର ରପ୍ତାନି ଗତି ଏବଂ କ୍ଷମତା ଓ ପ୍ରଯୁକ୍ତିବିଦ୍ୟାରେ ରଣନୈତିକ ନିବେଶ ଦ୍ୱାରା ପରିଚାଳିତ ହୋଇଥିଲା। ସେହିଭଳି ଆମେ ପ୍ରମୁଖ ଭାରତୀୟ କୃଷି ରାଜ୍ୟଗୁଡ଼ିକରେ ପ୍ରାୟ ୨୫% ବଜାର ଅଂଶ ସହ ପିଏମ୍-କୁସୁମ୍ ଯୋଜନାର ନେତୃତ୍ୱ ନେଉଛୁ। ୨୦୨୫ ଅଗଷ୍ଟ ୧ସୁଦ୍ଧା ଆମର ଅର୍ଡର ପ୍ରାୟ ୧,୩୫୦କୋଟି ଟଙ୍କା ଥିଲା, ଯାହା ସ୍ଥିର ପ୍ରବାହ ଏବଂ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା, ପଞ୍ଜାବ, ଉତ୍ତରପ୍ରଦେଶ ଏବଂ ଝାଡ଼ଖଣ୍ଡ ଇତ୍ୟାଦି ରାଜ୍ୟରେ ଟେଣ୍ଡରରେ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ସମର୍ଥିତ। ୧ ଦଶନ୍ଧିରୁ ଅଧିକ ସମୟ ଧରି ନିର୍ମିତ ଏହି ବଜାରଗୁଡ଼ିକରେ ଆମର ଉପସ୍ଥିତି, ବର୍ଦ୍ଧିତ ଚାହିଦାକୁ ପୁଞ୍ଜି କରିବା ପାଇଁ ଆମକୁ ଭଲ ସ୍ଥିତିରେ ରଖିଛି।


**୧୪ତମ ଜନ୍ମଦିନ ଶୁଭେଚ୍ଛା**



ପ୍ରଜ୍ଞା ପରିମିତା ବନଛୁର

ଆଜି ତୁମର ୧୪ତମ ଜନ୍ମଦିନ ବାର୍ଷିକୀରେ ଆମ ସମସ୍ତଙ୍କ ତରଫରୁ ଅନେକ ଶୁଭେଚ୍ଛା । ଏହି ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା କରୁଛୁ ତୁମକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।

ଅଜା, ଆଇ, ବଡବାପା, ବଡମା, କାକା, କାକିମାମା, ମାମି, ଦାଦା, ଦାଦି, ସମୀର, ଅମୀର, ଲେଖିକା, ନିହାରୀକା, ଉମାକାନ୍ତ, ପ୍ରୟାସ, ପାୟଲ, ପୁନମ, ପୁରବ, ମାଆ- ଦୀପିକା ସୁନାନୀ, ବାପା-କୃଷ୍ଣଚନ୍ଦ୍ର ବନଛୁର ଓ ବନଛୁର ପରିବାରବର୍ଗ

ଧ-୧୫୬୭


# ୯ରୁ ୨ ଦିନିଆ ଔଦ୍ୟୋଗିକତା ସମ୍ମିଳନୀ

ଭୁବନେଶ୍ୱର,୫।୮

ଟିଆଇଇ ବା ଟାଇ ଭୁବନେଶ୍ୱର ପକ୍ଷରୁ ଏକ ୨ଦିନିଆ ଜାତୀୟସ୍ତରୀୟ ଔଦ୍ୟୋଗିକତା ସମ୍ମିଳନୀ 'ଟାଇକନ୍-୨୦୨୫' ଆୟୋଜନ ହେବାକୁ ଯାଉଛି। ଏହି ସମ୍ମିଳନୀ ୨୦୨୫ ଅଗଷ୍ଟ ୯ ଓ ୧୦ରେ ଭୁବନେଶ୍ୱରରେ ହେବ। ଉକ୍ତ ସମ୍ମିଳନୀ ଔଦ୍ୟୋଗିକତା ଓ ଉଦ୍ଭାବନ ପାଇଁ ଏକ ବିକଶିତ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି। ଏ ଦିଗରେ ଓଡ଼ିଶାର ଯାତ୍ରା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ସେହିଭଳି ଟାଇକନ୍-୨୦୨୫ ଘୋଷଣା ଅବସରରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି, ଉପାଧ୍ୟକ୍ଷ ସତ୍ୟବ୍ରତ ରଥ, ସଚିବ ଅନ୍ନଦା ପ୍ରସାଦ ପାଢ଼ୀ ଏବଂ କୋଷାଧ୍ୟକ୍ଷ ରାକେଶ କୁମାର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏହି ୨ଦିବସୀୟ ସମ୍ମିଳନୀରେ ଭାରତ ସମେତ ଶ୍ରୀଲଙ୍କା, ସିଙ୍ଗାପୁର, ୟୁଏଇ (ଦୁବାଇ) ଓ ୟୁଏସ୍‌ଏ ଭଳି ଦେଶଗୁଡ଼ିକରୁ ଉଦ୍ୟୋଗୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଅଂଶଗ୍ରହଣ କରିବେ।

ଏ ସମ୍ପର୍କରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି କହିଛନ୍ତି, ଆମେ ଟାଇ ଗ୍ଲୋବାଲକୁ ଭୁବନେଶ୍ୱରକୁ ଟାଇକନ୍ ଆଣିବା ପାଇଁ ଆବେଦନ କରିଥିଲୁ ଏବଂ ଆମେ ଖୁବ୍ ଖୁସି ଅନୁଭବ କରୁଛୁ ଯେ ସେମାନେ ଏହାକୁ ଗ୍ରହଣ କରିଛନ୍ତି। ଟାଇକନ୍-୨୦୨୫ ଓଡ଼ିଶାର ଉଦ୍ୟୋଗୀ ଉତ୍ସାହକୁ ପାଳନକରିବ ଏବଂ ଆମର ରାଜ୍ୟକୁ ବିଶ୍ୱର ବ୍ୟବସାୟ ମାନଚିତ୍ରରେ ଅବସ୍ଥାପିତ କରିବା ପାଇଁ ଏହା ଏକ ମଞ୍ଚ ହେବ।

ଓଡ଼ିଶାକୁ ବ୍ୟବସାୟ ଓ ଉଦ୍ଭାବନ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳୀ ଭାବେ ହାଇଲାଇଟ କରିବା ପାଇଁ ଡିଜାଇନ କରାଯାଇଥିବା ଟାଇକନ୍-୨୦୨୫କୁ ଓଡ଼ିଶା ସରକାରଙ୍କ ସହ ସହଭାଗିତାରେ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ, ନେଟ୍‌ୱର୍କିଂ ସୁଯୋଗ ଏବଂ ୪ଟି ପ୍ରମୁଖ ପଦକ୍ଷେପର ଶୁଭାରମ୍ଭ ସହ ସୁସଜ୍ଜିତ ରହିଛି। କାର୍ଯ୍ୟକ୍ରମର ୨ୟ ଦିନରେ 'ଏଆଇ ଆଣ୍ଡ ଏଣ୍ଟରପ୍ରେନ୍ୟୁଶିପ୍' ଶୀର୍ଷକ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ରହିବ। ଏଥିସହ ଜାତୀୟ ଓ ଅନ୍ତର୍ଜାତୀୟ ବିଶେଷଜ୍ଞମାନେ ରାଜ୍ୟକୁ ଭବିଷ୍ୟତ ପ୍ରସ୍ତୁତ କରିବା ପାଇଁ ଓଡ଼ିଶାର ଏଆଇ ନୀତି ଓ ରଣନୀତିଗୁଡ଼ିକ ଉପରେ ଆଲୋଚନା କରିବେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ୱେତାରାଣୀ ମହାନ୍ତ ସମ୍ବର୍ଦ୍ଧିତ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଶ୍ୱେତାରାଣୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୫।୮(ଅଭୟ ଦାଶ)

ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର କ୍ରୀଡ଼ାବିତ୍ ଶ୍ୱେତାରାଣୀ ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ସମ୍ବର୍ଦ୍ଧିତ କରିଛନ୍ତି। କେନ୍ଦୁଝରେ ଷ୍ଟାଡିୟମରେ ଆୟୋଜିତ ସାହାଣୀ କପ୍ ଫାଇନାଲ ମ୍ୟାଚରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ୱେତା ସମ୍ବର୍ଦ୍ଧିତ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ଚାଇନାରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିୟର ଉସୁ ଚାମ୍ପିୟନଶିପରେ ଚମତ୍କାର ପ୍ରଦର୍ଶନ ସହ ୪୮କେଜି ବର୍ଗରେ ଶ୍ୱେତାରାଣୀ ବ୍ରୋଞ୍ଜ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ଖୁସି ବ୍ୟକ୍ତ କରିବା ସହ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଝିଅଟିଏ ବିଶ୍ୱସ୍ତରରେ ସଫଳତା ଅର୍ଜନ କରିବା ନିଶ୍ଚିତ ଭାବେ ଜିଲାବାସୀଙ୍କ ପାଇଁ ଗୌରବର ବିଷୟ ବୋଲି କହିଛନ୍ତି। ଏହି ସମ୍ବର୍ଦ୍ଧନା ପାଇବା ପରେ ଶ୍ୱେତା ଆନନ୍ଦିତ ହେବା ସହ ଜିନ୍ଦଲ ଫାଉଣ୍ଡେଶନ ଓ ଏହାର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କର ଏହି ସଫଳତା ପଛରେ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଅବଦାନ ପାଇଁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି। ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେଶନର ପ୍ରୋତ୍ସାହନରେ ଏହି ସ୍ପୋର୍ଟ୍ସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି।

ଏ ନେଇ ଶାଲୁ ଜିନ୍ଦଲ କହିଛନ୍ତି, ଏସୀୟ ଜୁନିୟର ଉସୁ ଚାମ୍ପିୟନଶିପରେ ଶ୍ୱେତାଙ୍କ ସଫଳତା ପାଇଁ ଆମେ ଅତ୍ୟନ୍ତ ଗୌରବାନ୍ୱିତ। ତାଙ୍କ ସଫଳତାରେ ଆମ ସ୍ପୋର୍ଟ୍ସ ହଷ୍ଟେଲର ଉଦ୍ୟମ ଓ ଗ୍ରାମୀଣ ଆଦିବାସୀ ପ୍ରତିଭାଙ୍କ ଦକ୍ଷତା ପ୍ରତିଫଳିତ ହେଉଛି। ତାଲିମ, ଶିକ୍ଷା ଓ ସୁଯୋଗ ପ୍ରଦାନ ଦ୍ୱାରା ଯୁବ କ୍ରୀଡ଼ାବିତ୍‌ଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ଜିନ୍ଦଲ ଫାଉଣ୍ଡେଶନ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର କ୍ରୀଡ଼ାବିତ୍ ଶ୍ୱେତାରାଣୀ, ପ୍ରେମ, ରାଜକୁମାର, ବବଲୁ, ମଞ୍ଜୁ ମୁଣ୍ଡା ଚାଇନା, ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣକରି ସମୁଦାୟ ୧୦ଟି ପଦକ ଜିତିଛନ୍ତି। ଏହା ଶ୍ୱେତାରାଣୀଙ୍କର ଚତୁର୍ଥ ଅନ୍ତର୍ଜାତୀୟ ପଦକ। ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ମୁଖ୍ୟ (ସିଏସ୍‌ଆର୍) ପ୍ରଶାନ୍ତ ହୋତା କହିଛନ୍ତି, ଜଣେ ସମର୍ପିତ କ୍ରୀଡ଼ାପ୍ରେମୀ ତଥା ଆମ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟି ଆଧାରରେ ଏବଂ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜିନ୍ଦଲ ଫାଉଣ୍ଡେଶନ ତୃଣମୂଳସ୍ତରର କ୍ରୀଡ଼ାବିତ୍‌ଙ୍କୁ ଭବିଷ୍ୟତରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଅଲିମ୍ପିକ ପାଇଁ ପ୍ରସ୍ତୁତ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଜିନ୍ଦଲ ଫାଉଣ୍ଡେଶନ ସହଯୋଗରେ କେନ୍ଦୁଝରର ଆଦିବାସୀ ପ୍ରତିଭାମାନେ ଦେଶକୁ ଗର୍ବିତ କରୁଥିବାରୁ ଆମେ ବହୁତ ଖୁସି। ଏହା ସହିତ କେନ୍ଦୁଝର ଜିଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ୍ ଓଡ଼ିଶାର ସମସ୍ତ ସାହାଯ୍ୟ ଓ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ। ଫାଉଣ୍ଡେଶନ ପକ୍ଷରୁ ଦେଶର ୪୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ହକି, ଫୁଟ୍‌ବଲ, କବାଡ଼ି, ଖୋ ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ଗଠନ ପାଇଁ ପ୍ରୋତ୍ସାହିତ କରାଯାଉଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୫।୮

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୦୮ (୩୦୮.୪୭) ପଏଣ୍ଟ ହ୍ରାସ ଘଟି ୮୦,୭୧୦ (୮୦,୭୧୦.୨୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୭୩ (୭୩.୨୦) ପଏଣ୍ଟ କମି ୨୪,୬୪୯(୨୪,୬୪୯.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।


**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ସୁଷମା ବଳିଆରସିଂହ

ଆବିର୍ଭାବ: ୧୮।୦୮।୧୯୪୭
ତିରୋଧାନ: ୨୬।୦୭।୨୦୨୫

ମା' ଭଳି ଭଲ ପାଉଥିବା, ବୁଝି ପାରୁଥିବା ଆଉ ବୁଝାଇ ପାରୁଥିବା ସାଥୀଟିଏ ମିଳିବା ବହୁତ କଷ୍ଟ। ସେଥିପାଇଁ ତ କୁହାଯାଏ ଯେ ମା, ଠାରୁ ବଡ଼ ବନ୍ଧନ ଏବଂ ମା' ଠାରୁ ବଡ଼ ବିକଳ୍ପ ଏଇ ସଂସାରରେ ଆଉ କିଛି ନାହିଁ।

ଶୋକସନ୍ତପ୍ତ ପରିବାରବର୍ଗ

ଚୁଚୁ, ବିଲ୍ଲୁ, ସୁନିତା, ଗୁଡ଼ି, ମିତାଲି, ଗୁଗୁଲୁ, ପୁଷ୍ପା, ଇତିନା, ବାବୁନୀ, ବାବୁନା, ଚିନୁ, ବାପୁ, ଆରତ

Old Town, Bhubaneswar

ଧ-୭୫୩୯୭

# Classified Everyday

0674-2580101, 9692975378



**MATRIMONIAL**

**BRIDE WANTED**

Handsome Teli Boy 1996, 5'7", B.Sc., MA Serving Airforce. "SUNASANSAR". 9937512659. D-76300

କମ୍ପାନୀ ଚାକିରି ଓ ଭଲ ଆୟ ଥିବା +୨ ଶିକ୍ଷାଗତ ଯୋଗ୍ୟତାଯୁକ୍ତ ବ୍ରାହ୍ମଣ ପାତ୍ର ପାଇଁ ବ୍ରାହ୍ମଣ-ଅବଧାନ ଜାତିର ଗାଉଁଲି ପାତ୍ରୀ ଆବଶ୍ୟକ। ଯୋଗାଯୋଗ- 7750014461. D-1525

Bride wanted. Karan Gourbarnna lower middle class well educated 30-35 years, 5'6". Contact- 7873817735. D-1524

**GROOM WANTED**

ବୟସ 28, Nurse ଚାକିରି କରୁଥିବା ସୁନ୍ଦରୀ ସୁଶୀଳ କରଣ ଜାତିର ଝିଅଙ୍କ ପାଇଁ Private/ Business/ Government ବରପାତ୍ର ଆବଶ୍ୟକ। 7326056138. D-1529



**REAL ESTATE SALE**

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- **7735922768.** D-1572

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

**AFFIDAVIT**

I, Panchal Urmi Ashish Amrutaben, W/o- Subham Agrawal, resident of Flat No.-103 Balaji Greens, Block-A, Tangarpali, Sadar, P.O.- Budharaja, Dist.- Sambalpur, Odisha- 768004 declare by this affidavit No.- 6280, dtd.- 19.06.2025, that now onwards I shall be known as Urmi Ashish Panchal for all future purposes. D-1564

By virtue of an affidavit sworn before Executive Magistrate, Talcher, Odisha, dated- 23.06.2025, I BIKASH KUMAR BEHERA, S/o- PRAMOD CHANDRA BEHERA, At-CHITALPUR, P.O.- KUMUNDA, P.S.- GOPALPRASAD, Dist.- Angul, State- Odisha, PIN- 759103 declare that I have changed my name from PRADYUMNA BEHERA to BIKASH KUMAR BEHERA. Henceforth, I shall be known as BIKASH KUMAR BEHERA for all purpose and also for my LIC Policy Bond vide Policy No.- 582810880. D-1559

By virtue of an affidavit before Notary Public, Kantabanji on 04.08.2025 that in my Aadhaar Card my name and surname spells as "Khijmat Khan, S/o- Ataulla Khan" and in my S.B. Account of Bank of Baroda mentioned as Khidmat Khan, S/o- Ataulla Khan, in S.B. Account S.B.I. Kantabanji mentioned as "Khidmat Khan" where my wife's name is also written as Musirayasmin Bibi and in S.B. Account of Union Bank of India (Formerly Andhra Bank) Kantabanji Branch mentioned as "Khitmat Khan", S/o- "Atabhala Khan" of Village- Tentulikhunti, P.O.- Mahulbahali, P.S.- Turekela, Dist.- Bolangir is same and one person. D-1560

By virtue an affidavit sworn before Executive Magistrate, Gondia, Dhenkanal, dated 31.07.2025, I, Dolagobinda Parida, Village/P.O.- Saruali, P.S.- Kamakhyanagar, Dist.- Dhenkanal, Odisha-759018 declare that I have changed my name from D.G. Parida to Dolagobinda Parida. Henceforth, I shall be known as Dolagobinda Parida for all purposes. Dolagobinda Parida. D-1561

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By this affidavit No.- 1713, date 30.07.25, I, Jasobanti Naik, D/o- Suban Sahu, W/o- Haradhan Pradhan, R/o: At- Kesaipali, P.S.- Bhatli, Dist.- Bargarh declare that before marriage my name was Mithai Sahu. That consequent upon my marriage I am known as Jasobanti Naik. That both the names Mithai Sahu and Jasobanti Naik belongs to one and same person. D-1563

By virtue of an affidavit sworn before the Executive Magistrate, Saintala, dt. 04.08.2025, I, Banshidhar Sahu, S/o- Late Suru Sahu, R/O. Village- Bheruanbhata, P.O.- Ambapali, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Divya Jyoti Sahu to Dibyajyoti Sahu. Henceforth, my daughter shall be known as Dibyajyoti Sahu for all purposes.

Banshidhar Sahu D-1562

I, Subash Kumar Rout S/o Late Binayak Rout Resident of KBSD ROAD, Jeypore, Koraput, Odisha 764001. Declare by this affidavit dated 05/08/2025, that Subash Kumar Rout and Subash Rout are same person. That now onwards I will be known as Subash Kumar Rout for all future purpose. D-1568

I, Banita Rout, W/o Subash Kumar Rout Resident of KBSD ROAD, Jeypore, Koraput, Odisha 764001, declare by this affidavit dated 05/08/2025, that Banita Rout and Bonita Rout are same person. That now onwards I will be know as Banita Rout for all future purpose. D-1569

I, Smita Pati, W/o- Prabira Kumar Pati, Resident of Flat No.- 302, Khusi Kalinga House, Pandra, Khordha, PIN- 751010, Odisha declare are by this affidavit No.-88, dated- 05.08.2025, that now onwards I shall be known as SMITA SUKLA for all future purposes. D-1571

ମୁଁ ଯଶୋବନ୍ତ ନାରାୟଣ ବେହେରା, ପି- ଉଦୟନାଥ ବେହେରା, ସା- କଉଡ଼ିଖଣି, ପୋ:ଅ:- ଭାଟପଡ଼ା, ଥାନା- ଗଡ଼ିଶାଗଦା, ଜି- ପୁରୀ, ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ, ବ୍ରହ୍ମଗିରିଙ୍କ ନିକଟରେ କରିଥିବା ସତ୍ୟପାଠ ନଂ.- ୦୨/୩୧।୦୭।୨୦୨୫ରେ ଜଣାଇଅଛି କି ମୋ ଝିଅର ନାମ ୱାଇ.ଏସ୍. ଅନନ୍ୟା ବେହେରା ଥିଲା। ତା'ର ନାମ ପରିବର୍ତ୍ତନ କରାଯାଇ ଅନନ୍ୟା ବେହେରା କରାଗଲା। ତେଣୁ ବର୍ତ୍ତମାନ ପରଠାରୁ ସମସ୍ତ ସରକାରୀ ଓ ବେସରକାରୀ କ୍ଷେତ୍ରରେ ତା'ର ନାମ ଅନନ୍ୟା ବେହେରା ଭାବେ ଗ୍ରହଣ କରାଯିବ। ଧ-୧୫୬୫

By virtue of an affidavit sworn before Executive Magistrate, Puri dated- 10.07.2025, I, Sudhakar Nayak of Pachhipala, P.O.- Rahadamalla, P.S.- Puri Sadar, Puri- 752013, declare that I have changed the name of my son Summit Nayak to Sambit Nayak. Henceforth he shall be known as Sambit Nayak for all purposes. D- 1570



## ଧାନ ତଳି ବୁଢ଼ା ହୋଇଯାଇଥିଲେ

ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହକରି ରୁଆକାମ କରନ୍ତୁ। ତଳି ନ ମିଳିଲେ ନୂଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା, ଖଣ୍ଡଗିରି, ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦-୧୩୦ଦିନିଆ କିସମ ଯଥା-ଲଲାଟ, ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଆ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ଅନ୍ୟପକ୍ଷରେ ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦା ପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡ଼ିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡ଼ିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

# ଉତ୍ତମ ଡେଏରି ପରିଚାଳନା



**ଡା. ବୀରକିଶୋର ପରିଡ଼ା**

ବହୁ ପୁରାତନ କାଳରୁ ଆମ ରାଜ୍ୟ ତଥା ଦେଶର ଚାଷୀଭାଇମାନେ ଗୋପାଳନକୁ ଯଥେଷ୍ଟ ଗୁରୁତ୍ୱ ଦେଇ ଆସିଛନ୍ତି । ବିଶେଷକରି ମହିଳାମାନେ ସରକାରଙ୍କ ବିଭିନ୍ନ ସବ୍‌ସିଡ୍ ଋଣ ମାଧ୍ୟମରେ ଉନ୍ନତ ସଙ୍କରଜାତୀୟ ଦୁଧିଆଳୀ ଗାଈ ପାଳନ କରି ନିଜର ଆର୍ଥିକ ସ୍ଥିତି ସୁଦୃଢ଼କରିବା ସଙ୍ଗେ ସଙ୍ଗେ ନିଶାଯୁକ୍ତ ପାନୀୟ ଯଥା - ମହୁଲି, କୁସୁନା, ହାଣ୍ଡିଆ ଭଳି ଗୋଳିଆ ପାଣି ପିଇବା ପରିବର୍ତ୍ତେ ସର୍ବୋତ୍କୃଷ୍ଟ ସୁଷମ ଖାଦ୍ୟ ଖାଇବା ପାଇଁ କ୍ଷୀରକୁ ପ୍ରାୟ ଆଦରି ନେଲେଣି । ଆଜିକାଲି ଉନ୍ନତ ଧରଣର ସଙ୍କରଜାତୀୟ ଦୁଧିଆଳୀ ଗାଈ ଯଥା - ଜର୍ସି, ହଲ୍‌ଷ୍ଟିନ୍, ରେଡ୍ ସିନ୍ଧି ଭଳି ଅଧିକାଂଶ ସ୍ଥାନରେ ଚାଷୀଭାଇମାନଙ୍କ ଘରେ ଦେଖିବାକୁ ମିଳିଲାଣି । ଅବଶ୍ୟ କେତେକ ଅଞ୍ଚଳରେ ସ୍ୱାଧୀନତା ପୂର୍ବରୁ ଲୋକମାନେ ଯେଭଳି ଦେଶୀଗାଈ ଘରେ ରଖି ଚଳୁଥିଲେ, ଏବେ ବି ମଧ୍ୟ ସେହିଭଳି କାଳାତିପାତ କରୁଛନ୍ତି । ପୂର୍ବଭଳି ଏବେ ମଧ୍ୟ ସେହି ଦେଶୀ ଗାଈଙ୍କୁ ରଖି ପାଏ ଅଧପାଏ କ୍ଷୀର ପାଇଁ ବହୁ ଦୁଃଖ କଷ୍ଟରେ ଚଳୁଛନ୍ତି। ଆମ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ଜରିଆରେ ଉନ୍ନତ ଧରଣର ଦୁଧିଆଳୀ ଜର୍ସି ଗାଈ, ଦେଶୀଗାଈଗୁଡ଼ିକଠାରୁ ସୃଷ୍ଟି କରିବା ପାଇଁ 'କୃତ୍ରିମ ପ୍ରଜନନ' କେନ୍ଦ୍ରମାନ ସ୍ଥାପନ କରାଯାଇଛି। ତା'ସହ ସୁଦୂର ଗାଁଗଣ୍ଡାରେ ପ୍ରତ୍ୟେକ ପ୍ରାଣୀ ଚିକିତ୍ସାଳୟ ଏବଂ ଅନେକ ପ୍ରାଣୀଧନ ସହାୟକ କେନ୍ଦ୍ରଠାରେ ଏହାକୁ ଖୋଲାଯାଇଛି । କୃତ୍ରିମ ପ୍ରଜନନ ଦ୍ୱାରା ଦେଶୀଗାଈରୁ ୬-୭ ପିଢ଼ି ବା ଜେନେରେଶନ ପରେ ମଧ୍ୟ ଶତକଡ଼ା ୧୦୦ଭାଗ ବିଭିନ୍ନ ଉନ୍ନତ ଧରଣର ଗାଈ ସୃଷ୍ଟି ହୋଇପାରୁଛନ୍ତି । ଦେଶୀଗାଈରୁ ଉତ୍ପନ୍ନ ସଙ୍କରଜାତୀୟ ଗାଈ ଆମ ରାଜ୍ୟର ଜଳବାୟୁରେ ଭଲ ବଢ଼ିପାରିବେ ଏବଂ ସେମାନଙ୍କର କ୍ଷୀର ଉତ୍ପାଦନ ଶକ୍ତି ମଧ୍ୟ ବଢ଼ିବ । ଆଜିକାଲି ଉନ୍ନତ ସଙ୍କରଜାତୀୟ ଗାଈର ଦାମ୍ ଯଥେଷ୍ଟ ବଢ଼ିଯାଇଛି, ଯାହାକି ଚାଷୀଭାଇଙ୍କ ଦ୍ୱାରା ଖର୍ଚ୍ଚ କରିବା କଷ୍ଟକର ବ୍ୟାପାର । ତେଣୁ ସହଜ ଉପାୟରେ ବିନା ଖର୍ଚ୍ଚରେ ନିଜ ଦେଶୀ ଗାଈଙ୍କୁ ଠିକ୍ ସମୟରେ କୃତ୍ରିମ ପ୍ରଜନନ କରାଇ ଗୋଟିଏ ଉନ୍ନତ ସଙ୍କରଜାତୀୟ ଗାଈ ସୃଷ୍ଟି କରିବା ସହଜ ହେଉଛି। ଅବଶ୍ୟ ଆମ ରାଜ୍ୟର କେତେକ ଉତ୍କୃଷ୍ଟ ପ୍ରଜାତିର ଗାଈ ଯଥା - ବିଞ୍ଝାରପୁରୀ, ଘୁମୁସରୀ, ଖରିଆଳ, ମୋଟୁ ଆଦି ଗାଈ ଆଶାନୁରୂପକ କ୍ଷୀର ଦେବା ସହ ଜନ୍ମ ହେଉଥିବା ଅଣ୍ଡିରା ବାଛୁରି (ବଳଦ) ଚାଷକାର୍ଯ୍ୟରେ ଯଥେଷ୍ଟ ସହାୟକ ହୋଇପାରୁଛନ୍ତି, ଯାହାର ସଂରକ୍ଷଣ ଓ ବିକାଶ ମଧ୍ୟ ଏକାନ୍ତ ଆବଶ୍ୟକ।

ଯେଉଁ ରାଜ୍ୟର ଲୋକେ ଯେତେ କର୍ମଠ, ସେ ରାଜ୍ୟର ଲୋକେ ସେତେ ଉନ୍ନତ। ଉଦାହରଣ - ଆମ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ଲୋକମାନେ ବିଭିନ୍ନ ଉପାୟରେ ସେମାନଙ୍କର ଶକ୍ତିର ଅଯଥା ଅପଚୟ ନ କରି ଗୋପାଳନ, ମାଛଚାଷ, କୁକୁଡ଼ା ଚାଷ, ଧାନଚାଷ ଆଦି ପେସା ଗ୍ରହଣକରି ନିଜର ଆର୍ଥିକ ମାନଦଣ୍ଡ ବିକାଶ ଘଟାଇବା ସଙ୍ଗେ ସଙ୍ଗେ ରାଜ୍ୟର ବିକାଶରେ ଯଥେଷ୍ଟ ସହାୟକ ହୋଇପାରୁଛନ୍ତି, ଏଥିରେ ସନ୍ଦେହନାହିଁ । ସେହିଭଳି ଗୁଜରାଟ ଭାରତରେ କ୍ଷୀର ଉତ୍ପାଦନରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ପଞ୍ଜାବ, ହରିୟାଣା ମଧ୍ୟ ସେହିଭଳି ନିଜ ରାଜ୍ୟକୁ ଏକ ବଳକା ରାଜ୍ୟ ରୂପେ ପରିଗଣିତ କରିଛନ୍ତି । ବର୍ତ୍ତମାନ ଆମ ରାଜ୍ୟରେ ମହିଳାମାନେ ମଧ୍ୟ ନିଜର ଆର୍ଥିକ ବିକାଶ ସହ ପୁଷ୍ଟିହୀନତା ଦୂରକରିବା ସକାଶେ ସଙ୍କର ଗାଈ ରଖିବାକୁ ଆରମ୍ଭ କଲେଣି । ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ମଧ୍ୟ ସେମାନଙ୍କ ମୂଲ୍ୟବାନ୍ ସମୟ ଅଯଥାରେ ଅପଚୟ ନ କରି ଉନ୍ନତ ଗାଈ ପାଳନ ଜରିଆରେ ନିଜକୁ ପୁଣିଥରେ କର୍ମଠ କରି ଚିନ୍ତାମୁକ୍ତ ରଖିବା ସହ ସୁଷମ ଜାତୀୟ ଆଦର୍ଶ ଖାଦ୍ୟରୂପକ କ୍ଷୀର ପାଇପାରୁଛନ୍ତି। ଚାଷୀଭାଇମାନେ ମଧ୍ୟ ଚାଷ ସହ ଗୋପାଳନକୁ ଏକ ସବୁଦିନିଆ ପେସା ରୂପେ ଗ୍ରହଣ କରିନେଇଛନ୍ତି ।

ଅଧିକ ପରିମାଣର ଭଲ କ୍ଷୀର ସଙ୍କର ଜାତୀୟ ଗାଈଠାରୁ ପାଇବାକୁ ହେଲେ ଉତ୍ତମ ସୁସ୍ୱାଦୁ ଗୋଖାଦ୍ୟ ବିଷୟରେ ଚିନ୍ତା କରିବା ଉଚିତ । କାରଣ କଥାରେ ଅଛି ଗାଈ ମୁହଁରେ କ୍ଷୀର । ତେଣୁ ଗୋପାଳନ ସହ ଘରବାଡ଼ିରେ ଘାସଚାଷ ଏକ ସୁଚିନ୍ତିତ ପଦକ୍ଷେପ । ତେଣୁ ଉନ୍ନତ ଧରଣର ସଙ୍କରଜାତୀୟ ଗାଈପାଳନ କରିବାକୁ ହେଲେ ନିମ୍ନୋକ୍ତ କେତୋଟି ବିଷୟ ପ୍ରତି ଧ୍ୟାନଦେବାକୁ ପଡ଼ିବ।

> "କୃତ୍ରିମ ପ୍ରଜନନ ଦ୍ୱାରା ଦେଶୀଗାଈରୁ ୬-୭ ପିଢ଼ି ବା ଜେନେରେଶନ ପରେ ମଧ ଶତକଡ଼ା ୧୦୦ଭାଗ ବିଭିନ୍ନ ଉନ୍ନତ ଧରଣର ଗାଈ ସୃଷ୍ଟି ହୋଇପାରୁଛନ୍ତି। ଦେଶୀଗାଈରୁ ଉତ୍ପନ୍ନ ସଙ୍କରଜାତୀୟ ଗାଈ ଆମ ରାଜ୍ୟର ଜଳବାୟୁରେ ଭଲ ବଢ଼ିପାରିବେ ଏବଂ ସେମାନଙ୍କର କ୍ଷୀର ଉତ୍ପାଦନ ଶକ୍ତି ମଧ ବଢ଼ିବ । ଆଜିକାଲି ଉନ୍ନତ ସଙ୍କରଜାତୀୟ ଗାଈର ଦାମ୍ ଯଥେଷ୍ଟ ବଢ଼ିଯାଇଛି, ଯାହାକି ଚାଷୀଭାଇଙ୍କ ଦ୍ୱାରା ଖର୍ଚ୍ଚ କରିବା କଷ୍ଟକର ବ୍ୟାପାର । ତେଣୁ ସହଜ ଉପାୟରେ ବିନା ଖର୍ଚ୍ଚରେ ନିଜ ଦେଶୀ ଗାଈଙ୍କୁ ଠିକ୍ ସମୟରେ କୃତ୍ରିମ ପ୍ରଜନନ କରାଇ ଗୋଟିଏ ଉନ୍ନତ ସଙ୍କରଜାତୀୟ ଗାଈ ସୃଷ୍ଟି କରିବା ସହଜ ହେଉଛି।"



- ପ୍ରତ୍ୟେକ ଗାଈର କ୍ଷୀର ଦେବା ଦକ୍ଷତା, ବିଭିନ୍ନ ଋତୁ ଏବଂ ଖାଦ୍ୟ କିସମ ଅନୁସାରେ ୫୦-୧୨୦ ଲିଟର ପରିଷ୍କାର ନିର୍ମଳ ପାଣି ପିଇବାକୁ ଦେବା ଉଚିତ । ସାଧାରଣତଃ ପ୍ରତି ୧ଲିଟର କ୍ଷୀର ଉତ୍ପାଦନ ପାଇଁ ୪ଲିଟର ପାଣିର ଆବଶ୍ୟକତା ହୋଇଥାଏ।
- ସବୁଜଘାସ ୨୫ରୁ ୩୦କେ.ଜି. ୬-୭ ଲିଟର ଦେଉଥିବା ଗାଈକୁ ବିନା ଦାନାରେ ଯୋଗାଇବା ଉଚିତ । ଯଦି ଏହି କ୍ଷୀର ଉତ୍ପାଦନରୁ ଅଧିକ ଗାଈ କ୍ଷୀର ଦିଏ, ତେବେ ପ୍ରତି ୨ଲିଟର ପିଛା ୧କେ.ଜି ଦାନା ଦିଆଯିବା ଉଚିତ।
- ଦୁଧିଆଳୀ ଗାଈର କ୍ଷୀର ଦେବା ସମୟ ୨୮୦-୩୦୦ଦିନ ରଖିବା ଦରକାର ଏବଂ ୪୫-୬୦ଦିନ ପଡ଼ିଆ ରଖିବା ଉଚିତ ।
- ଗାଈ ବାଛୁରୀ ଜନ୍ମହେବାର ୬୦-୯୦ଦିନ ମଧ୍ୟରେ ଗରମ ଆଣି ନିକଟସ୍ଥ ପ୍ରଜନନ କେନ୍ଦ୍ରରେ କୃତ୍ରିମ ପ୍ରଜନନ କରାଇବା ଉଚିତ । ଏହି ସମୟରୁ ଗଡ଼ିଗଲେ ଗାଈ ଅତ୍ୟଧିକ କ୍ଷୀର ଦେବା ଯୋଗୁ କ୍ୟାଲସିୟମ, ଭିଟାମିନ୍, ଧାତବ ଲବଣର ଅଭାବ ଘଟିଥାଏ । ଫଳରେ ନିଜର ଜରାୟୁରେ ଭ୍ରୂଣକୁ ଧରି ରଖି ନ ପାରି ବାରମ୍ବାର ଲେଉଟାଇଥାନ୍ତି।
- ପ୍ରତ୍ୟେକ ଗାଈଠାରୁ ଛୁଆ ଜନ୍ମ କରିବାର ବ୍ୟବଧାନ ୧ବର୍ଷ ରଖିବା ଉଚିତ।
- ୩୫୦-୪୦୦ କେ.ଜି. ସଙ୍କରଜାତୀୟ ଗାଈ କ୍ଷୀର ଦେବା ସମୟରେ ୨,୫୦୦-୩,୦୦୦ କେ.ଜି. ପର୍ଯ୍ୟନ୍ତ କ୍ଷୀର ଦେଇଥାନ୍ତି । ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ବିହାଣରେ କ୍ଷୀର ଉତ୍ପାଦନ ଅଧିକ ହୋଇଥାଏ।
- ଗାଈ ୭ ଛୁଆ ଜନ୍ମ ଦେଲାପରେ ନୂତନ ଦୁଧିଆଳୀ ଗାଈ ଗ୍ରହଣ କରିବା ଉଚିତ।
- ପ୍ରତ୍ୟେକ ଗାଈ ପାଇଁ ଗୋ-ବୀମା କରିବା ଉଚିତ।
- ପ୍ରତ୍ୟେକ ଗାଈଙ୍କର ମଝିରେ ମଝିରେ ଝାଡ଼ା ପରୀକ୍ଷା କରିବା ସହ କୃମିନାଶକ ଦେବା ଉଚିତ। ସେହିପରି ବାଛୁରୀମାନଙ୍କୁ ପ୍ରତିମାସରେ ଥରେ କୃମିନାଶକ ଦେବା ଦରକାର।
- ବିଭିନ୍ନ ଋତୁ ଅନୁସାରେ ପ୍ରତ୍ୟେକ ଗାଈକୁ ଆରମ୍ଭରୁ ପ୍ରତିଷେଧକ ଟିକା- ଆନ୍ଥ୍ରାକ୍ସ, ସାହାଣା, ବଜବଜିଆ, ଫାଟୁଆ ଇତ୍ୟାଦି ଦିଆଯିବା ଦରକାର।
- ସୁଷମ ଦାନାଜାତୀୟ ଖାଦ୍ୟ ଠିକ୍ ପରିମାଣରେ ଦେବା ଉଚିତ । ଭରଣପୋଷଣ ପାଇଁ ୨-୩କେ.ଜି. ଦାନା, କ୍ଷୀର ଦେବାପାଇଁ ୧କେ.ଜି. ଦାନା ପ୍ରତି ୨.୫ଲିଟର କ୍ଷୀର ଉତ୍ପାଦନ ଏବଂ ଗର୍ଭଧାରଣ ପାଇଁ ପ୍ରଥମ ୬ମାସ ୫୦୦ଗ୍ରାମ ଦାନା ଓ ୭-୯ମାସ ୧ କେ.ଜି. ଦାନା ଆବଶ୍ୟକ।
- ପ୍ରତ୍ୟେକ ଗାଈ ଗୁହାଳର ଚଟାଣ ସିମେଣ୍ଟ ବା ରଫ୍ ଟାଇଲ୍‌ରେ ହେବା ଦରକାର।

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨



## ବର୍ଷାଦିନେ ଫଳଚାଷ

ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜରରେ ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

## ହରଡ଼ରେ ଫୁଲ ଧରୁଥିଲେ...



ବର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡ଼ର ପାଣିରେ ବୁଡ଼ାଇ ମାରିଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶଁବାଳୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି। ତେଣୁ ଏକର ପ୍ରତି ୧୦ କି.ଗ୍ରା . କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ବିଳମ୍ବରେ ଲଗାଯାଇଥିବା ମୁଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ଲାଗି ଏକର ପ୍ରତି ୫୦ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ଛିଞ୍ଚନ କର।

## ମାଛ ଯାଆଁଳ ଛାଡ଼ିବା ସମୟରେ...



ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ। ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଅଗଷ୍ଟ ମାସର ଦ୍ୱିତୀୟ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

## ଅଧିକ ଅମଳକ୍ଷମ କାଜୁ ପାଇଁ...



କାଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବି.ପି.ପି,ଭୁବନେଶ୍ୱର -୧,ଭିଆରଇ-୨,ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମି ପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ରୁ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ୍ ସାର ପ୍ରୟୋଗ କରନ୍ତୁ। ସିଞ୍ଚନ କରନ୍ତୁ।

## ଟମାଟୋ ତଳି ଲଗାଇବାର ପ୍ରଣାଳୀ



ଟମାଟୋ ତଳି ଲଗାଉଥିଲେ ୧ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ ଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ି ଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫-୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

# ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ। ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୬/୨୦୨୫ Bhubaneswar, Wednesday, August 6/ 2025

# ଭାଗନେବେ ଭାରତର ତାରକା ଆଥ୍‌ଲେଟ

**ଭୁବନେଶ୍ୱର, ୫।୮ (ତପନ ସ୍ୱାଇଁ)**



## ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍(ବ୍ରୋଞ୍ଜ୍ ଲେଭଲ) ଚଳିତ ମାସ ୯ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି। ଭାରତରେ ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଥିବା ଏହି ମେଗା ଇଭେଣ୍ଟରେ ଅନ୍ତର୍ଜାତୀୟ ଆଥ୍‌ଲେଟଙ୍କ ସହ ଭାରତର ତାରକା ଆଥ୍‌ଲେଟମାନେ ଆକ୍ସନରେ ଦେଖିବାକୁ ମିଳିବେ। ଜୁଲାଇ ୧୨ ସୁଦ୍ଧା ର୍‍ୟାଙ୍କିଙ୍ଗ୍ ଅନୁସାରେ ଆଗାମୀ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ଘରୋଇ ଆଥ୍‌ଲେଟଙ୍କ ତାଲିକା ଏଏଫ୍‌ଆଇ (ଆଥ୍‌ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ) ପକ୍ଷରୁ ପ୍ରକାଶ ପାଇଛି। ତେବେ ଏଥିରେ ଭାଗନେବାକୁ ଅନ୍‌ଲାଇନ୍‌ରେ ଏଣ୍ଟ୍ରି କରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଯଦି କେହି ଅଂଶଗ୍ରହଣ ନ କରନ୍ତି ତେବେ ତାଙ୍କୁ ଆଗାମୀ ୬୪ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ର୍‍ୟାଙ୍କିଙ୍ଗ୍ ଅନୁସାରେ ଯୋଗ୍ୟ ବିବେଚିତ ଆଥ୍‌ଲେଟଙ୍କ ମଧ୍ୟରେ ୧୦୦ ମିଟରରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ଏବଂ ଓଡ଼ିଶା ଏଟ୍‌ପିସିର ଅନିମେଶ କୁଜୁରଙ୍କ ସମେତ ଗୁରିନ୍ଦର ବୀର ସିଂ, ମଣିକାନ୍ତ ହୋବ୍ଲିଧର, ପ୍ରଣବ ଗୌରମ, ଅମ୍ଲାନ୍ ବୋରଗୋହେନ, ହର୍ଷ ସନ୍ତୋଷ ରାଉତ, ତାମିଳାରାସୁ ଏସ୍. ଓ ରଗୁଲ କୁମାର ଜି. ପ୍ରମୁଖ ରହିଛନ୍ତି। ସେହିପରି ୨୦୦ ମିଟରରେ ଅନିମେଶ, ଅମ୍ଲାନ୍, ରଗୁଲ, ମଣିକାନ୍ତ, ଲାଲୁ ପ୍ରସାଦ, ବିଶାଲ ଟି.କେ., ନୀତିନ ବି., ଅଭୟ ସିଂ, ଶୁଭମ୍, ତାମିଲାରାସୁ, ଅଭିନ ବି. ଦେଭାଡିଗା ଓ ଅଦେଶ ଗାର୍ସା ଭାଗନେବେ।

୪୦୦ ମିଟର ପାଇଁ ବିଶାଲ ଟି.କେ. ରାଜେଶ ରମେଶ, ଜୟ କୁମାର, ମନୁ ଟି.ଏସ୍., ଅମୋଜ ଜ୍ୟାକବ ପି.ଏ., ରିନ୍‌ସେ ଜୋସେଫ, ଧରମବୀର ଚୌଧାରୀ, ସନ୍ତୋଷ କୁମାର ଟି., ଜେରୋମି ସନ୍ତୋଷ ନିଶାନ୍ତ ଏବଂ ସୂରଜ ଏ., ୮୦୦ ମିଟରରେ ମହମ୍ମଦ ଅଫଜାଲ ପି., କ୍ରିଶନ କୁମାର, ପ୍ରକାଶ ଗାଡାଡେ, ପ୍ରଦୀପ ସେନ୍ଥିଲ କୁମାର, ଅମନ କୁମାର, ୫୦୦୦ ମିଟରରେ ଗୁଲଭୀର ସିଂ, ଅଭିଷେକ ପଲ, ସାୱନ ବାରୱାଲ, କିରନ ମତ୍ରି, ଶାଦବ ଆୟୁବ ପଠାନ, ସୌରଭ କୁମାର, ଲଭ୍‌ପ୍ରୀତ ସିଂ ଓ ଗଗନ ସିଂ ଅଂଶଗ୍ରହଣ କରିବେ। ସେହିପରି ଲଙ୍ଗ୍‌ଜମ୍ପ୍‌ରେ ଶ୍ରୀଶଙ୍କର ଏମ୍., ଡେଭିଡ ପି., ମହମ୍ମଦ ଅନିସ ୟାହ୍ୟା, ଲୋକେଶ ସାଥ୍ୟାନାଥନ, ଶାହାନବାଜ ଖାଁ, ସନ୍ନି କୁମାର, ଜେସ୍‌ୱିନ ଆଲଡ୍ରିନ ଜେ., ଜିଥିନ ଅର୍ଜୁନନ ଆର.ସି., ମହମ୍ମଦ ମୁହାସିନ, ଟ୍ରିପଲ ଜମ୍ପ୍‌ରେ ପ୍ରବୀଣ ଚିତ୍ରାଭେଲ, ଅବ୍‌ଦୁଲା ଅବୁବାକର, ସେଲଭା ପ୍ରଭୁ ଟି., ଯୁବା ରାଜ, ମହମ୍ମଦ ମୁହାସିନ, ବିମଲ ମୁକେଶ ଟି., କାର୍ତ୍ତିକ ଉନ୍ନିକ୍ରିଷ୍ଣନ, ମହମ୍ମଦ ସଲାଉଦ୍ଦିନ ଏଓ.ଏନ୍. ଓ ଗେଲି ଭେନିଷ୍ଟର ଡି. ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଓଡ଼ିଶାର କିଶୋର କୁମାର ଜେନାଙ୍କ ସମେତ ସଚିନ ଯାଦବ, ଯଶ୍‌ବୀର ସିଂ, ଶିବମ ଲୋହାକାରେ, ରୋହିତ୍ ଯାଦବ, ବିକାଶ ଶର୍ମା, ସାହିଲ ସିଲୱାଲ, ଶଶାଙ୍କ ପାଟିଲ, ଓଡ଼ିଶା ଏଟ୍‌ପିସିର ବିକ୍ରାନ୍ତ ମଲିକ ପ୍ରମୁଖ ଅଂଶଗ୍ରହଣ କରିବେ।

ମହିଳା ୧୦୦ ମିଟରରେ ଓଡ଼ିଶାର ଶ୍ରାବଣୀ ନନ୍ଦ ଆକର୍ଷଣରେ ରହିବେ। ତାଙ୍କ ସହ ନିତ୍ୟା ଗାନ୍ଧେ, ଅଭିନୟା ରାଜାରାଜନ, ସ୍ନେହା ଏସ୍.ଏସ୍., ଆଞ୍ଜେଲ ସିଲ୍‌ଭିଆ ଏମ୍., ହର୍ଷିତା ଭଦ୍ରା, ଧନେଶ୍ୱରୀ ଏ.ଟି., ବିଜୟା କୁମାରୀ, ସୁଦେଷ୍ଣା ଶିବଶଙ୍କର, ସୁଦୀକ୍ଷା ଓ ସାକ୍ଷୀ ଚଭନ ଭାଗନେବେ। ୨୦୦ ମିଟରରେ ନିତ୍ୟା, ବିଜୟା କୁମାରୀ, ଉନ୍ନତି ଆୟାପ୍ପା, ଅଗସରା ନନ୍ଦିନୀ, ନିତ୍ୟା ରାମରାଜ, ମୌମିତା ମଣ୍ଡଳ, ମଧୁସ୍ମିତା ଦେବ ଓ ଆଞ୍ଜେଲ ସିଲଭିଆ, ୪୦୦ ମିଟରରେ ଐଶ୍ୱର୍ଯ୍ୟା ମିଶ୍ର, ରୂପାଲ ଚୌଧାରୀ, ଭିଥ୍ୟା ରାମରାଜ, ଦେବ୍ୟାନିବା ଜାଲା, ବିଜୟା କୁମାରୀ ଜି.କେ., ଶୁଭା ଭେଙ୍କଟେଶନ, ଜିସ୍ନା ମାଥ୍ୟୁ, ୮୦୦ ମିଟରରେ ଚନ୍ଦା କେ.ଏମ୍., ପୂଜା, ଅମନ୍‌ଦୀପ କୌର, ନିଧି ସିଂ, ହୁଇଡ୍ରୋମ ଭୁମେଶ୍ୱରୀ, ଥୋଟା ସଙ୍କୀର୍ତ୍ତନ, ୧୫୦୦ ମିଟରରେ ପୂଜା, ଲିଲି ଦାସ, ଅଙ୍କିତା ଧ୍ୟାନି, ଚନ୍ଦା କେ.ଏମ୍., କାଜଲ କନ୍‌ୱାଡେ, ଭିନିତା ଗୁର୍ଜାର, ଦୀକ୍ଷା କେ.ଏମ୍. ଓ ଅମନଦୀପ କୌର ଭାଗ୍ୟ ପରୀକ୍ଷା କରିବେ। ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ସାହୁଙ୍କ ସହ ମୌମିତା ମଣ୍ଡଳ, ନିଥ୍ୟା ରାମରାଜ, ନନ୍ଦିନୀ କଙ୍ଗନ, ଅଞ୍ଜଲି ସି., ଅଗସାରା ନନ୍ଦିନୀ, ପ୍ରଞ୍ଜଲି ପାଟିଲ, କାନିମୋଝି ସିଂ ପ୍ରତିଦ୍ୱନ୍ଦ୍ୱିତା କରିବେ। ଲଙ୍ଗ୍‌ଜମ୍ପ୍‌ରେ ଶାହିଲ ସିଂ, ଆନ୍‌ସି ସୋଜାନ, ମୌମିତା ମଣ୍ଡଳ, ପଭନା ନାଗରାଜ, ଭବାନୀ ଯାଦବ, କୁସୁମା ରାଭାଡ଼ା, ସାନ୍ଦ୍ରା ବାବୁ, ମୁବାସିନା ମହମ୍ମଦ, ଅବିନୟା ଶ୍ରୀ, ଜାଭେଲିନ୍ ଥ୍ରୋରେ ଅନୁ ରାଣୀ, ଜ୍ୟୋତି ରାକେଶ, କରିସ୍ମା ଏସ୍. ସାନିଲ, ରମ୍ୟାଶ୍ରୀ ଜୈନ, ଶିଳ୍ପା ରାଣୀ ଓ ଉଭା ଚୌଧାରୀ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଆନ୍ଧ୍ରକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୫।୮ (ତପନ ସ୍ୱାଇଁ)**

## ଜାତୀୟ ଜୁନିୟର ମହିଳା ହକି

ଆନ୍ଧ୍ର ପ୍ରଦେଶର କାକିନାଡ଼ାଠାରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଓଡ଼ିଶା ବିଜୟ ହାସଲ କରିଛି। ଡିଭିଜନ-ଏ'ର ଏହି ମ୍ୟାଚରେ ଓଡ଼ିଶା ୩-୧ ଗୋଲରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସୁରେଖା ବାହାଲା ୧୩, କରୁନା ମିଞ୍ଜ ୨୧ ଓ ଦୃପତି ନାଏକ ୫୬ ଏବଂ ଆନ୍ଧ୍ର ପ୍ରଦେଶର ନୀହାରିକା ଟପ୍ପୋ ୫୨ତମ ମିନିଟରେ ଗୋଲ ସ୍କୋର କରିଥିଲେ। ଡିଭିଜନ-ଏ'ର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଝାଡ଼ଖଣ୍ଡ ୨-୦ରେ କର୍ନାଟକ, ହରିୟାଣା ୭-୧ରେ ବେଙ୍ଗଲ ଓ ମଧ୍ୟପ୍ରଦେଶ ୫-୦ରେ ଚଣ୍ଡିଗଡ଼କୁ ହରାଇ ଦେଇଛି। ଡିଭିଜନ-ବି'ର ୨ଟି ମ୍ୟାଚ୍‌ରେ ଉତ୍ତରାଖଣ୍ଡ ୧୧-୦ରେ ପୁଡୁଚେରୀକୁ ହରାଇଥିବା ବେଳେ ତାମିଲନାଡୁ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୩-୩ ଗୋଲରେ ଡ୍ର ରହିଛି। ଆନ୍ଧ୍ର ବିପକ୍ଷରେ ଉନ୍ନତ ପ୍ରଦର୍ଶନ ପାଇଁ ଓଡ଼ିଶାର ସୁରେଖା ଭୋଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ପ୍ଲେୟର ଅଫ୍ ଦି ମ୍ୟାଚ ଟ୍ରଫି ସହ ସୁରେଖା ଭୋଳ।

# ଅହମଦାବାଦ୍‌ରେ ୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ

**ନୂଆଦିଲ୍ଲୀ, ୫।୮ (ପି.ଟି.)**

୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ ଫୁଟ୍‌ବଲ କ୍ୱାଲିଫାୟର୍ସର ୭ ଆୟୋଜକଙ୍କ ମଧ୍ୟରେ ଭାରତ ହେଉଛି ଅନ୍ୟତମ। ଭାରତର ଅହମଦାବାଦ୍‌ରେ ନଭେମ୍ବର ୨୨ରୁ ୩୦ ପର୍ଯ୍ୟନ୍ତ ମ୍ୟାଚ୍ ଖେଳାଯିବ। କ୍ୱାଲିଫାୟର୍ସ ପାଇଁ ଡ୍ର' ଅଗଷ୍ଟ ୭ରେ ଅନୁଷ୍ଠିତ ହେବ। ଏଥିରେ ୩୮ଟି ଦେଶ ଭାଗନେବେ। ତିନୋଟି ଗ୍ରୁପ୍‌ରେ ୬ଟି ଲେଖାଏ ଦଳ ଏବଂ ଚାରୋଟି ଗ୍ରୁପ୍‌ରେ ୫ଟି ଲେଖାଏ ଦଳ ସ୍ଥାନ ପାଇବେ। ଗ୍ରୁପ୍ ବିଜେତାମାନେ ୨୦୨୬ରେ ସାଉଦି ଆରବରେ ଖେଳାଯିବାକୁଥିବା ୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍-୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଟୁର୍ନାମେଣ୍ଟର ଆୟୋଜକ ହିସାବରେ ଏହି ଦେଶ ପୂର୍ବରୁ ଆପେ ଯୋଗ୍ୟତା ଅର୍ଜନ କରିସାରିଛି। ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ କହିଛନ୍ତି, ଏସିଆନ କପ୍ କ୍ୱାଲିଫାୟର୍ସର ଆୟୋଜକ ହେବା ଭାରତ ପାଇଁ ଗର୍ବର ବିଷୟ। ଏହାଦ୍ୱାରା ଭାରତ ୧୭ ବର୍ଷରୁ କମ୍ ଏସିଆନ କପ୍ ପାଇଁ ଯୋଗ୍ୟତା ହାସଲ କରିପାରିବ ବୋଲି ସେ ଆଶା କରନ୍ତି, ଯାହାକୁ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍ ପାଇଁ ଏକ ଯୋଗ୍ୟତା ଟୁର୍ନାମେଣ୍ଟ ରୂପେ ବିବେଚନା କରାଯାଉଛି। କ୍ୱାଲିଫାୟର୍ସରେ ଭାଗ ନେଉଥିବା ୩୮ଟି ଦେଶକୁ ସିଡିଂ ଓ ପଟ୍ ଆଲୋକେଶନ ନୀତି ଅନୁସାରେ ୬ଟି ପଟ୍‌ରେ ବିଭକ୍ତ କରାଯାଇଛି। ଗତ ତିନୋଟି ଟୁର୍ନାମେଣ୍ଟ(୨୦୨୫, ୨୦୨୩ ଓ ୨୦୧୮)ର ପ୍ରଦର୍ଶନକୁ ଭିତ୍ତିକରି ଏହା କରାଯାଇଛି। ଡ୍ର' ବେଳେ ଆୟୋଜକ ଦେଶଗୁଡ଼ିକ ଯେପରି ପୃଥକ୍ ପୃଥକ୍ ଗ୍ରୁପ୍‌ରେ ସ୍ଥାନ ପାଇବେ ତାହାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଏକାଠି ଅନ୍ୟ ଏକ ଗ୍ରୁପ୍‌ରେ ରଖାଯାଇଛି। କ୍ୱାଲିଫାୟର୍ସର ଅନ୍ୟ ଆୟୋଜକ ଦେଶଗୁଡ଼ିକ ହେଲେ ଚାଇନା ପିଆର୍, ଭିଏତ୍‌ନାମ, ଥାଇଲାଣ୍ଡ, ମ୍ୟାନ୍‌ମାର, କିର୍‌ଗିଜ ରିପବ୍ଲିକ୍ ଓ ଜୋର୍ଡାନ। ଅନ୍ୟ ୬ଟି ଆୟୋଜକ ଦେଶ ମଧ୍ୟରୁ କେହି ଭାରତ ଗ୍ରୁପ୍‌ରେ ସ୍ଥାନ ପାଇନାହାନ୍ତି। ଆୟୋଜକ ପଟ୍‌ରେ ଚାଇନା ପିଆର, ଭିଏତ୍‌ନାମ, ଥାଇଲାଣ୍ଡ, ଭାରତ, ମ୍ୟାନ୍‌ମାର, କିରଗିଜ୍ ରିପବ୍ଲିକ ଓ ଜୋର୍ଡାନ ସ୍ଥାନ ପାଇଛନ୍ତି।

# ଜାତୀୟ ମାଷ୍ଟର ଶକ୍ତି ଉତ୍ତୋଳନରେ ଓଡ଼ିଶାକୁ ସଫଳତା

**ଭୁବନେଶ୍ୱର, ୫।୮ (ତପନ ସ୍ୱାଇଁ)**


ଜାତୀୟ ମାଷ୍ଟର ଶକ୍ତି ଉତ୍ତୋଳନରେ ଭାଗ ନେଇଥିବା ଓଡ଼ିଶା ପ୍ରତିଯୋଗୀ ଓ ଅଫିସିଆଲ।

କେରଳର କୋଜିକୋଡଠାରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ଓଡିଶାରୁ ୧୮ ପ୍ରତିଯୋଗୀ ଏହି କ୍ଲାସିକ ଶକ୍ତିଉତ୍ତୋଳନ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ମୋଟ ଉପରେ ୧ ସ୍ୱର୍ଣ୍ଣ ସହ ୫ ପଦକ ମିଳିଛି। ବାବୁଲା ସାମଲ ୯୩ କେଜି ମାଷ୍ଟର-୨ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗୋପାଳ ଚନ୍ଦ୍ର ଦାସ ୬୬ କେଜି ମାଷ୍ଟର-୨, ବଇବ କୁମାର ତଣ୍ଡି ୭୪ କେଜି ମାଷ୍ଟର-୩, ଶର୍ମିଷ୍ଠା ସେନାପତି ମହିଳା ମାଷ୍ଟର-୨ ବିଭାଗର ୭୪ କେଜି ଓ ଭାରତୀ ମହାପାତ୍ର ମାଷ୍ଟର-୧ ବର୍ଗର ୮୪ କେଜିରୁ ଉର୍ଦ୍ଧ୍ୱରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ବ୍ୟକ୍ତିଗତ ବର୍ଗରେ ମଧ୍ୟ ଆଉ କେତେକ ଶକ୍ତିଉତ୍ତୋଳକ ପଦକ ହାସଲ କରିଛନ୍ତି। ଯେପରିକି ରିତା ଘୋଷ ମହିଳା ୫୭ କେଜି ମାଷ୍ଟର-୧ ବର୍ଗର ବେଞ୍ଚ୍ ପ୍ରେସ୍‌ରେ ବ୍ରୋଞ୍ଜ ଓ ଡେଡ୍ ଲିଫ୍ଟରେ ବ୍ରୋଞ୍ଜ, ଉମାକାନ୍ତ ବେହେରା ୭୪କଜି ମାଷ୍ଟର-୧ରେ ବେଞ୍ଚ୍ ପ୍ରେସ୍‌ରେ ବ୍ରୋଞ୍ଜ, କୃଷ୍ଣ ଚନ୍ଦ୍ର ସାହୁ ୮୩ କେଜି ମାଷ୍ଟର-୨ରେ ସ୍କ୍ୱାଟ୍‌ରେ ରୌପ୍ୟ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ୯୩ କେଜି ମାଷ୍ଟର-୨ରେ ବେଞ୍ଚ୍ ପ୍ରେସ୍‌ରେ ରୌପ୍ୟ ପଦକ ପାଇଛନ୍ତି। ଓଡ଼ିଶା ଦଳ ସହ ଟିମ୍ ମ୍ୟାନେଜର ଓ କୋଚ୍‌ଭାବେ ରାକେଶ ଶତପଥୀ କେରଳ ଯାତ୍ରା କରିଥିଲେ। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ପକ୍ଷରୁ ପଦକ ବିଜେତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଏମ୍‌ବୋକୋ ସେମିରେ

**ମଣ୍ଟ୍ରିଲ, ୫।୮ (ଏପି)**

କାନାଡ଼ାର ସ୍ୱଳ୍ପବୟସ୍କା ଭିକ୍ଟୋରିଆ ଏମ୍‌ବୋକୋ ଏଠାରେ ଚାଲିଥିବା ନ୍ୟାଶନାଲ ବ୍ୟାଙ୍କ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିରେ ସେ ସ୍ପେନ୍‌ର ଜେସିକା ବୋଜାସ ମାନିରୋଙ୍କୁ ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସେ ତାଙ୍କ କ୍ୟାରିୟରରେ ପ୍ରଥମଥର ଏକ ଡବ୍ଲ୍ୟୁଟିଏ ଟୁର୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିପାରିଛନ୍ତି। ଦୁଇଦିନ ପୂର୍ବରୁ ନମ୍ବର-୧ ସିଡ୍ କୋକୋ ଗଫ୍‌ଙ୍କୁ ପରାସ୍ତ କରିବା ପରେ ଟରଣ୍ଟୋର ଏହି ୧୮ ବର୍ଷୀୟା ଆଉ ପଛକୁ ଫେରିନାହାନ୍ତି।

# ଖୋର୍ଦ୍ଧା ଜିଲା ଓପନ ଚେସ୍ ୯ରୁ

**ଭୁବନେଶ୍ୱର, ୫।୮ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓପନ ଚେସ୍ ଟୁର୍ନାମେଣ୍ଟ ଆସନ୍ତା ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହେବ। ଘାଟିକିଆର ଏପିଜେ ସ୍କୁଲରେ ଏହି ସମ୍ମାନଜନକ ପ୍ରତିଯୋଗିତାର ପ୍ରତି ସେକ୍ସନରୁ ୪ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳି ରାଜ୍ୟ ସିନିୟର ଓପନ ଚେସ୍ ଖେଳିବାକୁ ଯୋଗ୍ୟ ବିବେଚିତ ହେବେ। ଆୟୋଜକ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତାକୁ ପୂର୍ବତନ ଓଡ଼ିଶା ଡିଜିପି ସ୍ୱର୍ଗତ ଶରତ ଚନ୍ଦ୍ର ମିଶ୍ରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ପୁରସ୍କାର ରାଶି ୫୦,୦୦୦ ଟଙ୍କା ରଖାଯାଇଛି। ମେରିଟ ସେକ୍ସନ ପାଇଁ ୧୫ ଟ୍ରଫି ସହ ୩୦,୪୦୦ ଟଙ୍କାର ପୁରସ୍କାର ରାଶି ରହିଛି। ଏହା ବ୍ୟତୀତ ୪୮ଟି ଆକର୍ଷଣୀୟ ଟ୍ରଫି ବିଭିନ୍ନ ଏଜ୍ ଗ୍ରୁପ୍ ଏବଂ ଅନ୍ୟ ବିଭାଗର କୃତୀ ଖେଳାଳିଙ୍କୁ ପ୍ରଦାନ କରାଯିବ। ପ୍ରତିଯୋଗିତା ପାଇଁ ୬୦୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି। କେବଳ ଖୋର୍ଦ୍ଧା ଜିଲାର ଖେଳାଳିମାନେ ହିଁ ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି।

# ଭାରତ ଜିତିଲା ରାକେଟ୍‌ଲନ କପ୍

**ରୋଟରଡାମ୍, ୫।୮ (ପି.ଟି.)**

ବିକ୍ରମାଦିତ୍ୟ ଚୌଫଲାଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ଡେନ୍‌ମାର୍କ ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲକରି ରାକେଟ୍‌ଲନ ବିଶ୍ୱ ଚାମ୍ପିୟନଶିପ୍ ଚ୍ୟାଲେଞ୍ଜର୍ସ କପ୍ ହାସଲ କରିଛି। ଭାରତ କ୍ୱାର୍ଟର ଫାଇନାଲରେ ୟୁଏସ୍‌ଏକୁ ପରାସ୍ତ କରିଥିବା ବେଳେ ସେମିଫାଇନାଲରେ ଜର୍ମାନୀକୁ ହରାଇଥିଲା। ଚୌଫଲାଙ୍କ ବଳିଷ୍ଠ ନେତୃତ୍ୱ, ରଣନୀତି ଓ ଧୈର୍ଯ୍ୟ ଯୋଗୁ ଏହା ସମ୍ଭବ ହୋଇପାରିଛି। ସେ ହେଉଛନ୍ତି ନେଶନ୍ସ କପ୍ ସ୍ୱର୍ଣ୍ଣବିଜେତା। ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କର ଏହା ହେଉଛି ଦ୍ୱିତୀୟ ବିଶ୍ୱ ଟାଇଟଲ। ରାକେଟ୍‌ଲନ ହେଉଛି ଏକ କମ୍ବିନେଶନ ସ୍ପୋର୍ଟ୍ସ। ଏଥିରେ ୪ଟି ର୍‍ୟାକେଟ ସ୍ପୋର୍ଟ୍ସ ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନ, ଟେନିସ୍ ଓ ସ୍କାଶ୍ ଖେଳିବାକୁ ପଡ଼ିଥାଏ।

# ଗମ୍ଭୀର-ଅଗରକର ପ୍ରଭାବ: ଏଣିକି ୟୁନିଫର୍ମ ଟିମ୍ କଲ୍‌ଚର

**ନୂଆଦିଲ୍ଲୀ, ୫।୮ (ପି.ଟି.)**




ଭାରତୀୟ କ୍ରିକେଟରେ ଆଉ ମେଗା ଷ୍ଟାର ସଂସ୍କୃତି ଚଳିବ ନାହିଁ, ଯାହାକୁ ଗୌତମ ଗମ୍ଭୀର ସବୁବେଳେ ବିରୋଧ କରି ଆସୁଥିଲେ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୨-୨ରେ ଡ୍ର ରଖିବାରେ ଭାରତ ସମର୍ଥ ହେବାପରେ ଏକଥା ଉଠିଛି। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଓ ଗମ୍ଭୀରଙ୍କ ହାତମୁଠା ଏବେ ଟାଣ ହୋଇଛି। ଏଣିକି ୟୁନିଫର୍ମ ଟିମ୍ କଲଚର ଚାଲିବ। ଆର୍ଥାତ ଦଳରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖାଯିବ। ପୂର୍ବରୁ ଯେପରି କେତେଜଣ ନିର୍ଦ୍ଦିଷ୍ଟ ଖେଳାଳିଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଆଯାଉଥିଲା। ତାହା ଆଉ ହୋଇ ନ ପାରେ। ସେମାନଙ୍କ କ୍ଷେତ୍ରରେ ଆଉ କାର୍ଯ୍ୟଭାର ପରିଚାଳନା ଅବା ୱାର୍କଲୋଡ୍ ମ୍ୟାନେଜମେଣ୍ଟ ସେତେଟା କାର୍ଯ୍ୟକରିବ ନାହିଁ। ଏହାଦ୍ୱାରା କେତେଜଣ ଖେଳାଳି ସେମାନଙ୍କ ପସନ୍ଦ ମୁତାବକ ଗେମ୍ ଓ ସିରିଜରେ ଖେଳୁଥିଲେ ଅବା ଓହରିଯାଉଥିଲେ। ଆଗକୁ ଆଲୋଚନା ପରେ କେନ୍ଦ୍ରୀୟ ଚୁକ୍ତି ପରିସରଭୁକ୍ତ ଖେଳାଳିମାନଙ୍କୁ ବାର୍ତ୍ତା ପଠାଯିବ। ବିଶେଷ କରି ଯେଉଁମାନେ ସମସ୍ତ ଫର୍ମାଟରେ ନିୟମିତ ଖେଳିଥାନ୍ତି ଏଣିକି ସେମାନେ କାର୍ଯ୍ୟଭାର ବାହାନା ଦେଖାଇ କେଉଁ ଗେମ୍ ଅବା ସିରିଜରେ ଖେଳି ଅବା ନ ଖେଳିବେ ତାହା ନିଜେ ସ୍ଥିର କରିପାରିବେ ନାହିଁ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ନାମ ଗୋପନ ସର୍ତ୍ତରେ କହିଛନ୍ତି। ସେ କହିଛନ୍ତି, ୱାର୍କଲୋଡ୍ ମ୍ୟାନେଜମେଣ୍ଟ ସମ୍ପୂର୍ଣ୍ଣ ହଟାଇ ଦିଆଯିବ ନାହିଁ। ବିଶେଷକରି ଫାଷ୍ଟ ବୋଲରଙ୍କ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। ମାତ୍ର କାର୍ଯ୍ୟଭାର ଦର୍ଶାଇ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ନ ଖେଳିବା ଗ୍ରହଣଯୋଗ୍ୟ ହେବ ନାହିଁ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜରେ ମହମ୍ମଦ ସିରାଜ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚମତ୍କାର ବୋଲିଂ କରିବା ସହ ତାଙ୍କ ଫିଟ୍‌ନେସ ବଜାୟ ରଖିପାରିଛନ୍ତି। ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଆକାଶ ଦୀପ ତାଙ୍କ ପ୍ରଦର୍ଶନ ଜରିଆରେ ସୂଚାଇ ଦେଇଛନ୍ତି ଯେ, ସେମାନେ ଦଳ ଆଗରେ କେହି ବଡ଼ ନୁହଁନ୍ତି। ଷ୍ଟାର ଖେଳାଳି ମଧ୍ୟ ତା' ଆଗରେ ମୂଲ୍ୟହୀନ। ସିରିଜରେ ଏହା ମଧ୍ୟ ଦେଖିବାକୁ ମିଳିଥିଲା ଯେ, ଇଂଲଣ୍ଡ ଅଧିନାୟକ ଏକାଧିକ ସମସ୍ୟା ଘେରରେ ଥାଇ ସୁଦ୍ଧା ମାରାଥନ ବୋଲିଂ କରିଥିଲେ। ଚତୁର୍ଥ ଟେଷ୍ଟ ଶେଷ ପରେ ଏକ ବିତର୍କ ବେଳେ ନିଜର ସୁବିଧା ପାଇଁ ୱାର୍କଲୋଡ୍ ବ୍ୟବସ୍ଥାର ଉପଯୋଗ କରାଯାଉ ନାହିଁ ତ ବୋଲି ମନରେ ପ୍ରଶ୍ନ ଆସିଥିଲା। ଭାରତର ପୂର୍ବତନ ଅଧିନାୟକ ସୁନିଲ ଗାଭାସ୍କାର କାର୍ଯ୍ୟଭାର ପରିଚାଳନା ଅତ୍ୟଧିକ ବ୍ୟବହାର ପ୍ରସଙ୍ଗ ଉପରେ ଏକ ଆଲୋଚନାରେ ଭାଗ ନେଇଥିଲେ। ସେ କହିଥିଲେ, ନିଜ ଦେଶ ପାଇଁ ଖେଳୁଥିବାବେଳେ ସାମାନ୍ୟ ଇଞ୍ଜୁରୀ କିମ୍ବା ଯନ୍ତ୍ରଣାକୁ ଭୁଲିଯିବାକୁ ହୁଏ। ସୀମାନ୍ତରେ ମୁତୟନ ବେଳେ ଜବାନ ସେଠାରେ ଜଳବାୟୁ ଖୁବ୍ ଥଣ୍ଡା ବୋଲି କେବେ କଥା ଉଠାଇ ନ ଥାନ୍ତି। ସେ ରିଷଭ ପନ୍ତଙ୍କ ଉଦାହରଣ ଦେଇଥିଲେ। ତାଙ୍କ ହାଡ ଭାଙ୍ଗିଯାଇଥିଲେ ମଧ୍ୟରେ ସେ ବ୍ୟାଟିଂ କରିବା ଲାଗି ପଡ଼ିଆକୁ ଓହ୍ଲାଇଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ